# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, November 15/2024 | Page 18 | ₹ 7.00

୫୦ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 350 | ମୂଲ୍ୟ ₹୭/-




ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫/୨୦୨୪ | Bhubaneswar, Friday, November 15/2024


# ଆଜିଠୁ କଟକ ବାଲିଯାତ୍ରା


ବାଲିଯାତ୍ରା ପାଇଁ ତଳପଡ଼ିଆରେ ନିର୍ମିତ ବାରବାଟୀ ଦୁର୍ଗ ତୋରଣ।

■ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
■ ମିଳିପାରେ ଅନ୍ତର୍ଜାତୀୟ ମାନ୍ୟତା

କଟକ,୧୪।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ଏସିଆ ମହାଦେଶର ସର୍ବବୃହତ ମୁକ୍ତାକାଶ ମେଳା ତଥା ଐତିହାସିକ କଟକ ବାଲିଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହେବ। ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବାଲିଯାତ୍ରା ମହୋତ୍ସବ-୨୦୨୪କୁ ଉଦ୍‌ଘାଟନ କରିବେ। ଏଥିସହ ୧୩ ରାଷ୍ଟ୍ରର ରାଷ୍ଟ୍ରଦୂତ ଏବଂ ହାଇକମିଶନରଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବାଲିଯାତ୍ରା ୨୨ ତାରିଖ ପର୍ଯ୍ୟନ୍ତ ୮ଦିନ ଧରି ଚାଲିବ। ପ୍ରଥମ ଥର ବାଲିଯାତ୍ରା ପଡ଼ିଆରେ ପିଠା ମହୋତ୍ସବ ଆୟୋଜନ ହେବ। ବାଲିଯାତ୍ରା ମହୋତ୍ସବକୁ ଅନ୍ତର୍ଜାତୀୟ ମାନ୍ୟତା ବା ୟୁନେସ୍କୋ ସାର୍ଟିଫିକେଶନ୍ ହାସଲ କରିବା ଲକ୍ଷ୍ୟ ରଖାଯାଇ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି ବୋଲି ଗୁରୁବାର ବାଲିଯାତ୍ରା ଉପର ପଡ଼ିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି।

ଏନେଇ ଜିଲାପାଳ ଅଧିକ ସୂଚନା ଦେଇ କହିଛନ୍ତି, ଅତିଥିମାନେ ସିଲଭରସିଟି ବୋଟ କ୍ଲବଠାରୁ ୪ଟି ବୋଇତ ସଦୃଶ ବୋଟରେ ମଞ୍ଚ ନିକଟକୁ ଆସିବାର ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ** ଚାଇନା ଡରାଉଛି

# ମଧ୍ୟାହ୍ନଭୋଜନ ମୂଲ୍ୟରେ ୧ ଟଙ୍କା ବଢ଼ିଲା

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

## ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ହେଲା ମାଗଣା

ଭୁବନେଶ୍ୱର,୧୪।୧୧ (ଅନିଲ ଦାସ)

ରାଜ୍ୟ ସରକାର ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚକୁ ପ୍ରତି ପିଲା ପିଛା ଦୈନିକ ୧ ଟଙ୍କା ବୃଦ୍ଧି କରିଛନ୍ତି । ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରଙ୍କ ମାସିକ ୨ହଜାର ଟଙ୍କା ଖର୍ଚ୍ଚକୁ ମଧ୍ୟ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ଛାତ୍ରାବାସରେ ଛାତ୍ରୀଛାତ୍ରମାନେ ମାଗଣାରେ ରହିପାରିବେ। ରାଜ୍ୟ ସରକାର ସେମାନଙ୍କ ହଷ୍ଟେଲ ଖର୍ଚ୍ଚ ବହନ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ 'ସୁରଭି'ରେ ଯୋଗଦେଇ ଏହି ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ଓ ଐତିହ୍ୟ ସ୍କୁଲ ଯୋଜନାର ଶୁଭାରମ୍ଭ କରିବା ସହ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ପ୍ରତି ପିଲାଙ୍କ ପିଛା ୧ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ରାଜ୍ୟର ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପ୍ରାୟ ୪୩ଲକ୍ଷ ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ। ଏବେ ପ୍ରତ୍ୟେକ ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚ ବାବଦରେ ରାଜ୍ୟ ସରକାର ଦୈନିକ ୫.୯୦ଟଙ୍କା ଓ ଉଚ୍ଚପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୮.୮୨ଟଙ୍କା ଖର୍ଚ୍ଚ କରୁଛନ୍ତି। ବଜାର ଦରବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଦୈନିକ ମଧ୍ୟାହ୍ନଭୋଜନ ଖର୍ଚ୍ଚରେ ୧ ଟଙ୍କା ବୃଦ୍ଧି କରିଛନ୍ତି। ଏଥିସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରଙ୍କଠୁ ନିଆଯାଉଥିବା ମାସିକ ୨ ହଜାର ଟଙ୍କା ଲେଖାଏ ଖାଇବା ଖର୍ଚ୍ଚକୁ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଅଭିଭାବକମାନଙ୍କ ଅନୁରୋଧକୁ ରକ୍ଷାକରି ସରକାର ଏହି ମାସିକ ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ୩୧୪ ବ୍ଲକରେ ଓଡ଼ିଶା ଆଦର୍ଶ ସ୍କୁଲ ☞ପୃଷ୍ଠା-୯


ଭୁବନେଶ୍ୱର ୟୁନିଟ୍ -୩ କ୍ୟାପିଟାଲ ହାଇସ୍କୁଲରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନାରତ। ନିକଟରେ ଅଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ଅତିଥିମାନେ।

# ଫେବୃଆରୀ ୨୧ରୁ ମାଟ୍ରିକ୍ ପରୀକ୍ଷା

**ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା**

କଟକ,୧୪।୧୧ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା-୨୦୨୫ ଆଗାମୀ ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ତାରିଖରେ ଶେଷ ହେବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ନିମନ୍ତେ ଗୋଟିଏ କାର୍ଯ୍ୟସୂଚୀ ଓ ସମାନ ପ୍ରଶ୍ନପତ୍ର କରାଯାଇଥିବା ବୋର୍ଡ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତ୍ୟେକ ପରୀକ୍ଷା ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ରେ ସରିବ। କେବଳ ଗଣିତ ପରୀକ୍ଷାରେ ୧୫ ମିନିଟ ସମୟ ଅଧିକ ଦିଆଯିବ ଏବଂ ଉକ୍ତ ପରୀକ୍ଷା ୧୧ଟା ୪୫ରେ ସରିବ।

କାର୍ଯ୍ୟସୂଚୀ ଅନୁଯାୟୀ, ଫେବୃଆରୀ ୨୧ ତାରିଖ ଶୁକ୍ରବାର ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ ଓ ତେଲୁଗୁ, ୨୪ ତାରିଖ ସୋମବାର ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ), ୨୫ ତାରିଖ ମଙ୍ଗଳବାର ଟିଏଲ୍‌ଭି ପ୍ରାକ୍ଟିକାଲ, ୨୭ ତାରିଖ ଗୁରୁବାର ☞ପୃଷ୍ଠା-୯

# ଖଣିରେ ବେଆଇନ ଭାବେ ପଶି ଫସିଛନ୍ତି ୪,୦୦୦ ଶ୍ରମିକ

ଜୋହାନ୍ସବର୍ଗ,୧୪।୧୧

ଦକ୍ଷିଣ ଆଫ୍ରିକାର ଉତ୍ତରପଶ୍ଚିମ ପ୍ରଦେଶରେ ଥିବା ଏକ ଖଣିରେ ୪,୦୦୦ ବେଆଇନ ଖନନକାରୀ ଫସିରହିଛନ୍ତି। ବେଆଇନ ଖଣି ଖନନ ରୋକିବା ପଦକ୍ଷେପ ସ୍ୱରୂପ ସେମାନଙ୍କ ପାଖକୁ ମୌଳିକ ଆବଶ୍ୟକତା ପଠାଇବା ବନ୍ଦ କରିଦିଆଯାଇଛି। ଦକ୍ଷିଣ ଆଫ୍ରିକା ସରକାର ସେମାନଙ୍କୁ ସହାୟତା କରିବେ ନାହିଁ ବୋଲି କହିଛନ୍ତି। ଷ୍ଟିଲ୍‌ଫୋଣ୍ଟାଇନ୍‌ଠାରେ ଥିବା ଉକ୍ତ ଖଣିର ପ୍ରବେଶପଥକୁ ପୋଲିସ ବନ୍ଦ କରିଦେଇଛି। ସେଠାକୁ ବାହାରୁ କୌଣସି ସାମଗ୍ରୀ ଯାଇପାରୁ ନ ଥିବାରୁ ଶ୍ରମିକମାନେ ଖାଦ୍ୟ, ପାନୀୟ ଜଳ ଅଭାବର ସମ୍ମୁଖୀନ ହୋଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ନ ମିଳିଲେ, ଶ୍ରମିକମାନେ ବାହାରକୁ ପଳାଇଆସିବାକୁ ବାଧ୍ୟ ହେବେ ଏବଂ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ୩ ଜଣଙ୍କୁ ଖଣିରୁ ବାହାର କରାଯାଇଥିବାବେଳେ ଭୂଗର୍ଭରେ ପ୍ରାୟ ୪,୦୦୦ ଶ୍ରମିକ ରହିଥିବା ସେମାନେ ସୂଚନା ଦେଇଛନ୍ତି। ☞ପୃଷ୍ଠା-୯




ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫/୨୦୨୪ Bhubaneswar, Friday, November 15/2024



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବ, ସ୍ଥାନ: କାଳୀଘାଟ, କୁଆଖାଇ ସେତୁ, ପାଣ୍ଡରା, ସମୟ: ପ୍ରାତଃ ୪ଟା।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଲିଙ୍ଗିପୁର-ନାଥପୁର ଘାଟ, ସମୟ: ପ୍ରାତଃ ୪ଟା ୩୦।
- ବାରଙ୍ଗ ମହୋତ୍ସବ କମିଟି ପକ୍ଷରୁ ବନ୍ଦାଣ ଉତ୍ସବ, ସ୍ଥାନ: ପୁରୀ ମୁଖ୍ୟ କେଲାନ, ବାରଙ୍ଗ ବ୍ଲକ ସମ୍ମୁଖ, ସମୟ: ପ୍ରାତଃ ୫ଟା।
- କୁଶଭଦ୍ରା ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବାଲିଅନ୍ତା ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ନିକଟ କୁଶଭଦ୍ରା ନଦୀ କୂଳ, ସମୟ: ସକାଳ ୮ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି, ଜାଭିୟର ମାର୍ଗ, ମୈତ୍ରୀ ବିହାର, ସମୟ: ସକାଳ ୮ଟା ୩୦।
- ଶ୍ରୀ ଗୁରୁ ନାନକ ଦେବଙ୍କ ଜନ୍ମଦିବସ, ସ୍ଥାନ: ଗୁରୁଦ୍ୱାର ସିଂ ସଭା, ଜନପଥ, ଖାରବେଳ ନଗର, ସମୟ: ସକାଳ ୯ଟା।
- ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ବୋଇତ ବନ୍ଦାଣ ଉତ୍ସବ ତଥା ସମ୍ରାଟ ଖାରବେଳଙ୍କ ଜୟନ୍ତୀ, ସ୍ଥାନ: ପାଞ୍ଚିକା ମଣ୍ଡପ, ଖଣ୍ଡଗିରି-ଉଦୟଗିରି ଐତିହ୍ୟ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ୱାଇସ୍ ମହିଳା ସାମାଜିକ ଅନୁଷ୍ଠାନ ଭୁବନେଶ୍ୱରର ୯ମ ବାର୍ଷିକୋତ୍ସବ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ଅପରାହ୍ନ ୧ଟା ୧୫।
- ୪ର୍ଥ ନୃତ୍ୟସୁଧା ନୃତ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା।
- କବି ଧୀରେନ ଆଚାର୍ଯ୍ୟଙ୍କ ଗୀତି କବିତା ଉନ୍ମୋଚନ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ଅପରାହ୍ନ ୫ଟା।
- ୧୨ତମ ଓଡ଼ିଶା ରାଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- କାର୍ତ୍ତିକେୟ ପୂଜା ଅବସରରେ କମିଟି ପକ୍ଷରୁ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ରୁଦ୍ରପୁର-ସୁନ୍ଦରାପାଟଣା ଗ୍ରାମ କ୍ଲବ ପଡ଼ିଆ, ସମୟ: ରାତି ୧୧ଟା।

## ପୁରୀ

- ସଙ୍ଗମ ଚାରିଟେବଲ ଟ୍ରଷ୍ଟ ଓ ବୋଇତ ବନ୍ଦାଣ ପରିଚାଳନା କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଓ ସଭା, ସ୍ଥାନ: ଦୁର୍ଗା ମଣ୍ଡପ ପଡ଼ିଆ, ନିମାପଡ଼ା, ସମୟ: ପ୍ରାତଃ ୪ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ସାକ୍ଷୀଗୋପାଳଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ସୁନାବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର, ସ୍ଥାନ: ସାକ୍ଷୀଗୋପାଳ, ସମୟ: ପ୍ରାତଃ ୫ଟା।
- ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀ ଗୋପୀନାଥ ଦେବ ମନ୍ଦିର ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚକ ଅବସରରେ ଶରତ ରାହାସ ପୂର୍ଣ୍ଣାହୁତି, ସ୍ଥାନ: ପତିତପାବନ ମନ୍ଦିର ସମ୍ମୁଖ ଯଜ୍ଞ ମଣ୍ଡପ, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବେଗୁନିଆ ଦାଶ ଗାଡ଼ିଆ ପୋଖରୀ, ସମୟ: ସକାଳ ୯ଟା।
- ୩୭ତମ ଗୀତଯଜ୍ଞ ଶ୍ରୀମଦ୍ ଭାଗବତ ସପ୍ତାହ ଓ ପୁରାଣ ପାଠ ଉଦ୍‌ଯାପନୀ, ସ୍ଥାନ: ତାରେଶ୍ୱରଦେବ ମନ୍ଦିର ପରିସର, ଜଟଣୀ, ସମୟ: ଅପରାହ୍ନ: ୪ଟା ୪୫।

## ବାଲେଶ୍ୱର

- ବୋଇତ ବନ୍ଦାଣ ଉତ୍ସବ ଓ ସୁବର୍ଣ୍ଣରେଖା ନଦୀ ଆଳତୀ, ସ୍ଥାନ: ବେଣାପୁରା ବାରୁଣୀ ପଡ଼ିଆ, ରାଜଘାଟ, ବସ୍ତା, ସମୟ: ପ୍ରାତଃ ୫ଟା।
- ଐତିହାସିକ ଶୂନ୍ୟମଣ୍ଡପରେ ପଞ୍ଚକ ମେଳା, ସ୍ଥାନ: ଶୂନ୍ୟମଣ୍ଡପ ପରିସର, କୁପାରୀ, ଖଇରା, ସମୟ: ପ୍ରାତଃ ୫ଟା।
- ଭଗିଆଶୁଣୀଙ୍କ ପୀଠରେ ମହାମନ୍ତ୍ର ନାମଯଜ୍ଞ, ସ୍ଥାନ: ଭଗିଆ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଜିଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଓ ଉତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆରୁହାବୃତ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଜିଲା ବ୍ୟାଡମିଣ୍ଟନ ଲିଗ୍ ସିଜନ୍-୧ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- କମର୍ଦ୍ଦା ଥାନା ଦୁଡ଼ପଲଠାରେ ବର୍ଣ୍ଣାଢ୍ୟ ରାହସ ଉତ୍ସବ, ସ୍ଥାନ: ଦୁଡ଼ପଲ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।
- ୨୦ତମ ରାସ ପୂର୍ଣ୍ଣିମା ମହୋତ୍ସବ ଘଟୋ ଉତ୍ତୋଳନ, ସ୍ଥାନ: ରାଉତପଡ଼ା ରାଧାକୃଷ୍ଣ ମନ୍ଦିର ପରିସର, ଗୁପସା, ସମୟ: ରାତି ୮ଟା।

## ଭଦ୍ରକ

- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ଭୋର ୪ଟା।
- ରାଧାକୃଷ୍ଣଙ୍କ ପୂଜା ଉତ୍ସବ, ସ୍ଥାନ: ବେଗନା, ବନ୍ତ, ସମୟ: ପ୍ରାତଃ ୫ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ତିହିଡ଼ି ବଜାର, ସମୟ: ସକାଳ ୬ଟା।
- ୧୭ତମ ବାର୍ଷିକ ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବ-୨୦୨୪, ସ୍ଥାନ: ଶାଶୁଭୁଆଶୁଣୀ, ଚୁଡ଼ାମଣି ଘାଟ, ବାସୁଦେବପୁର, ସମୟ: ସକାଳ ୭ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ସକାଳ ୭ଟା।
- ବୋଇତ ବନ୍ଦାଣ, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: କାନପୁର, ପୀରହାଟ, ତିହିଡ଼ି, ସମୟ: ସକାଳ ୮ଟା।
- ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତିହିଡ଼ି, ସମୟ: ସକାଳ ୯ଟା।
- ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଭୈରବପୁର ରାଧାକୃଷ୍ଣ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଗଙ୍ଗାମାତା ପଡ଼ିଆ, ଧାମରା, ସମୟ: ପୂର୍ବାହ୍ନ ୧୧ଟା।
- ୨୪ତମ ଭଦ୍ରକ ପୁସ୍ତକ ମେଳା ଉଦ୍‌ଘାଟନ, ସ୍ଥାନ: ମନମୋହନ ସଙ୍ଗୀତ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ଗୋବିନ୍ଦପୁର, ବନ୍ତ, ସମୟ: ରାତି ୧୨ଟା।

## କେନ୍ଦୁଝର

- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ରାଜନଗର ବୈତରଣୀ ନଦୀ ଶୈଯ୍ୟା, କାବେରୀ ଘାଟ, ପାଟଣା, ସମୟ: ପ୍ରାତଃ ୪ ଟା।
- 'ଧରତୀ ଅବା' ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମଜୟନ୍ତୀ, ସ୍ଥାନ: କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା, ସ୍ଥାନ: ବଡ଼ରମ୍ପାସ, ଗୁକୁଣା ଛେନାପଦି, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ସଦଗୋପ ସମାଜ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞର ନାମାରମ୍ଭ, ସ୍ଥାନ: ଜୁବୁଲି ଲାଇବ୍ରେରୀ, ବାରିପଦା,ସମୟ: ପ୍ରାତଃ ୫ଟା।
- ମା'ଭୈରବୀ ମନ୍ଦିରର ବାର୍ଷିକୋତ୍ସବ,ସ୍ଥାନ: ଭୈରବୀ ମନ୍ଦିର ପ୍ରାଙ୍ଗଣ, ମୋରଡ଼ା ବ୍ଲକ ଅଧୀନ, ଚିତ୍ରଡ଼ା,ସମୟ: ସକାଳ ୬ଟା।
- ମା'କୀଚକେଶ୍ୱରୀଙ୍କ ସୁନାବେଶ, ସ୍ଥାନ: ରଗୁଆଁ ବ୍ଲକ ଅଧୀନ ଖିଚିଂ ମନ୍ଦିର,ସମୟ: ସକାଳ ୭ଟାରୁ ଅପରାହ୍ନ ୩ଟା।
- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା,ସମୟ: ସକାଳ ୭ଟାରୁ ୮ଟା।
- ରାଧାକୃଷ୍ଣ ପୂଜା ଓ ଷୋହଳ ପ୍ରହର ନାମଯଜ୍ଞର ନାମାରମ୍ଭ, ସ୍ଥାନ:ହାତୀମଡ଼ା, ବଡ଼ସାହି ବ୍ଲକ, ସମୟ:ସକାଳ ୮ଟା।
- ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ପୂଜା ଲାଗି ଘଟୋତ୍ତଳନ, ସ୍ଥାନ: ଇଟାମୁଣ୍ଡିଆ, ବଡ଼ସାହି, ସମୟ: ସକାଳ ୯ଟା।
- ରାସ ପୂର୍ଣ୍ଣିମା ଏବଂ ଲକ୍ଷ୍ମୀ ନାରାୟଣ ପୂଜା, ସ୍ଥାନ:ଉଦଳା ଜଗନ୍ନାଥ ମନ୍ଦିର,ସମୟ: ସକାଳ ୯ଟା।
- ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ:ଉଦଳା ଏନ୍‌ଏସି ଜଗନ୍ନାଥୀ ଖେଳ ପଡ଼ିଆ,ସମୟ:ସକାଳ ୯ଟା୩୦।
- ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ, ସ୍ଥାନ:କଳିଆପଦା,ଗୋପବନ୍ଧୁ ନଗର,ସମୟ: ପୂର୍ବାହ୍ନ ୧୦ଟା।
- ମା' ଜଗଦ୍ଧାତ୍ରୀଙ୍କ ମେଳା, ସ୍ଥାନ: ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ୧୭ ତମ ଶିଶୁ ସଂସ୍କାର ମହୋତ୍ସବ, ସ୍ଥାନ: ଶିଶୁ ଉଦ୍ୟାନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ବି.କେ.ବି ଯୁବକ ସଂଘ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ:ମାଣଡ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି ବ୍ଲକ,ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା, ସ୍ଥାନ:ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ:ସନ୍ଧ୍ୟା ୬ରୁ ୮ଟା।
- ମୟୂରଭଞ୍ଜ ଝୁମର ମେଲୋଡି,ସ୍ଥାନ:ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୮ଟାରୁ ରାତି ୧୧ଟା।

## ବ୍ରହ୍ମପୁର

- ବ୍ରହ୍ମପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳପଡିଆ, ସମୟ: ସନ୍ଧ୍ୟା ୫ଟା ୩୦।

## ଗଞ୍ଜାମ

- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବୁଗୁଡା ବିରଞ୍ଚିପୁର,ସମୟ: ସକାଳ ୭ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଉତ୍ସବ, ସ୍ଥାନ: ବୁଗୁଡା ବୁଦ୍ଧଖୋଲ,ସମୟ: ସକାଳ ୮ଟା।
- ବୋଇତ ବନ୍ଦାଣ ଉତ୍ସବରେ ରାମାୟଣ ନାଟକ, ସ୍ଥାନ: ଖଲ୍ଲିକୋଟ ସକଳେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୋଇତ ବନ୍ଦାଣ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳପୁର ବେଳାଭୂମି ମୁହାଣ,ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।

## କନ୍ଧମାଳ

- ଜନଜାତୀୟ ଗୌରବ ଦିବସ ପାଳନ, ସ୍ଥାନ: ଫୁଲବାଣୀ ବିଟିମ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।
- ବିର୍ସାମୁଣ୍ଡାଙ୍କ ଜୟନ୍ତୀରେ ସଭା, ଶୋଭାଯାତ୍ରା, ସ୍ଥାନ: ସାରିଙ୍ଗିଇର୍ପି ସଭା ପଡିଆ, ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସନ୍ଧ୍ୟାତାରା ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଭାଗୀରଥୀ ସାଗର(ନୂଆ ପୋଖରୀ), ସମୟ: ପ୍ରାତଃ ୫ଟା୩୦।
- କପିଳାସ ମହୋତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ: କପିଳାସ ଶୈବପୀଠ, ସମୟ: ସକାଳ ୯ଟା।
- ଜନଜାତୀୟ ଗୌରବ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ଢେଙ୍କାନାଳ, ସମୟ: ସକାଳ ୯ଟା ୧୫।
- ବୋଇତ ବନ୍ଦାଣ ଉତ୍ସବ , ସ୍ଥାନ: ସରାଙ୍ଗ ଅନନ୍ତ ଶୟନ, ପରଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ହନୁମାନ ଉପାସନା ସମିତି ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଯଜ୍ଞ ସମାପନ ଉତ୍ସବ, ସ୍ଥାନ: ହନୁମାନ ମନ୍ଦିର ବେଳାଭୂମି ରାସ୍ତା ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ମେରାଇନ ଜେଟି, ନିଷିଦ୍ଧାଞ୍ଚଳ, ପାରାଦୀପ, ସମୟ: ସକାଳ ୭ଟା୩୦।
- ଦଶମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ, ନାଉଗାଁ ମହୋତ୍ସବ, ସ୍ଥାନ: ଶିଖର ଘାଟ ବାଲିଯାତ୍ରା ପଡ଼ିଆ, ନାଉଗାଁ, ସମୟ: ସକାଳ ୮ଟା।
- ଚେଲିତୋଳ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ମହାନଦୀ ତାରତୋଲ ପୋଲ ସନ୍ନିକଟ, ସମୟ: ସକାଳ ୮ଟା।
- ସମବାୟ ସପ୍ତାହ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ ବନ୍ଦର ପାଇକାରୀ ସମବାୟ ସମିତି ଲିଃ କାର୍ଯ୍ୟାଳୟ, ନୂଆବଜାର, ପାରାଦୀପ, ସମୟ: ସକାଳ ୧୦ଟା।
- ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଚାଲିଥିବା କାର୍ତ୍ତିକେଶ୍ୱର ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ବାଲିଫ୍ଲଟ, ଅଠରବାଙ୍କି, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ଚେଲିତୋଳ ବାଲିଯାତ୍ରା ଉଦ୍‌ଘାଟନୀ ସାଂସ୍କୃତିକ ସଭା, ସ୍ଥାନ: ମହାନଦୀ ପଠା, ଗୋପିଆକୁଦ, ତିର୍ତ୍ତୋଲ ସମୟ: ସନ୍ଧ୍ୟା ୭ଟା।
- ଗଣେଶ୍ୱର ରାହାସ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଖଡୋଲ, ତିର୍ତ୍ତୋଲ, ସମୟ: ସନ୍ଧ୍ୟା ୭ଟା୩୦।

## କେନ୍ଦ୍ରାପଡ଼ା

- ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ପକ୍ଷରୁ ଆଧାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ପତ୍ରପୁର ସେତୁ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।।
- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ୧୧ଟା।
- ଶ୍ରୀ ଭାଗବତ ପାରାୟଣ ଉପଲକ୍ଷେ ବାବା ବଳିଆଙ୍କ ଦିବ୍ୟ ପ୍ରବଚନ, ସ୍ଥାନ: ମା'ମଙ୍ଗଳା ଭାଗବତ ଟୁଙ୍ଗି, ବଡକୂଳ, ଦଶମୌଜି, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ, ସ୍ଥାନ: ତାଳସଙ୍ଗା, ମାର୍ଶାଘାଇ, ସମୟ- ସନ୍ଧ୍ୟା ୬ଟା।

## ଯାଜପୁର

- କଳାକାର ଓଡ଼ିଶା ପକ୍ଷରୁ ୩୬ତମ ବୋଇତ ବନ୍ଦାଣ ଉତ୍ସବ ପାଳନ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଡ଼ଗପୁର ବିରୂପା ନଦୀକୂଳ, ସମୟ: ସକାଳ ୮ଟା।
- ଅଖିଳ ଚକ୍ର ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ,ସ୍ଥାନ : ବିଞ୍ଝାରପୁର ବରୁଣେଶ୍ୱର ମନ୍ଦିର ନିକଟ,ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ଜନଜାତୀୟ ଗୌରବ ଦିବସ, ସ୍ଥାନ: ସୁକିନ୍ଦା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ବୋଇତ ବନ୍ଦାଣ, ସ୍ଥାନ: ଧର୍ମଶାଳା ବ୍ଲକର ଶ୍ୟାମସୁନ୍ଦର ଜୀଉ ପୁଷ୍କରିଣୀ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ନିଳାଦେଇପୁର ଗ୍ରାମସ୍ଥିତ ଜ୍ଞାନେଶ୍ୱର ମହାଦେବ ପୀଠ, ସମୟ ରାତି ୮ଟା।

## ନୟାଗଡ଼

- ବୋଇତ ବନ୍ଦାଣ ଉତ୍ସବର ଉଦ୍‌ଯାପନ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ତଅପୋଇ, ସ୍ଥାନ:ନୟାଗଡ଼ ସହର ମା'ଦକ୍ଷିଣ କାଳୀଙ୍କ ଯାତ୍ରା ପଡ଼ିଆ, ସମୟ:ସକାଳ ୭ଟା ୩୦।
- କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ନୟାଗଡ଼ ପୁରୁଣା ମନ୍ଦିର ସମ୍ମୁଖ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ପଞ୍ଚୁକ ଅବସରରେ ମାଗଣା ପ୍ରସାଦ ବଣ୍ଟନର ୫ମ ଦିବସ, ସ୍ଥାନ: ନୟାଗଡ଼ ସହର ୧୬ନଂ. ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର , ସମୟ:ଅପରାହ୍ନ ୧ଟା।
- ରାସୋତ୍ସବର ଷଷ୍ଠ ଦିବସରେ ପଶା ଖେଳ ଓ ରାଇ ପୂଜା, ସ୍ଥାନ:ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ:ରାତି ୮ଟା।
- ଭାଗବତ ସପ୍ତାହରେ ପ୍ରାବଚନିକ କାର୍ଯ୍ୟକ୍ରମରେ ଉଦ୍‌ଯାପନ ଉତ୍ସବ, ସ୍ଥାନ:ଲଡୁକେଶ ମହେଶ ମନ୍ଦିର ସମ୍ମୁଖ ଶରଣକୁଳ, ସମୟ:ସନ୍ଧ୍ୟା ୭ଟା।
- କାର୍ତ୍ତିକ ମହୋତ୍ସବର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ମର୍ଦ୍ଦରାଜପୁରର ମୁଣ୍ଡିଆ ହନୁମାନ ପୀଠ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ସପ୍ତାଙ୍ଗର ୫ମ ଦିବସ, ସ୍ଥାନ:ଭାପୁର ବ୍ଲକ ନାରାୟଣୀ ପୀଠ ପଥର ଚକଡା, ସମୟ:ସନ୍ଧ୍ୟା ୭ଟା।
- ରାଇରଜା ବେଶ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା
- ରାଜ ରାଜେଶ୍ୱରୀ ବେଶ, ସ୍ଥାନ:ଖଣ୍ଡପଡ଼ା ଗୋପୀନାଥ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।
- କାର୍ତ୍ତିକେଶ୍ୱର ଉତ୍ସବର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡ଼ା ରଥଗଡ଼ା ଛକ, ସମୟ: ଅପରାହ୍ନ ୪ଟା।
- ଲଡୁବାବାଙ୍କର ପାର୍ଶ୍ୱ ଦେବତା ଜଗନ୍ନାଥଙ୍କ କାଞ୍ଚି ଅଭିଯାନ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଲଡୁବାବାଙ୍କର କୈଳାଶ ପର୍ବତ ଉତ୍ତୋଳନ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଜଗନ୍ନାଥ ମହାପ୍ରଭୁଙ୍କର ରାଜା ରାଜେଶ୍ୱରୀ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବାବା ବାଲୁଙ୍କେଶ୍ୱର ଦେବଙ୍କ ବାର୍ଷିକୋତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର ମହାଦେବ ସାହି, ସମୟ: ସକାଳ ୭ଟା।
- କାର୍ତ୍ତିକ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର, ସମୟ: ସନ୍ଧ୍ୟା ୭ଟା।
- ବଣବାଣପୁର ଯାତ୍ରା ମହୋତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର, ସମୟ: ସନ୍ଧ୍ୟା ୭ଟା।
- ନାରାୟଣୀ ପୀଠରେ ପଞ୍ଚକ ଯାତ୍ରା, ସ୍ଥାନ: ଭାପୁର ବ୍ଲକ ପଥର ଚକଡା, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀଶ୍ରୀ ଚନ୍ଦ୍ରକେଶ୍ୱର ମହାଦେବ ପୀଠ ଶରଣକୁଳ ନିକଟସ୍ଥ କଟରାଙ୍ଗରି ଜଗନ୍ନାଥପୁର ଶାସନ, ସମୟ: ଅପରାହ୍ନ ୧ଟା।
- ପଞ୍ଚକ ଅବସରରେ ଜୟ ଜଗନ୍ନାଥ ଭଜନ ମଣ୍ଡଳୀ ପକ୍ଷରୁ ପ୍ରବଚନର ଅନ୍ତିମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଜନଜାତୀୟ ଗୌରବ ଦିବସ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ସେଫାଳି ପାହାଡ଼ ରାସ୍ତା ତହସିଲ ପଡିଆ, ଗୁଣପୁର, ସମୟ: ସକାଳ ୯ଟା।
- କାର୍ତ୍ତିକ ପର୍ଣ୍ଣିମା ଅବସରରେ ଅଷ୍ଟ ପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ବଂଶଧାରା ତ୍ରିବେଣୀ ପୁଷ୍କର ଘାଟ, ଗୁଡାରି, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।
- ଜନଜାତିୟ ଗୌରବ ବର୍ଷ ପାଳନ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା, ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

## କୋରାପୁଟ

- ଶାବର ଶ୍ରୀକ୍ଷେତ୍ରରେ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ନରେନ୍ଦ୍ର ପୁଷ୍କରିଣୀ, କୋରାପୁଟ, ସମୟ: ଭୋର ୫ଟା।
- ଜିଲାସ୍ତରୀୟ ଜନ ଜାତୀୟ ଗୌରବ ଦିବସ ପାଳନ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପାଲୁଆ, ନନ୍ଦପୁର ବ୍ଲକ୍,ସମୟ : ପୂର୍ବାହ୍ନ ୧୧ ଟା।
- ପଞ୍ଚାୟତସ୍ତରୀୟ ପରବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଭିତରଗଡ ଗ୍ରାମ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲିସ୍ଥିତ ବୀର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି, ସମୟ : ସକାଳ : ୮ଟା।
- ବିର୍ସା ମୁଣ୍ଡା ଜୟନ୍ତୀ ଉପଲକ୍ଷେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ସାକ୍ଷୀପଡା, ସମୟ : ଅପରାହ୍ନ ୩ଟା।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ, ସ୍ଥାନ: ଗୌରିଶଙ୍କର ପାର୍କସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- କାର୍ତ୍ତିକ ପୂର୍ଣ୍ଣମୀରେ ସ୍ୱତନ୍ତ୍ର ଆଳତୀ, ସ୍ଥାନ: ଅମରପାଲି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୬ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ସୋନପୁର ଛନ୍‌ଛାନ୍ ଡୁଙ୍ଗୁରିସ୍ଥିତ ଯୋଗେଶ୍ୱର ମନ୍ଦିର, ସମୟ: ସକାଳ ୭ଟା।
- ୯୨ତମ ଚବିଶ ପ୍ରହର ନାମଯଜ୍ଞ ସମାପନ, ସ୍ଥାନ: ସୋନପୁର ଗଙ୍ଗାଧର ମେହେର ଛକ, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବାଘମାରୀ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଚମ୍ପାପୁର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରଥିପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ହନୁମାନପାଲି, ସମୟ:ସକାଳ ୯ଟା,
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୂଆଁଗଡ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ନୂଆପଡା ନାମଯଜ୍ଞ କମିଟି ପକ୍ଷରୁ ନଗର କିର୍ତ୍ତନ, ସ୍ଥାନ: ନୂଆପଡା(ବଡବଜାର), ସମୟ: ପୂର୍ବାହ୍ନ ୯ଟା।
- ୫୧୨୦ତମ ନିମ୍ବାର୍କ ଜୟନ୍ତୀ, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସମାପନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟ ସ୍ଥିତ ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲକ୍ଷ୍ମୀନୃସିଂହ ବେଶ, ସ୍ଥାନ: କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଗବତ ପାଠାଗାର ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବାଳକ ଭୋଜନ ସମାରୋହ, ସ୍ଥାନ: ସୋନପୁର ତେନ୍ତୁଳିଘାଟ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ରାଜ୍ୟସ୍ତରୀୟ ନୌକାଚାଳନା ପ୍ରତିଯୋଗିତା, ସ୍ଥାନ: ସୋନପୁର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡ, ସମୟ: ଅପରାହ୍ନ ୪ଟା ୩୦।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭାଗବତ ମନ୍ଦିର, ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ସଙ୍ଗମ ଆଳତୀ ସମାରୋହ, ସ୍ଥାନ: ସୋନପୁର ସହର ରାମେଶ୍ୱର ସଙ୍ଗମ ସ୍ଥଳ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- କୁଚ୍ ବିହାର ଟ୍ରଫି, ସ୍ଥାନ: କ୍ରୀଡ଼ା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଘେଁସ୍ ହାଇସ୍କୁଲ ପଡ଼ିଆ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଖୁଣ୍ଟପାଲି ବାଲିଯାତ୍ରା ପ୍ରାଙ୍ଗଣ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଓଡ଼ିଶୀ ସଙ୍ଗୀତର ବିଶେଷ କାର୍ଯ୍ୟକ୍ରମ ଆଳାପ, ସ୍ଥାନ: ରାଜାଜୀ ଟାଉନ ହଲ, ପଦ୍ମପୁର, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ଭାଗବତ ପରାୟଣ, ସ୍ଥାନ: କୁକୁରଜଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଚତୁର୍ଦ୍ଦଶୀ ବ୍ରତ ପାଳନ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଚର୍ତୁର୍ଦ୍ଦଶୀ ବ୍ରତ ପାଳନ, ସ୍ଥାନ: ପୁରୁଣାବସ୍ତି ଝଡେଶ୍ୱର ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ନବ ଦାସ ଅଡିଟରିୟମ୍, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲା ସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: ଭବାନୀପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ସମ୍ମୁଖ ଛକ,ସମୟ: ସକାଳ ୯ଟା।
- ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୨ଟା।




# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସାଙ୍ଗକୁ ଆର୍ଥିକ ସ୍ଥିତି ମଜଭୁତ ରହିବାରୁ ଉତ୍ସାହିତ ହେବେ। ସାଧାରଣ ଘଟଣାକୁ କେନ୍ଦ୍ରକରି ବନ୍ଧୁ, ପରିବାର କ୍ଷେତ୍ରରେ ତିକ୍ତତା ସୃଷ୍ଟି ହୋଇପାରେ। ଆଲୋଚନା, ସଭାସମିତି, କଳା-ସାହିତ୍ୟ, ଗବେଷଣା କାର୍ଯ୍ୟରୁ ପ୍ରଶଂସିତ ହେବେ। ଆଶା କରିଥିବା କାମକୁ ହାସଲ କରିବାର ପ୍ରଯତ୍ନ କରିପାରନ୍ତି।

**ବୃଷ** – ବନ୍ଧୁ ପରିସ୍ଥିତି ଚାପରେ ପଡ଼ି ଦୂରେଇଯିବାରୁ ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଜମିଜମା, ଯାନବାହନ, ପ୍ରେସ୍, ପବ୍ଲିକେଶନ ସ୍ତରରେ ରହିଥିବା ସମସ୍ୟା ଦୂରୀଭୂତ ହୋଇଯିବ। ପିଲାମାନଙ୍କୁ କେନ୍ଦ୍ରକରି ରହିଥିବା ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ** – ସାଥୀମେଳରେ ସମୟ କଟାଇବା ସହ ଅନାବଶ୍ୟକ ଖର୍ଚ୍ଚ କରିବାକୁ ବାଧହେବେ। ଘରର ବରାଦ ଅନୁଯାୟୀ ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣିପାରନ୍ତି। ପ୍ରଶାସନ, ପ୍ରକାଶନ, ସଂଗଠନ, ରାଜନୀତି, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ସଚେତନତା ଅଭାବରୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**କର୍କଟ** – ଗୁରୁକ୍ଷେତ୍ରସ୍ଥ ଶୁକ୍ର ହେତୁ ସାମାଜିକସ୍ତରରେ ନିଜର ଲୋକଙ୍କୁ ମନେଇ କାର୍ଯ୍ୟ ସାଧନ କରିବେ। ଆଜି ବଜାର ସଉଦା କରିବାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ବନ୍ଧୁଙ୍କ ସହ ଆଲୋଚନା ପରିସରରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ।

**ସିଂହ** – କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ ଅଟକିଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପଦେବାରେ ବିଫଳ ହେବେ। ପାରିବାରିକ ସମସ୍ୟାର ସମାଧାନ ଘଟିବ, ଏ ଦିଗରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବାର ସମ୍ଭାବନା ରହିଛି। ଆର୍ଥିକ ଅନଟନଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବହୁତ ଦିନରୁ ଲାଗିରହିଥିବା ସ୍ୱାସ୍ଥ୍ୟସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା** – ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ସମସ୍ୟା ବଢ଼ିପାରେ। ବିଭିନ୍ନ ବାଧାବିଘ୍ନ ଓ ସମସ୍ୟା ଲାଗିରହୁଥିବା କାରଣରୁ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ। ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା** – ଚିତ୍ରା ନକ୍ଷତ୍ରର କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନବାଟରେ ଖର୍ଚ୍ଚ ହୋଇଯିବ। ଆତ୍ମୀୟଙ୍କ ସ୍ୱାର୍ଥ ହାସଲ ହୋଇ ନ ପାରିବାରୁ ସେମାନେ ସମାଲୋଚନା କରିପାରନ୍ତି। ବହୁଦିନରୁ ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ।

**ବିଛା** – କୌଣସି ନୀଚଜାତିର ବ୍ୟକ୍ତି ସମାଲୋଚନା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରକାଶନ, ପ୍ରଶାସନିକ ସ୍ତରରେ ଅଭୀଷ୍ଟ ସିଦ୍ଧି ଘଟିବ। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବେ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ନିଜର ଅସାବଧାନତା କାରଣରୁ କୌଣସି ଜିନିଷ ହରାଇ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** – ଯୋଜନାବଦ୍ଧ ଭାବେ ବନ୍ଧୁଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଉତ୍ତମ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଠିକ୍ ରହିବ। ହୋଟେଲ, ଦୋକାନ, ବ୍ୟବସାୟ, ବାଣିଜ୍ୟ ପ୍ରଭୃତିରୁ ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର** – କର୍ମକ୍ଷେତ୍ରରେ ମତଭେଦ କାରଣରୁ କୌଣସି ଅଘଟଣ ଘଟିପାରେ। ଘରୋଇ କଥାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ପ୍ରତ୍ୟେକ କ୍ଷେତ୍ରରେ ସଜାଗ ରହି କାମ କରନ୍ତୁ, କାରଣ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ। ଅର୍ଥ ସମ୍ପର୍କ, ବନ୍ଧୁଙ୍କୁ ଭଲ ପାଇବା, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ନିଶ୍ଚିତ।

**କୁମ୍ଭ** – କର୍ମକ୍ଷେତ୍ରରେ ନିଜ ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ସତ୍‌ସଙ୍ଗ ପ୍ରତି ମନ ବଳିବ ଏବଂ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ। ଗୃହ ନିର୍ମାଣ, ଗାଡ଼ିକିଣା, କରଜ ଦେବା କାମରେ ମନ ଦେଇପାରନ୍ତି। ପରିବହନ, ପ୍ରଶାସନ ସ୍ତରରେ କାର୍ଯ୍ୟ ସାଧନ କିମ୍ବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** – ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବାର ସୂଚନା ରହିଛି। ହଠାତ୍ ହଜିଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଆତ୍ମଗ୍ଲାନି ଅନୁଭବ କରିପାରନ୍ତି।

ଆଜି କାର୍ତ୍ତିକ ପୂର୍ଣ୍ଣିମା ଶୁକ୍ରବାର, କାର୍ତ୍ତିକ ବ୍ରତ ଉଦ୍‌ଯାପନ, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜରାଜେଶ୍ୱର ବେଶ ବା ଶ୍ରୀଲକ୍ଷ୍ମୀନୃସିଂହ ବେଶ ବା ଡାଳକିଆ ବେଶ, କାର୍ତ୍ତିକେଶ୍ୱର ପୂଜା, କେଦାର ବ୍ରତ, ବାଲିଯାତ୍ରା, ମାସାନ୍ତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ନଭେମ୍ବର ୧୫ ତାରିଖ, ଗୁରୁ ନାନକ ଜୟନ୍ତୀ, ବିର୍ସା ମୁଣ୍ଡା ଜୟନ୍ତୀ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୯ମି. ଗତେ ଘ.୦୬।୪୩ମି. ମଧ୍ୟେ, ଘ.୦୭।୨୭ମି. ଗତେ ଘ.୦୮।୪୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୧୦।୦୮ମି. ଗତେ ଘ.୧୧।୩୧ମି. ମଧ୍ୟେ ରାହୁକାଳ ॥

ଧରିତ୍ରୀ
DHARITRI
50 Years




# ନେତାଙ୍କ ବ୍ୟବହାର ଉଦାହରଣ ହେବା ଆବଶ୍ୟକ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୪।୧୧(ପି.ଟି.)**

ନେତାଙ୍କ ବ୍ୟବହାର ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ଆବଶ୍ୟକ। ସେମାନେ ଲୋକମାନଙ୍କ ପ୍ରତି ଉଚିତ୍ ବ୍ୟବହାର ପ୍ରଦର୍ଶନ କରିବା ଜରୁରୀ ବୋଲି ସୁପ୍ରିମକୋର୍ଟ ଗୁରୁବାର ଟିପ୍ପଣୀ ଦେଇଛନ୍ତି। ଏଥିସହିତ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଚାପୁଡ଼ା ମାରିବା ମାମଲାରେ ସମ୍ବଲପୁର ବିଧାୟକ ତଥା ଭାଜପା ନେତା ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଜୟନାରାୟଣଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ସହିତ ଓଡ଼ିଶା ସରକାରଙ୍କଠାରୁ ଏହି ଘଟଣାରେ ମତ ଲୋଡ଼ିଥିଲେ। ଗୁରୁବାର ବିଚାରପତି ହୃଷୀକେଶ

### ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ଖାରଜ



ରାୟ ଏବଂ ଏସ୍‌ଭିଏନ୍ ଭାଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଜାମିନ ଆବେଦନର ଶୁଣାଣି କରି ରାଜ୍ୟ ସରକାରଙ୍କ ନରମ ମନୋଭାବ ପୋଷଣ ନୀତିକୁ ସମାଲୋଚନା କରିଥିଲେ। ଏଥିସହିତ ସରକାର ବଦଳି ଗଲେ ଜଣେ ଅଧିକାରୀଙ୍କ ୟୁନିଫର୍ମ ବଦଳେ ନାହିଁ ବୋଲି କହିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ଟିପ୍ପଣୀ ଉପରେ ଜୟନାରାୟଣ କହିଛନ୍ତି, ସେ କୋର୍ଟଙ୍କ ଅର୍ଡର ବିଷୟରେ ଅବଗତ ନାହାନ୍ତି। ତତ୍କାଳୀନ ବିଜେଡି ସରକାର ତାଙ୍କ ବିରୋଧରେ ଜାଣିଶୁଣି ମିଥ୍ୟା ମାମଲା ରୁଜୁ କରିଥିଲା। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ଜୟନାରାୟଣ କହିଛନ୍ତି। ୨୦୨୩ ଫେବୃଆରୀ ୧୫ରେ ଭାଜପା କର୍ମୀମାନେ ସମ୍ବଲପୁର ☞ପୃଷ୍ଠା-୯

# ପାଇକାରୀ ମୁଦ୍ରାସ୍ଫୀତି ୨.୩୬%କୁ ବୃଦ୍ଧି

**ନୂଆଦିଲ୍ଲୀ, ୧୪।୧୧(ପି.ଟି.)**

୨୦୨୪ ଅକ୍ଟୋବରରେ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ୧୪ ମାସର ରେକର୍ଡ ଭାଙ୍ଗି ୬.୨୧% ଛୁଇଁଥିଲା। ସେପ୍ଟେମ୍ବରରେ ଏହା ୫.୪୯% ଥିଲା। ସେହିପରି ଅକ୍ଟୋବରରେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ୪ ମାସ ମଧ୍ୟରେ ସର୍ବାଧିକ ୨.୩୬ ପ୍ରତିଶତକୁ ବୃଦ୍ଧି ପାଇଛି। ସେପ୍ଟେମ୍ବରରେ ଏହା ୧.୮୪ ପ୍ରତିଶତ ରହିଥିଲା। ତେବେ ଖାଦ୍ୟ ସାମଗ୍ରୀ ବିଶେଷକରି ପନିପରିବା ଦର ଅତ୍ୟଧିକ ବଢ଼ିଥିବାରୁ ଦେଶର ପାଇକାରୀ ମୁଦ୍ରା ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଅକ୍ଟୋବରରେ ହୋଲ୍‌ସେଲ୍ ଖାଦ୍ୟସାମଗ୍ରୀ ଦର ୧୩.୫୪ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ପୂର୍ବ ମାସରେ ୧୧.୫୩ ପ୍ରତିଶତ ରହିଥିଲା ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଏହାବ୍ୟତୀତ ଶିଳ୍ପ ଉତ୍ପାଦିତ ସାମଗ୍ରୀ ଦର ମଧ୍ୟ ସାମାନ୍ୟ ବଢ଼ିଛି। ଆଳୁ ଦର ୭୮.୭୩ ପ୍ରତିଶତ ବଢ଼ିଥିବାବେଳେ ପନିପରିବା ୬୩.୦୪%, ଗହମ ୮.୦୪% ଏବଂ ଫଳ ଦର ୧୩.୫୫% ବଢ଼ିଛି। ଅନ୍ୟପକ୍ଷରେ ଖାଦ୍ୟଶସ୍ୟ ଦର ୭.୯୧%, ଡାଲି ୯.୭୪% ହ୍ରାସ ପାଇଛି।

# ତେଲେଙ୍ଗିରି ଜଳଭଣ୍ଡାରରେ ଫାଟ

## ଲିକ୍ ହେଉଛି ପାଣି, ଫସଲ ପ୍ରଭାବିତ ହେବା ଆଶଙ୍କା

**କୋରାପୁଟ ଜିଲା ଜୟପୁର ବ୍ଲକ୍ ରାଣୀଗଡ଼ସ୍ଥିତ ତେଲେଙ୍ଗିରି ଜଳଭଣ୍ଡାରର ଏକ ସ୍ଲୁଇସ୍ ଗେଟ୍ ନିକଟରେ ବଡ଼ଧରଣର ଫାଟ ସୃଷ୍ଟି ହୋଇଛି। ଉକ୍ତ ଫାଟ ଦେଇ ଏତେ ମାତ୍ରାରେ ଜଳ ନିଷ୍କାସନ ହେଉଛି ଯେ, ସ୍ଥାନୀୟ ଚାଷୀମାନେ ଭୟଭୀତ ହୋଇଯାଇଛନ୍ତି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଏହା ବ୍ୟାପକ ଅଞ୍ଚଳର ରବି ଫସଲକୁ ପ୍ରଭାବିତ କରିବା ଆଶଙ୍କା ଦେଖାଦେଇଛି। ଉଦ୍‌ଘାଟନର ପ୍ରାୟ ସାଢ଼େ ୫ବର୍ଷ ପରେ ଜଳଭଣ୍ଡାରର ଏଭଳି ଅବସ୍ଥାକୁ ନେଇ ଚାଷୀମାନେ ନିମ୍ନମାନର କାମକୁ ଦାୟୀ କରିଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହାକୁ ଉଦ୍‌ଘାଟନ କରାଯାଇଥିବାରୁ ବୃହତ୍ ଜଳସେଚନ ପାଇଁ ଉଦ୍ଦିଷ୍ଟ ଏହି ଜଳଭଣ୍ଡାର ୧୫ ପଞ୍ଚାୟତର ଚାଷୀମାନଙ୍କ ପାଇଁ ଯେକୌଣସି ସମୟରେ ବିପଦ ସାଜିପାରେ ବୋଲି କୁହାଯାଉଛି।**

**ଜୟପୁର/ବୋରିଗୁମ୍ମା, ୧୪।୧୧**
**(ପବନ ପାଣିଗ୍ରାହୀ/ବିଜୟ ସାହୁ)**

କୋରାପୁଟ ଜିଲାରେ ଜଳସେଚନ ଲକ୍ଷ୍ୟ ନେଇ ଇନ୍ଦ୍ରାବତୀର ଉପନଦୀ ତେଲେଙ୍ଗିରିକୁ ନେଇ ଜୟପୁର ବ୍ଲକ ରାଣୀଗଡ଼ରେ ଏକ ଜଳଭଣ୍ଡାର ନିର୍ମାଣ ପାଇଁ ୨୦୦୪ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ୨ ବର୍ଷରେ କାମ ସାରିବାକୁ ୨୦୦ କୋଟି ଟଙ୍କା ବ୍ୟୟବରାଦ ରହିଥିଲା। କିନ୍ତୁ ଏହି କାମ ପ୍ରାୟ ୧୫ ବର୍ଷ ଚାଲିଥିଲା। ୨୦୧୯ରେ ଉଦ୍‌ଘାଟନ ବେଳକୁ ବଜେଟ୍ ପ୍ରାୟ ୧ ହଜାର କୋଟି ଟଙ୍କାରେ ପହଞ୍ଚି ଥିଲା। ଡ୍ୟାମ୍ ନିର୍ମାଣ ହେବା ପରେ ୯୯୫୨ ହେକ୍ଟର ଜମିକୁ ଜଳସେଚନ କରୁଛି। ସେଥିରୁ ଜୟପୁର ବ୍ଲକର ୬୦୦ ହେକ୍ଟର ଏବଂ ବାକି ବୋରିଗୁମ୍ମା ବ୍ଲକ ଚାଷଜମିକୁ ଜଳସେଚନ ହେଉଛି। ଜଳଭଣ୍ଡାରର ମୋଟ ୩ଟି ସ୍ଲୁଇସ୍ ଗେଟ୍ ରହିଛି। ଏବେକାର ସ୍ଥିତିକୁ ଦେଖି ସ୍ଥାନୀୟ ଚାଷୀମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଭୋଟ ରାଜନୀତି ପାଇଁ ନିମ୍ନମାନର ନିର୍ମାଣ ହୋଇଥିବା ଡ୍ୟାମ୍‌କୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଥିଲା। ରାଜନୈତିକ ସ୍ୱାର୍ଥ ହାସଲ ହେଲା ସତ, କିନ୍ତୁ ଚାଷୀକୁଳ ନିରାଶ ହେଲା। ଏହି ଡ୍ୟାମ୍ ଯୋଗୁ ଉପରମୁଣ୍ଡର ଚାଷୀଙ୍କୁ ସୁବିଧା ହୋଇଥିବାବେଳେ ତଳମୁଣ୍ଡର ଚାଷୀଙ୍କ ଜମିକୁ ପାଣି ମିଳିଲା ନାହିଁ। ବର୍ତ୍ତମାନ ସମୟରେ ଏହି ଡ୍ୟାମ୍ ଲୋକଙ୍କ ପାଇଁ ବରଦାନଠାରୁ ଅଧିକ ଅଭିଶାପ ପାଲଟିଯାଇଛି। ନିମ୍ନମାନର କାମ ଲାଗି ଏବେ ଡ୍ୟାମ୍ ଫାଟିଥିବା ଚାଷୀଙ୍କ ସହ ସ୍ଥାନୀୟ ବାସିନ୍ଦା କହିଛନ୍ତି। ରାଣୀଗଡ଼ର ପୂର୍ବତନ ସରପଞ୍ଚ ଭାଗୀରଥି ନାୟକ କହିଛନ୍ତି, ଡ୍ୟାମ୍ ନିର୍ମାଣ କାମ ନିମ୍ନମାନର ହୋଇଥିଲା। ଡ୍ୟାମ୍‌ରେ ଫାଟ ହେବ ବୋଲି ପୂର୍ବରୁ ଆଶଙ୍କା କରୁଥିଲୁ। ଡ୍ୟାମ୍‌ରୁ ପାଣି ନିଷ୍କାସନ ହେଉଥିବାରୁ ଫସଲ ପ୍ରଭାବିତ ହେବ। ଚାଷୀକୁଳ ହତାଶ ହେବେ। ସେହିଭଳି ରାଣୀଗଡ଼ ବାସିନ୍ଦା ପଦଲାମ ହରିଜନ କହିଛନ୍ତି, ବୁଧବାର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ସତ୍କାର ପାଇଁ ନେଇ ଯାଉଥିବାବେଳେ ହଠାତ୍ ପାଣି ଆସିଯାଇଥିଲା। ପାଣିର ବେଗ ଏତେ ପ୍ରଖର ଥିଲା ଯେ ଏଥିରେ ମୃତଦେହ ଭାସିଯାଇଥିଲା।

ଘଟଣା ସମ୍ପର୍କରେ ତେଲେଙ୍ଗିରି ଜଳସେଚନ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ବିକାଶ ପ୍ରଧାନଙ୍କୁ ପଚାରିବାରୁ ଡ୍ୟାମ୍‌ର ୩ଟି ଗେଟ୍ ଅଛି । ପ୍ରଥମ ଗେଟ୍‌ରେ ଏପରି ☞ପୃଷ୍ଠା-୯



ଜଳଭଣ୍ଡାରରେ ସୃଷ୍ଟି ହୋଇଥିବା ଫାଟ (ବୃତ୍ତ ଚିହ୍ନିତ)




ଭଗବାନ ବଳବାନ ମଣିଷ ଚାହାନ୍ତି- ଭାବପ୍ରବଣ ଶିଶୁମାନଙ୍କୁ ନୁହଁ। ପ୍ରଭୁ ଚାହାନ୍ତି ଆମଠାରୁ ଅଟଳ ସହିଷ୍ଣୁତା- ଦୃଢ଼ତା ଓ ବୀରତ୍ୱ- ଯଥାର୍ଥ ଆଧ୍ୟାତ୍ମିକ ବୀରତ୍ୱ। ସେ ମଧ୍ୟ ଆମଠାରୁ ଚାହାନ୍ତି ପୌରୁଷ ଏବଂ ଦିବ୍ୟ ପୌରୁଷ। -ଶ୍ରୀଅରବିନ୍ଦ

-ରାସ ପୂର୍ଣ୍ଣିମା, ବାଲିଯାତ୍ରା, କାର୍ତ୍ତିକେଶ୍ୱର ପୂଜା, କାର୍ତ୍ତିକ ବ୍ରତ ସମାପନ, ଚନ୍ଦ୍ରପୂଜା ଓ କେଦାର ବ୍ରତ।



# ଚାଇନା ଡରାଉଛି



ବ୍ରହ୍ମ ଚେଲାନି

ଚାଇନା ୧ ଦଶନ୍ଧରୁ ଅଧିକ ସମୟ ଧରି ଦକ୍ଷିଣ ଚାଇନା ସାଗରରେ ନିଜର ଶକ୍ତି ଏବଂ ପ୍ରଭାବ ବଢ଼ାଇବା ପାଇଁ ଆକ୍ରମଣାତ୍ମକ ରଣନୀତି ପ୍ରୟୋଗ କରିଆସୁଛି। ଦେଖିବାକୁ ଗଲେ ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ନିର୍ବାଚିତ ହେବା ପରେ ଆଗକୁ ଏହାର ମୁକାବିଲା ହିଁ ତାଙ୍କ ପ୍ରଶାସନ ପାଇଁ ଏକ ଆହ୍ୱାନ ହେବ।

ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର ପାଇଁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଯେଉଁ ସ୍ୱପ ଦେଖୁଛନ୍ତି, ତାହା ଚାଇନା ସାଗରରେ ପ୍ରାଧାନ୍ୟ ବିସ୍ତାରକରିବା ସହ ବିଶ୍ୱର ଅର୍ଥନୈତିକ ତଥା ଭୂ-ରାଜନୈତିକ କେନ୍ଦ୍ର ପାଲଟିଥିବା ଭାରତ-ପ୍ରଶାନ୍ତ ମହାସାଗରରେ ଆମେରିକାର ପ୍ରଭାବକୁ ଶେଷକଲେ ସମ୍ଭବ ହେବ। ଏହି ଉଦ୍ଦେଶ୍ୟଗୁଡ଼ିକ ପୂରଣ କରିବା ଲାଗି ଚାଇନା ବଳପୂର୍ବକ କୌଶଳ ପ୍ରୟୋଗ କରିବାକୁ ପଛାଉନାହିଁ। ଗତ ବର୍ଷେ ଦୁଇ ବର୍ଷ ମଧ୍ୟରେ ଫିଲିପାଇନ୍ସ ଏବଂ ଭିଏତ୍‌ନାମ ଯେଉଁ ଅଞ୍ଚଳକୁ ନିଜର ବୋଲି ଦାବି କରୁଛନ୍ତି ଚାଇନା ତାହାକୁ ଅଗ୍ରାହ୍ୟ କରୁଛି। ଏପରିକି ସେହି ଦେଶଗୁଡ଼ିକର ଡଙ୍ଗାଗୁଡ଼ିକୁ ଚାଇନାର ବୋଟ୍ ଅଟକାଇବା ସହ ଧକ୍କା ମାରୁଛି। ଡଙ୍ଗାଗୁଡ଼ିକୁ ୱାଟର କ୍ୟାନନ୍ ଓ ଅସ୍ତ୍ରଶସ୍ତ୍ରରେ ମଧ୍ୟ ଆକ୍ରମଣ କରାଯାଇଛି। ସମୁଦ୍ର ମଧ୍ୟରେ ଶକ୍ତି ଉତ୍ପାଦନ ଓ ପରିବହନ କାର୍ଯ୍ୟକ୍ରମଗୁଡ଼ିକରେ ଅସୁବିଧା ସୃଷ୍ଟି କରୁଛି। ଏହିପରି ହିଂସାତ୍ମକ କାର୍ଯ୍ୟ ଆଞ୍ଚଳିକ ତିକ୍ତତା ବଢ଼ାଇ ଦେଇଛି ଏବଂ ପ୍ରଶାନ୍ତ ଏବଂ ଭାରତ ମହାସାଗରକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ କରିଡରରେ ସ୍ଥିରତାକୁ କ୍ଷୁଣ୍ଣ କରିଛି।

ବିଶେଷକରି ଫିଲିପାଇନ୍ସ ସହ ଆମେରିକାର ମିଳିତ ପ୍ରତିରକ୍ଷା ଚୁକ୍ତିକୁ ଦୃଷ୍ଟିରେ ରଖି ଆମେରିକା ହିଁ ଚାଇନାର ଆଚରଣରେ ସୁଧାର ଆଣିପାରିବ ବୋଲି ଆଶା କରାଯାଏ। ତଥାପି କ୍ରମାଗତ ଭାବେ ୩ ଜଣ ରାଷ୍ଟ୍ରପତି ଯଥା ବାରାକ୍ ଓବାମା,ଡୋନାଲ୍ଡ ଟ୍ରମ୍ପ ଏବଂ ଜୋ ବାଇଡେନ୍ ସହଯୋଗ ଏବଂ ପଦକ୍ଷେପର କଥା କହିବା ବ୍ୟତୀତ ଅନ୍ୟ କିଛି କରିପାରି ନାହାନ୍ତି। ୨୦୧୨ ରେ ଫିଲିପାଇନ୍ସରୁ ବିବାଦୀୟ ସ୍କାର୍ବୋରୋ ଶୋଆଲକୁ ଚାଇନା ଦଖଲ କରିବାବେଳେ ଓବାମା କୌଣସି ପଦକ୍ଷେପ ନେଇ ନ ଥିଲେ ବରଂ ଏଥିପାଇଁ ଚାଇନାକୁ ଅନୁମତି ଦେଇଥିଲେ। ଫିଲିପାଇନ୍ସକୁ ଦେଇଥିବା ପ୍ରତିରକ୍ଷା ପ୍ରତିଶ୍ରୁତି ପାଳନ କରିବାରେ ଆମେରିକା ପ୍ରଥମ ଥର ବିଫଳ ହେଲା। ୧୯୯୫ରେ ଫିଲିପାଇନ୍ସର ପାଲାୱାନ୍ ଦ୍ୱୀପଠାରୁ ମାତ୍ର ୧୨୯ ନୌଟିକାଲ ମାଇଲ ଦୂରରେ ଅବସ୍ଥିତ ମିସ୍‌ଚିଫ୍ ରିଫ୍‌କୁ ଚାଇନାର ଜବରଦଖଲ କରିବାକୁ ଚେଷ୍ଟା କରିଥିଲା। ଏହାକୁ ରୋକିବା ପାଇଁ ଆମେରିକାର ସହାୟତା ମାଗିଥିଲା ଫିଲିପାଇନ୍ସ। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ସାହାଯ୍ୟ କରିବାକୁ ମନା କରିଦେଇଥିଲେ। ଫଳରେ ମିସ୍‌ଚିଫ୍ ରିଫ୍ ବର୍ତ୍ତମାନ ଚାଇନାର ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ହୋଇଯାଇଛି।



ଚାଇନା ଉପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ତାହା ଭୟଶୂନ୍ୟ ହୋଇଯାଇଛି। ସ୍କାର୍ବୋରୋ ଶୋଆଲକୁ ଦଖଲକରିବା ପରେ ଶି ଦକ୍ଷିଣ ଚାଇନା ସାଗରରେ ୭ଟି କୃତ୍ରିମ ଦ୍ୱୀପ ସମେତ ୧,୩୦୦ ହେକ୍ଟର (୩,୨୦୦ ଏକର) ପରିମିତ ଜାଗା ସୃଷ୍ଟି କରିଛନ୍ତି ଯାହା ବର୍ତ୍ତମାନ ଫର୍‌ୱାର୍ଡ ଅପରେଟିଂ ବେସ୍ ଭାବରେ କାର୍ଯ୍ୟ କରୁଛି । ବିବାଦୀୟ ଦ୍ୱୀପପୁଞ୍ଜରେ ଚାଇନା ୨୭ଟି ସାମରିକ ଆଉଟ୍‌ପୋଷ୍ଟ ନିର୍ମାଣ କରିଛି। ଏଠାରେ ବର୍ତ୍ତମାନ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ଶତ୍ରୁର ଉପସ୍ଥିତି ଠାବ କରିବା ପଦ୍ଧତି , ରାଡାର ସିଷ୍ଟମ ଏବଂ ଲେଜର ଏବଂ ଜାମିଂ ଉପକରଣ ରଖାଯାଇଛି। ଏହାର ବୃହତ୍ ଦ୍ୱୀପପୁଞ୍ଜରେ ଯୁଦ୍ଧବିମାନ ମରାମତି ତଥା ନିର୍ମାଣ ଓ ରଖିବା କେନ୍ଦ୍ର , ରନ୍‌ୱେ ଏବଂ ଗଭୀର ବନ୍ଦର ମଧ୍ୟ ଅଛି। ଦକ୍ଷିଣ ଚାଇନା ସାଗରର ଭୌଗୋଳିକ ମାନଚିତ୍ରକୁ ଏକପାଖିଆ ଭାବରେ ପୁନଃ ଚିତ୍ରଣକରି ଚାଇନା ନିଶ୍ଚିତ କରୁଛି ଯେ ଏହି ଅଞ୍ଚଳରେ ତାହାର ସ୍ୱତନ୍ତ୍ର ସ୍ଥାନ ଅଛି।

ଚାଇନା କ୍ରମାଗତ ଭାବେ ଫିଲିପାଇନ୍ସର ସୁରକ୍ଷାକୁ କ୍ଷତିକରି ଏହାର ଏକ୍ସକ୍ଲୁସିଭ ଇକୋନୋମିକ ଜୋନ୍ ବା ବିଶେଷ ଅର୍ଥନୈତିକ ଜୋନ୍ (ଇଇଜେଡ୍) ମଧ୍ୟରେ ଫିଲିପାଇନ୍ସ ନିୟନ୍ତ୍ରଣାଧୀନ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିଚାଲିଛି। ଗତ ବର୍ଷ ଶେଷରେ ବାଇଡେନ୍ ପ୍ରଶାସନ ନିଶ୍ଚିତ କରିଥିଲା ଯେ ଫିଲିପାଇନ୍ସର ସାମରିକ, ତଟରକ୍ଷୀ ବାହିନୀ, ବିମାନ କିମ୍ବା ସର୍ବସାଧାରଣ ଜାହାଜ ବିରୋଧରେ ଦକ୍ଷିଣ ଚାଇନା ସାଗରର ଯେକୌଣସି ସ୍ଥାନରେ କୌଣସି ସଶସ୍ତ୍ର ତୃତୀୟ ପକ୍ଷର ଆକ୍ରମଣ ଆମେରିକା-ଫିଲିପାଇନ୍ସ ଚୁକ୍ତି ପରିସରଭୁକ୍ତ ହେବ। ତଥାପି ଚାଇନା ପ୍ରତି କୌଣସି ଦଣ୍ଡବିଧାନ ହୋଇନାହିଁ କି ଏଭଳି କାର୍ଯ୍ୟ ବନ୍ଦ କରିନାହିଁ।

କେବଳ କହିବା ଏବଂ ପଦକ୍ଷେପ ନ ନେବା ପଛରେ ଅନେକ କାରଣ ରହିଛି। ସର୍ବପ୍ରଥମେ ଆମେରିକା ଯୁଦ୍ଧକୁ ଭୟକରେ। କାରଣ ୟୁକ୍ରେନ୍ ଏବଂ ମଧ୍ୟପ୍ରାଚ୍ୟରେ ଲାଗିଥିବା ଯୁଦ୍ଧରେ ଏହା ସଂସାଧନକୁ ବିନିଯୋଗ କରିବା ସହ ଏହା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ରହୁଛି। ତେବେ ଦକ୍ଷିଣ ଚାଇନା ସାଗରରେ ସାର୍ବଭୌମତ୍ୱ ବିବାଦ ଉପରେ ପଶିବାକୁ ଆମେରିକା ଚାହୁଁନାହିଁ, ଯେଉଁଠାରେ ତାହାର ନିଜସ୍ୱ କୌଣସି ଅଞ୍ଚଳ ନାହିଁ। ଏପରିକି ଜାପାନ ଅଧୀନରେ ଥିବା ସେନ୍‌କାକୁ ଦ୍ୱୀପପୁଞ୍ଜର ସାର୍ବଭୌମତ୍ୱ ଉପରେ ଏହା କୌଣସି ଆଭିମୁଖ୍ୟ ଗ୍ରହଣ କରିନାହିଁ, ଯାହାକୁ ଚାଇନା ନିଜର ବୋଲି ଦାବି କରିଛି। ତେବେ ଆମେରିକା ସ୍ପଷ୍ଟ କରିଛି ଯେ, ଜାପାନ ସହ ଏହାର ସୁରକ୍ଷା ଚୁକ୍ତି ମଧ୍ୟରେ ଏହି ଦ୍ୱୀପପୁଞ୍ଜ ଅଛି ଏବଂ ଜାପାନର ପ୍ରଶାସନକୁ ଅଣଦେଖାକରି ଯେକୌଣସି ଏକପାଖିଆ ପଦକ୍ଷେପ ନ ନେବାକୁ ଚେତାବନୀ ଦେଇଛି। ଫିଲିପାଇନ୍ସ କ୍ଷେତ୍ରରେ ଆମେରିକା ଏଭଳି କରିବା ଉଚିତ। ନିଃସନ୍ଦେହରେ କହିବା ଉଚିତ ଯେ, ଫିଲିପାଇନ୍ସ ସହ ଏହାର ଚୁକ୍ତି ପ୍ରତିବଦ୍ଧତା ସେକେଣ୍ଡ ଥୋମାସ ଶୋଆଲ ସମେତ ନିୟନ୍ତ୍ରଣରେ ଥିବା ଅଞ୍ଚଳଗୁଡ଼ିକୁ ବାଧ୍ୟକରି ପରିବର୍ତ୍ତନ କରିବାର କୌଣସି ପ୍ରୟାସକୁ ଅନ୍ତର୍ଭୁକ୍ତ କରେ। ଉଲ୍ଲେଖନୀୟ ଯେ ଯାହା ଚାଇନା ସେକେଣ୍ଡ ଥୋମାସ ଶୋଆଲକୁ ଦଖଲ କରିବାକୁ ଚେଷ୍ଟା କରୁଛି।

ଏହି ଆଭିମୁଖ୍ୟକୁ ସମର୍ଥନକରି ଆମେରିକା ଏକ ଅନ୍ତର୍ଜାତୀୟ ଆର୍ବିଟ୍ରେସନ ଟ୍ରିବ୍ୟୁନାଲ ଦ୍ୱାରା ୨୦୧୬ର ନିଷ୍ପତ୍ତିକୁ ଦର୍ଶାଇପାରେ ଯେ ଦକ୍ଷିଣ ଚାଇନା ସାଗର ଅଞ୍ଚଳକୁ ଚାଇନା ନିଜର ବୋଲି ଦାବି କରିବାର କୌଣସି ଆଇନଗତ ଆଧାର ନାହିଁ ଏବଂ ଫିଲିପାଇନ୍ସ ଇଇଜେଡ୍ ମଧ୍ୟରେ ଚାଇନାର କାର୍ଯ୍ୟକଳାପ ଫିଲିପାଇନ୍ସର ସାର୍ବଭୌମତ୍ୱକୁ ଉଲ୍ଲଂଘନ କରିଛି। କିନ୍ତୁ ଏହି ନିଷ୍ପତ୍ତିକୁ ଚାଇନା ଖୋଲାଖୋଲି ଭାବେ ଅବମାନନା କରିବାରୁ ଜଣାପଡ଼ୁଛି ଯେ, ଦକ୍ଷିଣ ଚାଇନା ସାଗରର ଭବିଷ୍ୟତ ଅନ୍ତର୍ଜାତୀୟ ଆଇନ ଦ୍ୱାରା ସ୍ଥିରହେବାର କୌଣସି ଆଶା ଦେଖାଯାଉ ନାହିଁ, ଯେଉଁଥିପାଇଁ ଆମେରିକା ଚୁକ୍ତିକୁ ସମର୍ଥନକରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ହେବା ଆବଶ୍ୟକ। ଯଦି ଆମେରିକା ତା'ର ଚୁକ୍ତିଭୁକ୍ତ ସହଯୋଗୀ ପାଇଁ ଛିଡ଼ାହୁଏ, ତେବେ ଏହା ଗତ ୧ ଦଶନ୍ଧିରେ ଫିଲିପାଇନ୍ସର ୯ଟି ନୌସେନା ଏବଂ ବାୟସେନା ଯେଭଳି ଲାଭ ପାଇଥିଲା ସେଭଳି ପାଇପାରେ। ଏହି ଘାଟି ମଧ୍ୟରୁ ଦୁଇଟି ତାଇୱାନ ଏବଂ ଦକ୍ଷିଣ ଚାଇନା ନିକଟରେ ଅବସ୍ଥିତ । ଯଦି ଏହା ସହଯୋଗ ନ କରେ, ତେବେ ଦକ୍ଷିଣ ଚାଇନା ସାଗର ଉପରେ ଚାଇନା ନିଜର ପ୍ରାଧାନ୍ୟକୁ ଦୃଢ଼ କରିଚାଲିବ। ଫଳରେ ଶକ୍ତି ଓ ମତ୍ସ୍ୟ ସମ୍ପଦରେ ସମୃଦ୍ଧ ଅଞ୍ଚଳ ପ୍ରତି ବିପଦ ସୃଷ୍ଟିହେବ। ଏହା ସହ ଯୋଗାଣ ଶୃଙ୍ଖଳରେ ବାଧାଦେବା ସହ ଭଲ ସମ୍ପର୍କ ନ ଥିବା ଦେଶଗୁଡ଼ିକୁ ଅସୁବିଧାରେ ପକାଇବାର କ୍ଷମତା ହାସଲ କରିବ ।

ଦକ୍ଷିଣ ଚାଇନା ସାଗରରେ ଚାଇନା ସୀମିତ ରହିବ ନାହିଁ। ଶି'ଙ୍କ ନେତୃତ୍ୱରେ ଚାଇନା ସମାନ ପ୍ରକାର ପ୍ରତାରଣା, ଧମକ ବା ଭୟ, ଉତ୍ପୀଡ଼ନ ଆଦିକୁ ବ୍ୟବହାର କରି ପୂର୍ବ ଚାଇନା ସାଗରଠାରୁ ହିମାଳୟ ପର୍ଯ୍ୟନ୍ତ ଯେକୌଣସି ଅଞ୍ଚଳକୁ ନିଜର ବୋଲି ଦାବିକରି ସୀମା ବିସ୍ତାର କରିବାକୁ ଚେଷ୍ଟା କରିଛି । ଏପରିକି କ୍ଷୁଦ୍ର ଦେଶ ଭୁଟାନକୁ ମଧ୍ୟ ବାଦ୍ ଦେଇନାହିଁ। ଚାଇନାର ଏଭଳି ଡରାଣକୁ ରୋକିବା ପାଇଁ ଏକମାତ୍ର ଉପାୟ ହେଉଛି ଏକ ବିଶ୍ୱସନୀୟ ଚ୍ୟାଲେଞ୍ଜର ବା ମୁକାବିଲାକାରୀ ଦେଶ କେବଳ ଏହାକୁ ବିରୋଧ କରିପାରିବ। ଆମେରିକା ନିଶ୍ଚିତ ଭାବରେ ସେହି ଚ୍ୟାଲେଞ୍ଜର ହେବ ଏବଂ ଫିଲିପାଇନ୍ସକୁ ରକ୍ଷାକରି ଏହା ଆରମ୍ଭ କରିବା ଦରକାର।

**ପ୍ରଫେସର ଏମେରିଟସ୍ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

# ବାଲିଯାତ୍ରା



ବିପିନ ବିହାରୀ ରାଉତ

ହଜାରେ ବର୍ଷର ସହର କଟକରେ ବାଲିଯାତ୍ରା ରୂପକ ଯାତ୍ରାର ବୟସ ବି ପାଞ୍ଚଶହ ବର୍ଷରୁ ଅଧିକ ବୋଲି ଇତିହାସ କହେ। ଗୋଟିଏପଟେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା, ସାଧବପୁଅ ସଂସ୍କୃତି ଓ ଐତିହ୍ୟର ଜୟଗାନ, ଅନ୍ୟପଟେ ବିନ୍ଦାସ୍ ମଜା, ମଜଲିସ୍, ବୁଲାବୁଲି, ଖିଆପିଆ, ମନୋରଞ୍ଜନର ଐକ୍ୟତାନ। ଏ ଦୁଇଟିଯାକ ସମାନ୍ତର ଟ୍ରାକ୍ ଉପରେ ଗତି କରୁଥିବା ଯାତ୍ରା ବା ମହୋତ୍ସବର ନାଁ ହେଉଛି ବାଲିଯାତ୍ରା। ବାଲିଯାତ୍ରାର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ଏହାର ବିଶାଳ ଆକାର ଓ ବିପୁଳ ସମ୍ଭାର। କଟକ ବାଲିଯାତ୍ରା ନିଜ ସାଜସଜ୍ଜା, ଗହଳ, ରଙ୍ଗଢଙ୍ଗ ଆଉ ଆକାର ପ୍ରକାର ସବୁ ଯାତ୍ରାଠାରୁ ଭିନ୍ନ। ମନୋରଞ୍ଜନ ଓ ମହୋତ୍ସବର ମହଲ ହେଉଛି କଟକ ବାଲିଯାତ୍ରା। ଦିନରେ ବାଲିଯାତ୍ରାରେ ପହଡ଼, ରାତିକି ଭିଡ଼ । ଏହା ନ ଦେଖିଲେ ମନ ବୁଝେନା। ଥରେ ବୁଲିଆସିଲେ ଆଉ ଯିବାକୁ ବି ଇଚ୍ଛା ହୁଏନାହିଁ। ନୂଆ ଲୋକଟି ଗଳିର ସହର କଟକରେ ବାଟବଣା ହୁଏ ଅଥଚ ବାଲିଯାତ୍ରା ଠିକଣା ହଜାଏନାହିଁ। ଆଖୁ କିଆରିରେ ପଶିବା ଭଳି ଲାଗେ। ବହୁତ କିଣିବାକୁ ଇଚ୍ଛାକରି କିଛି କିଣିପାରେନା।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଚାଇନା ଓ ଉତ୍କଳ ରାଜାଙ୍କ ମଧ୍ୟରେ ଉପଢୌକନ ବିନିମୟ ହେଉଥିବା ଲଳିତ ବିସ୍ତର ଓ ସିୟୁକି ପ୍ରଭୃତି ବୌଦ୍ଧ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି। ରୋମ୍ ସାମ୍ରାଜ୍ୟ ସହିତ ମଧ୍ୟ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା। କଳିଙ୍ଗର ସୂକ୍ଷ୍ମବସ୍ତ୍ର ବ୍ୟତୀତ ସମ୍ବଲପୁର ହୀରା ସେଠାରେ ବିଶେଷ ଆଦରଲାଭ କରିଥିଲା। ସମ୍ରାଟ୍ ଖାରବେଳଙ୍କ ରାଜତ୍ୱକାଳରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ କାରବାର ଚାଲୁଥିବା କଥା ଜୟସ୍ୱାଲ ପ୍ରମାଣ କରିଛନ୍ତି । କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବପୁଅ ପାଲଟଣା ବୋଇତ ମାନଙ୍କରେ ସ୍ୱଦେଶୀ ରେଶମୀ ପାଟ, ସୂକ୍ଷ୍ମବସ୍ତ୍ର, ବିଭିନ୍ନ ସୁଗନ୍ଧ ଦ୍ରବ୍ୟ, କାରିଗର ଶିଳ୍ପସାମଗ୍ରୀ ଓ ସମ୍ବଲପୁର ଅଞ୍ଚଳର ବିଖ୍ୟାତ ହୀରା ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିଦ୍ୱୀପ ପ୍ରଭୃତିକୁ ଯାତ୍ରା କରୁଥିଲେ। ଏ ପ୍ରାଚୀନକାଳରେ କଳିଙ୍ଗ ବାଣିଜ୍ୟ, ବ୍ୟବସାୟ, ସ୍ଥାପତ୍ୟ, ଶିଳ୍ପକଳା, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଚରମସୀମାରେ ଉପନୀତ ହୋଇଥିଲା। ସେହି ଗୌରବକୁ ସ୍ମରଣ କରିବା ସକାଶେ ଏବେ ପାରାଦୀପ ଓ ଚାନ୍ଦବାଲି ଠାରେ ବୋଇତବନ୍ଦାଣ ଉତ୍ସବ ପାଳିତ ହେଉଛି। ସେଦିନର ସତ୍ୟ ଆଜିର ସ୍ମୃତିରେ ପରିଣତ ହୋଇ କେବଳ ବାଲିଯାତ୍ରା ଓ ବୋଇତବନ୍ଦାଣ ମାଧ୍ୟମରେ ଆମମାନଙ୍କୁ ସାମାନ୍ୟ ଆନନ୍ଦ ଦେଉଛି।

ବାଲିଯାତ୍ରାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ ଓର୍‌ମାସ ଷ୍ଟଲ୍। ଚଳିତବର୍ଷ କୋଣାର୍କ ମନ୍ଦିର ଶୈଳୀରେ ଏହାର ପ୍ରବେଶ ପଥଟି ହୋଇଛି। ଚଳିତ ବର୍ଷର କୋଣାର୍କ ମନ୍ଦିରର ମୁଖଶାଳା ସମଗ୍ର ବିଶ୍ୱରେ ଓଡ଼ିଶାର ସ୍ଥପତି ଓ ଭାସ୍କର୍ଯ୍ୟର ମହାନ୍ ଗାଥାକୁ ଆହୁରି ଉଚ୍ଚ ସୋପାନକୁ ନେଇଯିବ। ଏହାବ୍ୟତୀତ ଚଳିତବର୍ଷ ସମଗ୍ର ଭାରତର ୨୨ଟି ରାଜ୍ୟ ଓ ଓଡ଼ିଶାର ସମସ୍ତ ୩୦ଟି ଜିଲାରୁ ବିଭିନ୍ନ ଷ୍ଟଲ୍ ସାମିଲ ହେବେ। ସେମାନଙ୍କ ସହ ମିଶନ ଶକ୍ତି, ନାବାର୍ଡ, ଟେକ୍ସଟାଇଲ ଓ ବିଭିନ୍ନ ଶିଳ୍ପକେନ୍ଦ୍ରର ଷ୍ଟଲ୍ ବଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ। କେବଳ ଓଡ଼ିଶା ଖାଦ୍ୟ ନୁହେଁ, ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଓ ପଶ୍ଚିମବଙ୍ଗର ଖାଦ୍ୟସବୁ ମଧ୍ୟ ଏହି ଷ୍ଟଲ୍‌ରେ ଉପଲବ୍ଧର ବ୍ୟବସ୍ଥା ରହିଛି। ଓଡ଼ିଶାରେ ଚଳିତବର୍ଷ ବିଶ୍ୱ ମିଲେଟ୍ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିବାରୁ ଏବଂ ଲୋକମାନଙ୍କ ଭିତରେ ମିଲେଟ୍ ପ୍ରତି ଦୁର୍ବଳତା ଦିନକୁଦିନ ବଢୁଥିବାରୁ ଚାରୋଟି ଷ୍ଟଲ୍‌ରେ କେବଳ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟସାମଗ୍ରୀ ମିଳିବା ସହ ଅନ୍ୟ ୨୫ ପ୍ରକାର ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ମଧ୍ୟ ମିଳିବ।

ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରର ବାଲିଯାତ୍ରା ସମୟରେ ସହର ଓ ସହର ଆଖପାଖ ଅଞ୍ଚଳର ଝିଅ ଝିଆଣୀମାନେ ବାପ ଘରକୁ ଆସିଥାନ୍ତି କେବଳ ବାଲିଯାତ୍ରା ପାଇଁ। ବନ୍ଧୁଘରର ସଜ ହେଉ ବା ଝିଅ ବାହାଣୀ ପାଇଁ ଘର ଯୋଗାଡ଼ ଜିନିଷ, ମାଛଜାଲ ହେଉ ବା ହରେକ୍ ରକମର କାଠସାମଗ୍ରୀ, ଲୁଗାପଟାଠାରୁ ସବୁକିଛି ଏଇଠି ପାଇବେ। ଓଡ଼ିଶା ସରକାର ବାଲିଯାତ୍ରାର ବିଶ୍ୱସ୍ତରୀୟ ପ୍ରଚାର ପ୍ରସାର କରିବା ସହ ଏହାର ପୃଷ୍ଠପୋଷକତା ମଧ୍ୟ କରୁଛନ୍ତି। ରଙ୍ଗବେରଙ୍ଗ ଆଲୋକର ମେଖଳା ଭିତରେ ଦୂର ଅତୀତର ଗୌରବମୟ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିବିଜଡ଼ିତ ପଦଚିହ୍ନ ବେଶ୍ ଭାବଗର୍ଭକ।

**ତୁଳସୀପୁର, କଟକ**
**ମୋ:୯୪୩୭୬୬୬୪୫୩**

## ଏଇ ଭାରତରେ

ଘରଚଟିଆ ବଂଶ ଲୋପ ପାଇଯାଉଥିବା ବେଳେ ଏମାନଙ୍କ ସୁରକ୍ଷା ଦିଗରେ ଚେନ୍ନାଇର ଏକ ଦମ୍ପତିଙ୍କ ପ୍ରୟାସ ପ୍ରଶଂସନୀୟ। ଗଣେଶନ ଡି. ଓ ତାଙ୍କ ସ୍ତ୍ରୀ ଶାନ୍ତିନୀ ଚେନ୍ନାଇର ସ୍କୁଲଗୁଡ଼ିକରେ ଘରଚଟିଆଙ୍କ ପାଇଁ କାଠର ବାକ୍ସ ଲଗାଉଛନ୍ତି। ଏହି କାଠବାକ୍ସ ଲଗାଇବା ସହ ପକ୍ଷୀମାନଙ୍କର ଯତ୍ନ ନେବାରେ ପିଲାମାନେ ସହଯୋଗ କରୁଛନ୍ତି। 'କୁଡୁଗାଲ ନେଷ୍ଟ' ଏନ୍‌ଜିଓ ମାଧ୍ୟମରେ ସେମାନେ ଏହି କାର୍ଯ୍ୟ କରୁଛନ୍ତି। ଗଣେଶନ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ କାମ କରିବା ପରେ ଆଇଟି କ୍ଷେତ୍ରରେ କୋଡା ଟେକ୍‌ନୋଲୋଜି ସଲ୍ୟୁଶନରେ ଡୋମେନ ସ୍ପେଶିଆଲିଟି ଭାବେ କାମ କରୁଛନ୍ତି। ଏଥିରୁ ସମୟ ବାହାର କରି ସେ ଘରଚଟିଆ ବଂଶ ସୁରକ୍ଷା ଦିଗରେ କାମ କରୁଛନ୍ତି। ପ୍ରଥମେ ଧନଲକ୍ଷ୍ମୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୧୫ଟି ବାକ୍ସ ବସାଇଥିଲେ। ଏବେ ସବୁ ସ୍କୁଲକୁ ୧୦,୦୦୦ କାଠ ବାକ୍ସ ବାଣ୍ଟି ସାରିଲେଣି। ସେମାନେ ଏବେ ସୁଦ୍ଧା ସ୍କୁଲଗୁଡ଼ିକରେ ୧୦୦ରୁ ୨୦୦ ଘରଚଟିଆ ରହିଲା ଭଳି କାଠବାକ୍ସ ଲଗାଉଛନ୍ତି। କାଠବାକ୍ସ ତିଆରି କରିବା ଲାଗି ସେ ସ୍କୁଲ ପିଲାଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ଏହାବ୍ୟତୀତ ଏହି କାର୍ଯ୍ୟରେ ଲୋକଙ୍କୁ ମଧ୍ୟ ସାମିଲ କରିଛନ୍ତି। ଫଳରେ ଶସ୍ତାରେ ବସା ତିଆରି ହୋଇପାରୁଛି। ଏହା ବ୍ୟତୀତ ପରିବାରଗୁଡ଼ିକୁ ଏଥିରେ ସାମିଲ କରିବାର ଲକ୍ଷ୍ୟ ରଖିଛନ୍ତି ଗଣେଶନ। ଏହି କାର୍ଯ୍ୟ ପାଇଁ ବହୁ ସଂସ୍ଥା ଓ ବ୍ୟକ୍ତି ଆର୍ଥିକ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ନଭେମ୍ବର ୧୯୭୫**

- ଶିଶୁ ସାହିତ୍ୟର ବିକାଶ ପାଇଁ ପଞ୍ଜାବ ସରକାର ରାଜ୍ୟରେ ଏକ ବୁକ୍ ଟ୍ରଷ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି କରିଛନ୍ତି।
- ପାଟଣା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରଫେସର ଆର୍.ପି. ରାୟ ଏବଂ ରାଜସ୍ଥାନର ଲୋକ ସାହିତ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ କୋମଳ କୋଠାରୀଙ୍କୁ ଜବାହରଲାଲ ନେହେରୁ ଫେଲୋସିପ୍ ପୁରସ୍କାର ପ୍ରଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 5 | | | | 6 |
| | | | | | 8 | 1 | | |
| | 4 | | | 2 | | | 5 | |
| | 6 | | | | 4 | 5 | | 3 |
| | 1 | | 8 | 7 | | | | |
| | | 9 | | | 2 | | | 1 |
| | | | | 8 | 1 | | 7 | |
| | 2 | | | 6 | | | | |
| | | 5 | | | 7 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 7 | 8 | 4 | 2 | 3 | 1 | 6 |
| 8 | 1 | 4 | 3 | 7 | 6 | 5 | 2 | 9 |
| 6 | 2 | 3 | 9 | 1 | 5 | 7 | 8 | 4 |
| 2 | 8 | 5 | 7 | 9 | 3 | 6 | 4 | 1 |
| 3 | 6 | 1 | 4 | 5 | 8 | 9 | 7 | 2 |
| 7 | 4 | 9 | 6 | 2 | 1 | 8 | 5 | 3 |
| 1 | 7 | 2 | 5 | 3 | 9 | 4 | 6 | 8 |
| 4 | 3 | 8 | 2 | 6 | 7 | 1 | 9 | 5 |
| 9 | 5 | 6 | 1 | 8 | 4 | 2 | 3 | 7 |

ଗତକାଲିର ଉତ୍ତର

# ଓଡ଼ିଶାରେ ଦାଦନ ସମସ୍ୟା



ସୁଧାଂଶୁ ରଞ୍ଜନ ଦାସ

ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗଗୁଡିକର ସମ୍ମିଳିତ ପ୍ରୟାସରେ ରାଜ୍ୟର ଦାଦନ ଶ୍ରମିକମାନଙ୍କୁ କିପରି ରାଜ୍ୟରେ ଜୀବିକା ଅର୍ଜନ କରିବା ପାଇଁ ସୁଯୋଗ ସୃଷ୍ଟି କରାଯିବ ସେଥିପାଇଁ ରାଜ୍ୟ, ବ୍ଲକ ଓ ଜିଲା ସ୍ତରରେ କମିଟି ଗଠନ କରାଯାଇ ରାଜ୍ୟର ଏଗାରଟି ଜିଲା ଯଥା ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ ସୁବର୍ଣ୍ଣପୁର ଜିଲାରେ ଦାଦନ ଶ୍ରମିକମାନଙ୍କୁ ଚିହ୍ନଟ କରାଯିବ ବୋଲି ରାଜ୍ୟ ସରକାର ନିର୍ଣ୍ଣୟ ନେଇଛନ୍ତି। ଦାଦନ ପରିବାରମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ଦିଆଯିବା ସଙ୍ଗେ ସଙ୍ଗେ ଶ୍ରମଭିତ୍ତିକ କାର୍ଯ୍ୟକ୍ରମରେ ଜଡିତ କରାଯାଇ ବର୍ଷକୁ ୨୦୦ରୁ ୩୦୦ ଦିନ କାମ ଦିଆଯିବ ବୋଲି ରାଜ୍ୟର ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି। ଆଶ୍ଚର୍ଯ୍ୟର ବିଷୟ ସରକାର ମାଗଣା ଖାଦ୍ୟ ପଦାର୍ଥ, ବିଭିନ୍ନ ପ୍ରକାର ସବ୍‌ସିଡି, କୃଷି ଋଣ ଛାଡ ଓ ବିଭିନ୍ନ ଯୋଜନାରେ ଗରିବ ଲୋକଙ୍କ ପାଖକୁ କୋଟି କୋଟି ଟଙ୍କା ବିତରଣ କଲା ପରେ ମଧ୍ୟ ରାଜ୍ୟରୁ ଦାଦନ ଶ୍ରମିକମାନେ ଦୂର ଦୂରାନ୍ତ ରାଜ୍ୟକୁ ରୋଜଗାର ପାଇଁ ଚାଲି ଯାଉଛନ୍ତି। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦାଦନ ସମସ୍ୟାର ସମାଧାନ ପାଇଁ ସରକାର ବିଶେଷ ଆଲୋଚନାଚକ୍ର ନ କରି କେତେକ ସରଳ ଉପାୟ ଅବଲମ୍ବନ କରିବା ଉଚିତ।

ପ୍ରଥମେ ସରକାର ରାଜ୍ୟର ବିଭିନ୍ନ ବିକାଶ ବିଭାଗରେ ଥିବା ବରିଷ୍ଠ ଓ ଅଭିଜ୍ଞ ଅଧିକାରୀମାନଙ୍କୁ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ ସୁବର୍ଣ୍ଣପୁର ଜିଲାଗୁଡିକରେ ଲମ୍ବା ସମୟ ପୋଷ୍ଟିଂ କରି ଏହି ଜିଲାଗୁଡିକର ବିକାଶ କରିବା ପାଇଁ ସମ୍ପୂର୍ଣ୍ଣ ସୁଯୋଗ ଦେବା ଉଚିତ। ଏହି ଅଭିଜ୍ଞ ଅଧିକାରୀମାନେ ଭୁବନେଶ୍ୱରରେ ରହି ଦାଦନ ପ୍ରପୀଡ଼ିତ ଜିଲାଗୁଡିକର ବିକାଶ କରିବା ସମ୍ଭବ ନୁହେଁ। ଏହି ଅଧିକାରୀମାନେ ସେମାନଙ୍କର ଅଭିଜ୍ଞତା ଓ ପାରଦର୍ଶିତା ଦେଖାଇ ଜିଲାଗୁଡିକରେ ରୋଜଗାରର ସମ୍ଭାବନା ସୃଷ୍ଟି କରିପାରିବେ।

ସରକାର ଏହି ଦାଦନ ପ୍ରପୀଡ଼ିତ ଅଞ୍ଚଳଗୁଡିକରେ ଖର୍ଚ୍ଚ ହେଉଥିବା ଧନରାଶି ଯେପରି ବାଟମାରଣା ନ ହୋଇ ପ୍ରକୃତ ପ୍ରପୀଡ଼ିତ ଲୋକଙ୍କ ପାଖରେ ପହଞ୍ଚେ ସେଥିପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ। ଏହି ଜିଲାଗୁଡିକରେ ସରକାର ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ସଂସ୍ଥାଗୁଡ଼ିକ ପ୍ରତି "ଜିରୋ ଟଲେରାନ୍ସ"ନୀତି ଅବଲମ୍ବନ କରିବା ଉଚିତ। ଏହି ଦାଦନ ପ୍ରପୀଡ଼ିତ ଜିଲାଗୁଡିକରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରୀ ସୁବିଧା, ବ୍ୟାଙ୍କ ଋଣ, ସ୍କୁଲ ଶିକ୍ଷା ଓ ସ୍ୱାସ୍ଥ୍ୟସେବାଗୁଡିକର ଯେପରି ସଦୁପଯୋଗ ହୁଏ ସେଥିପାଇଁ ଗଣମାଧ୍ୟମ ଧ୍ୟାନ ଦେବା ଉଚିତ। ଏହି ଜିଲାଗୁଡିକରେ ଭିତ୍ତିଭୂମି ପ୍ରକଳ୍ପଗୁଡିକର ଗୁଣାତ୍ମକ ମାନର ପରୀକ୍ଷା ନିରୀକ୍ଷା କରାଯିବା ନିହାତି ଦରକାର। ଭିତ୍ତିଭୂମି ପ୍ରକଳ୍ପଗୁଡିକର ଗୁଣାତ୍ମକ ମାନକୁ ଯାଞ୍ଚ କରିବା ପାଇଁ ସେବାନିବୃତ୍ତ ଅଧିକାରୀମାନଙ୍କୁ ନିୟୋଜିତ ନ କରି ଶିକ୍ଷିତ ଯୁବପିଢିଙ୍କୁ ନିୟୋଜିତ କରିବା ଉଚିତ। ଅନେକ ସେବାନିବୃତ୍ତ ଅଧିକାରୀ କଣ୍ଟ୍ରାକଟର, ନେତା ଓ ଅସାଧୁ ଅଧିକାରୀଙ୍କ ସହିତ ମିଶି ଭିତ୍ତିଭୂମି ପ୍ରକଳ୍ପଗୁଡିକର ଯାଞ୍ଚ କରିବାରେ ତ୍ରୁଟି ରଖିଥାନ୍ତି। ଉତ୍ତମ ମାନରେ ହୋଇଥିବା




ଭିତ୍ତିଭୂମି ପ୍ରକଳ୍ପଗୁଡିକ ଜିଲାଗୁଡିକରେ ରୋଜଗାର ସୃଷ୍ଟି କରି ଦାଦନ ସମସ୍ୟାକୁ ଲାଘବ କରିବ। ଜିଲାଗୁଡିକରେ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବହିଷ୍କାର କରାଯିବା ଦରକାର। କାରଣ ଦୁର୍ନୀତି ହିଁ ଦାଦନ ଶ୍ରମିକ ସୃଷ୍ଟି କରିଥାଏ।

ଏହି ଜିଲାଗୁଡିକରେ ସାହୁକାରମାନେ ଗରିବ ଓ ଅଶିକ୍ଷିତ ଶ୍ରେଣୀର ଲୋକମାନଙ୍କୁ ଋଣ ଜାଲରେ ପକାଇ ସେମାନଙ୍କ ଜମି ନେଇଯାଉଥିବାର ଦେଖାଯାଉଛି। ସଚ୍ଚୋଟ ଓ ଦକ୍ଷ ପୋଲିସ, ନ୍ୟାୟ ପାଳିକା, ସରକାରୀ ଅଧିକାରୀ, ବୁଦ୍ଧିଜୀବୀ ଓ ଯୁବପିଢ଼ି ଏହି ସମସ୍ୟାର ସମାଧାନ କରିପାରିବେ। ବାହାର ରାଜ୍ୟରୁ ଆସୁଥିବା ଜମି ମାଫିଆମାନେ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଏହି ଜିଲାଗୁଡିକରେ ହଜାର ହଜାର ଏକର ଜମି ଦଖଲ କରିସାରିଲେଣି। ଫଳରେ ଦାଦନ ଶ୍ରମିକ ସମସ୍ୟା ଆହୁରି ତୀବ୍ରତର ହୋଇଛି। ସରକାର ଏହି ଜମି ମାଫିଆମାନଙ୍କ ପ୍ରାଦୁର୍ଭାବକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ଉଚିତ।

ରାଜ୍ୟ ସରକାରଙ୍କ କୃଷି ବିଭାଗ, ପର୍ଯ୍ୟଟନ ବିଭାଗ, ଜଳଧନ ବିକାଶ ବିଭାଗ, ହସ୍ତଶିଳ୍ପ ବିକାଶ ବିଭାଗ, ଅର୍ଥ ବିଭାଗ, ପଞ୍ଚାୟତିରାଜ ବିଭାଗ ଓ ଜଙ୍ଗଲ ବିକାଶ ବିଭାଗର ଅଭିଜ୍ଞ ଅଧିକାରୀମାନେ ଏହି ଏଗାରଟି ଜିଲାରେ ଥିବା ଜଳାଶୟ, କୃଷି କ୍ଷେତ୍ର, ଫସଲ ବିବିଧତା, ପର୍ଯ୍ୟଟନ ସ୍ଥଳ, ଆଦିବାସୀମାନଙ୍କର ହସ୍ତକଳା କୌଶଳ, ବୁଣାକାରମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି, ଜଙ୍ଗଲଜାତ ଦ୍ରବ୍ୟ, ବନ୍ୟଜନ୍ତୁମାନଙ୍କର ସୁରକ୍ଷା, ତୀର୍ଥ ପର୍ଯ୍ୟଟନ ସ୍ଥଳୀ ଓ ପଶୁଧନର କିଭଳି ସୁରକ୍ଷା ଓ ବିକାଶ ହେବ ସେଥିପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ। ଏହି ଆର୍ଥିକ ଗତିବିଧିଗୁଡିକ ଉପରେ ଏକ ଗବେଷଣାମୂଳକ ତଥ୍ୟ ପୁଞ୍ଜି ତିଆରି ହେବା ଦରକାର। ଅଧିକାରୀମାନେ ଇଣ୍ଟରନେଟ୍ ଡାଟା କିମ୍ବା ପୂର୍ବ ପ୍ରକାଶିତ ତଥ୍ୟ ପୁଞ୍ଜିକୁ ନକଲ ନ କରି ନିଜ ପରିଶ୍ରମରେ ଏକ ନିର୍ଭୁଲ ତଥ୍ୟ ପୁଞ୍ଜି ତିଆରି କରିବା ଦରକାର। ନିର୍ଭୁଲ ତଥ୍ୟ ପୁଞ୍ଜି ବିନା ଏହି ଜିଲାଗୁଡିକର ବିକାଶ ସମ୍ଭବ ନୁହେଁ।

ବିଡମ୍ବନାର ବିଷୟ ଏହି ଜିଲାଗୁଡିକରେ ରୋଜଗାର ପାଇଁ ଅନେକ ସମ୍ଭାବନା ଥାଇ ମଧ୍ୟ ଦାଦନ ସମସ୍ୟା ଦିନକୁ ଦିନ ବଢି ଚାଲିଛି। ଏହି ଜିଲାଗୁଡ଼ିକରୁ ହଜାର ହଜାର ସଂଖ୍ୟାରେ ଦାଦନ ବାହାର ରାଜ୍ୟକୁ ଯାଇ ଏକ ଅନିଶ୍ଚିତ ଜୀବନ ଅତିବାହିତ କରୁଛନ୍ତି। ସରକାର ସେମାନଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଏହି ଜିଲାଗୁଡିକରେ ଥିବା ସୂକ୍ଷ୍ମ ଆର୍ଥିକ ଗତିବିଧିଗୁଡିକୁ ସକ୍ରିୟ କରିବା ଉଚିତ। ଏଥିପାଇଁ ତୃଣମୂଳ ସ୍ତରରେ ଇଚ୍ଛାଶକ୍ତିର ଅତ୍ୟନ୍ତ ଆବଶ୍ୟକତା ଅଛି।

ଏହି ଦାଦନ ପ୍ରପୀଡ଼ିତ ଜିଲାଗୁଡିକରେ ବିଭିନ୍ନ ଋଣ ବିତରଣକାରୀ ସଂସ୍ଥା ଓ ସାହୁକାରମାନେ ଲୋକଙ୍କୁ ବାର୍ଷିକ ୬୦% ହାରରେ ଋଣ ଦେଉଥିବାର ଦେଖିବାକୁ ମିଳୁଛି। ଅତ୍ୟଧିକ ସୁଧ ହାର ଦାଦନ ସମସ୍ୟାର ଏକ ପ୍ରମୁଖ କାରଣ। ଓଡ଼ିଶା ସରକାର ଏହି ଋଣ ବିତରଣକାରୀ ସଂସ୍ଥା ଓ ସାହୁକାରମାନଙ୍କର ଉପଦ୍ରବକୁ ତୁରନ୍ତ ବନ୍ଦ କରିବା ଉଚିତ। ବ୍ୟାଙ୍କମାନେ ଋଣର ଉପଯୁକ୍ତ ବିନିଯୋଗ ପାଇଁ ଏହି ଜିଲାଗୁଡିକରେ ସ୍ୱୟଂ ସହାୟକ ସଂସ୍ଥା ଓ କୃଷକ କ୍ଲବ ଅଧିକ ସଂଖ୍ୟାର କରିବା ଉଚିତ। ଏହି ସଂସ୍ଥାଗୁଡିକର ଯେପରି ରାଜନୀତୀକରଣ ନ ହୁଏ ସେଥିପାଇଁ ଧ୍ୟାନ ଦେବା ଉଚିତ। ବିଭିନ୍ନ ରାଜନୈତିକ ଦଳମାନେ ଏହି ଜିଲାଗୁଡିକରେ ନିର୍ବାଚନ ଟିକେଟ ବିତରଣ କଲାବେଳେ ପ୍ରାର୍ଥୀମାନଙ୍କର ସମାଜ, ପରିବେଶ ଓ ଆର୍ଥିକ ବିକାଶ ପ୍ରତି ଅବଦାନକୁ ଅନୁଧ୍ୟାନ କରିବା ଉଚିତ। ଦକ୍ଷ ଓ ସଚ୍ଚୋଟ ରାଜନେତା ହିଁ ଏହି ଦାଦନ ସମସ୍ୟାର ସମାଧାନ କରିପାରିବେ।

**ମୋ: ୭୭୦୨୩୮୩୮୦**

## ପାଠକ ଶ୍ରେଷ୍ଠ ବିଚାରକ

### ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ନାମ ବଦଳାଯାଉ

ମହାଶୟ,

ଉତ୍କଳମଣି ଗୋପବନ୍ଧୁଙ୍କ ମୁଠାଏ ମାଟି ଉପରେ ୧୯୧୯ରେ ଗଢ଼ିଉଠିଥିଲା ଆଜିର ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ, ଦାଣ୍ଡମୁକୁନ୍ଦପୁର। ଏହି ଶିକ୍ଷାନୁଷ୍ଠାନର ନାମ ପରିବର୍ତ୍ତନ କରି ଗୋପବନ୍ଧୁ ସ୍ମୃତି ଉଚ୍ଚ ବିଦ୍ୟାଳୟ ଭାବେ ନାମିତ କରିବା ପାଇଁ ଦାବି କରାଯାଉଛି । ଗତ ଅକ୍ଟୋବର ୯ରେ ବିଦ୍ୟାଳୟ ପରିସରରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଏ ସମ୍ପର୍କରେ ଆଲୋଚନା ଓ ଦାବି କରାଯାଇଥିଲା। ସ୍ଥାନୀୟ ଜନସ୍ୱାର୍ଥ ସୁରକ୍ଷା ସମିତିର ସଂଯୋଜକ ଶିକ୍ଷାବିତ୍ ସନ୍ତୋଷ କୁମାର ମିଶ୍ର, ବିଭିନ୍ନ ସଙ୍ଗଠନର ସଭ୍ୟ, ସଭ୍ୟା ଓ ଉପସ୍ଥିତ ସାମ୍ବାଦିକମାନେ ଏହି ନାମ ପରିବର୍ତ୍ତନ ଦାବିକୁ ସମର୍ଥନ କରିଥିଲେ। ବର୍ତ୍ତମାନ ସରକାର ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ବଦ୍ଧପରିକର। ତେଣୁ ମେମୋରିଆଲ ହାଇସ୍କୁଲ ପରି ୨ଟି ଇଂରାଜୀ ଶବ୍ଦ, ଯାହାର ଅର୍ଥ ସାଧାରଣ ଜନତାଙ୍କ ପାଇଁ ଏବେ ବି ଅବୁଝା। ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଏହି ଶତାୟୁ ଶିକ୍ଷାନୁଷ୍ଠାନର ନାମ ପରିବର୍ତ୍ତନ କଲେ ତାଙ୍କର ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଅତୁଳନୀୟ ଅବଦାନ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିବ । ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ।

**-ଅର୍ଜୁନ ଘଡ଼େଇ, ଦାଣ୍ଡମୁକୁନ୍ଦପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱର ତପତ ଶ୍ୱାସ
ଜାଳଇ ଅନଳ,
ଜାଗଇ ବିରାଟ ତୃଷା
ଭୁବନେ କେବଳ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଡ଼ିଶାର ସବୁଜ ସ୍ୱର



ଅଙ୍କିତା ଦାଶ, ଅଭିନେତ୍ରୀ



ଆକାଶ ଦାସନାୟକ, ଅଭିନେତା



କାଜଲ ଶତପଥୀ, ଅଭିନେତ୍ରୀ



ଦୀପକ ଶର୍ମା, ବ୍ୟବସାୟୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମ୍ବଲପୁର



ଆଇଆର୍‌ସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର



ପ୍ରିନ୍ସ କଲେଜ, ବାରିପଦା



ଘଡ଼େଇ ଆବାସିକ ସାଇନ୍ସ କଲେଜ, ମାଲକାନଗିରି

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...






# ଧାନକିଣାରେ ଚାଷୀଙ୍କୁ ଠକିଲେ କାର୍ଯ୍ୟାନୁଷ୍ଠାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୧୧(ଅନିଲ ଦାସ)



## ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ

ଆସନ୍ତା ସପ୍ତାହକ ପରେ ରାଜ୍ୟରେ ଖରିଫ ଧାନକିଣା ଆରମ୍ଭ ହେବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୩୦୦ ଟଙ୍କା ସହିତ ରାଜ୍ୟ ସରକାରଙ୍କ ତରଫରୁ ଇନ୍‌ପୁଟ ସହାୟତା ୮୦୦ ଟଙ୍କା ମିଶାଇ ଚଳିତବର୍ଷ ଧାନକିଣା ଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀମାନେ ଯେପରି ଧାନ ବିକ୍ରି କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପତି ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସରକାରୀ ନିୟମ ଅନୁଯାୟୀ ସମବାୟ ସମିତିଗୁଡ଼ିକ ରାଜ୍ୟରେ ଧାନ କ୍ରୟ କରିବେ। ଚାଷୀଙ୍କୁ ଠକିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚେତାବନୀ ଦେଇଛନ୍ତି।

ଗୁରୁବାର ଭୁବନେଶ୍ୱରସ୍ଥିତ ସମବାୟ ଭବନ ପରିସରରେ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସପ୍ତାହେ ପରେ ଧାନକିଣା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସମବାୟ ବିଭାଗ ଉପରେ ନ୍ୟସ୍ତ ହୋଇଛି। ବିଭାଗ ଅଧୀନରେ ଥିବା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି(ଲାମ୍ପ୍ସ)ଗୁଡ଼ିକ ରାଜ୍ୟରେ ଥିବା ୪ ହଜାରରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କେନ୍ଦ୍ର ପରିଚାଳନା କରିବେ। ଚାଷୀମାନେ ଯେପରି ସ୍ୱଚ୍ଛ, ସରଳ ଓ ପାରଦର୍ଶୀ ପ୍ରକ୍ରିୟାରେ ସେମାନଙ୍କର ଧାନ ବିନା କଟ୍‌ନୀ ଛଟ୍‌ନୀରେ ସରକାରଙ୍କୁ ବିକ୍ରୟ କରିପାରିବେ ଏବଂ ସେମାନଙ୍କ ପ୍ରାପ୍ୟ ୪୮ ଘଣ୍ଟା ମଧ୍ୟରେ ପାଇବେ ସେଥିପ୍ରତି ଯତ୍ନର ସହ ନିୟମ ମାନି କାର୍ଯ୍ୟ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସମବାୟ ଭବନ ପରିସରରେ ସମବାୟ ପତାକା ଉତ୍ତୋଳନ କରିଥିଲେ ଏବଂ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚନ କରିଥିଲେ। ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ 'ସମବାୟ ଗ୍ରାମ୍ୟ ବିକାଶର ଏକ ବଳିଷ୍ଠ ମାଧ୍ୟମ ବୋଲି କହିଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ରାଜ୍ୟରେ ନୂଆ ସରକାର ଆସିବା ପରେ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ସଭାପତି ପ୍ରବାସିନୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମବାୟ ସମିତି ସମୂହ ନିବନ୍ଧକ ପ୍ରଭୁ କଲ୍ୟାଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ସମବାୟ ସପ୍ତାହ ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ।



# ଆରୁହା ପାହାଡ଼ରେ ବେଆଇନ କଳାପଥର ଖାଦାନ

■ କିଡ୍‌ନୀଜନିତ ରୋଗରେ ମରୁଛନ୍ତି ଗ୍ରାମବାସୀ

■ ବେଆଇନ ଖାଦାନ ବନ୍ଦ କରିବାକୁ ଜନସ୍ୱାର୍ଥ ମାମଲା

ଯାଜପୁର,୧୪।୧୧(ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଏତେ ପରିମାଣରେ ବେଆଇନ କ୍ରଶର ଏବଂ ପଥର ଖାଦାନ ଚାଲିଛି ଯେ, ସ୍କୁଲ ପିଲାଙ୍କ ଜୀବନ ପ୍ରତି ମଧ୍ୟ ଚିନ୍ତା କରାଯାଉ ନାହିଁ। ୩ଟି ସ୍କୁଲଠାରୁ ମାତ୍ର ୫୦୦ ମିଟର ଦୂରତା ଭିତରେ କଳାପଥର ଖାଦାନ ଏବଂ କ୍ରଶର ନିର୍ମାଣାଧୀନ ଥିବାରୁ ଅଞ୍ଚଳବାସୀ ଏଭଳି ଆଶଙ୍କା ପ୍ରକଟ କରିଛନ୍ତି। ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ରାଜ୍ୟ ସରକାର ଜିଲାରେ ଲଘୁ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାର ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ଅତିକ୍ରାନ୍ତ ହୋଇ ସାରିଛି। ହେଲେ ଉକ୍ତ ବେଆଇନ କାରବାର ନିୟନ୍ତ୍ରଣ ହେବାର ସ୍ଥଳେ ଆହୁରି ବୃଦ୍ଧି ଘଟୁଥିବା ଅଭିଯୋଗ ହୋଇଛି। ଆରୁହା କଳାପଥର ଖାଦାନରୁ ଅନୁମତିଠାରୁ ଢେର ଗୁଣ ଅଧିକ ଉତ୍ତୋଳନ ପ୍ରମାଣିତ ହେବା ପରେ ଜରିମାନା ଦାଖଲ ଓ ଖାଦାନ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି। ହେଲେ ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହାବାଦ୍ ଅତି ପ୍ରଦୂଷଣ ଯୋଗୁ ଅଞ୍ଚଳବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଉଛନ୍ତି।

ଏହିକ୍ରମରେ ରାଜ୍ୟ ସରକାରଙ୍କ ବିରୋଧରେ ଅଞ୍ଚଳବାସୀଙ୍କ ପକ୍ଷର ନୃସିଂହ ଚରଣ ବାରିକ, ବିପିନ ବେହେରା, ଚିତ୍ତରଞ୍ଜନ ଜେନା, ନିର୍ମଳ ନାୟକ ଓ ହରିହର ସାହୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ଡବ୍ଲୁପିସି ପିଆଇଏଲ ନମ୍ବର-୨୮୦୩୨/୨୦୨୪) ରୁଜୁ କରିଛନ୍ତି।

ଆରୁହା ପାହାଡ଼ରେ ୫ଟି କଳାପଥର ଖାଦାନ ରହିଛି। ଏହି କଳାପଥର ଖାଦାନଗୁଡିକ ସ୍କୁଲ, ରେଳୱେ ଲାଇନ ଓ ବସତି ନିକଟରେ ରହିଛି। ସରକାର ଏଠାରେ ଏକ କ୍ଲଷ୍ଟର ମାଇନିଂ ପ୍ଲାନ କରିଛନ୍ତି। କିନ୍ତୁ ଉକ୍ତ ପ୍ଲାନ କରିବା ପୂର୍ବରୁ ସରକାର ଏହାର ନିକଟରେ ଥିବା ସ୍କୁଲ ଓ ରେଳୱେ ଲାଇନ ଅବସ୍ଥିତିକୁ ଭୁଲି ଯାଇଛନ୍ତି। ଏହି କ୍ରମରେ କ୍ରଶର ନିର୍ମାଣକୁ ନେଇ ଜିଲା ପ୍ରଶାସନ କିଭଳି ଅନୁମତି ଦେଇଛନ୍ତି ସେ ନେଇ ପ୍ରଶ୍ନ ଉଠିଛି। ଯାହାକୁ ନେଇ ସ୍କୁଲରେ ଅଧ୍ୟୟନରତ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। କଳାପଥର ଖାଦାନରେ ବିସ୍ଫୋରଣ ଏବଂ ପରିବହନ ଯୋଗୁ ଅଞ୍ଚଳବାସୀଙ୍କୁ ବିଭିନ୍ନ ରୋଗ ହେବାର ଆଶଙ୍କା ରହିଛି। ବିନା ଅନୁମତିରେ କେତେକ ବ୍ୟବସାୟୀ ଏଠାରେ କଳାପଥର ଉତ୍ତୋଳନ କରୁଛନ୍ତି। ଏପରି କି ସ୍ଥାନୀୟ ଲୋକଙ୍କ ଅଭିଯୋଗ ସତ୍ତ୍ୱେ ଧର୍ମଶାଳା ତହସିଲଦାର ମନୋଜ ସାମଲ, ସରୋଜ କୁମାର ଜେନା ଏବଂ ତ୍ରିନାଥ ଜେନାଙ୍କୁ ଖାଦାନ ଚଳାଇବାକୁ ଅନୁମତି ଦେଇଛନ୍ତି। ସେମାନେ ଅନୁମତିଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ କରିଛନ୍ତି। ଫଳରେ ତହସିଲ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ୪୫୦ ମିଟର ଦୂରତାରେ ସିନ୍ଦୁରାଇ ସ୍କୁଲ, ୩୦୦ ମିଟର ଦୂରତାରେ ଗୋଡିସାହି ବସ୍ତି, ୪୦୦ ମିଟର ଦୂରତାରେ ଗ୍ରାମ୍ୟ ପୋଖରୀ ଓ ଜାବରା ଗ୍ରାମ୍ୟ ବସତି, ୩୦୦ ମିଟର ଦୂରତାରେ ଆରୁହା ୟୁପି ସ୍କୁଲ ରହିଛି। ଏଥିଯୋଗୁ ଆରୁହା କଳାପଥର ଖାଦାନଗୁଡିକୁ ପରିଚାଳନା ଏବଂ ପରିବେଶଗତ ଅନୁମତି ମିଳିବା ଉଚିତ ନୁହେଁ। ତଥାପି ପ୍ରଶାସନ ତରଫରୁ ଆରୁହା ଗ୍ରାମର ପ୍ଲଟ ନମ୍ବର ୨୭୩୩ ଏବଂ ୨୫୯୪ ଜମିରେ ଶରତ କୁମାର ଜେନା ଓ ଅଶୋକ ପରିଡାଙ୍କୁ ୨ଟି କ୍ରଶର ୟୁନିଟ ଚଳାଇବାକୁ ଅନୁମତି ଦେଇଛନ୍ତି। ଏଥିଯୋଗୁ ସୃଷ୍ଟି ହୋଇଥିବା ପ୍ରଦୂଷଣ କାରଣରୁ ଗ୍ରାମବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆରୁହା ଗ୍ରାମର ସରୋଜିନୀ ମହାରଣା ଏବଂ ପ୍ରକାଶ ମହାରଣା କିଡ୍‌ନୀ ରୋଗରେ ପ୍ରାଣ ହରାଇଛନ୍ତି। ଏହାବାଦ୍ ନେପାଳ ରଣା, କେଶବ ରଣା, ଭାସ୍କର ରଣା, ରାଧା ବେହେରା, ଦିଲୀପ ବାରିକ, ଝରଣା ବେହେରା, କୈଳାସ ରାଉତ ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଅତି ପ୍ରଦୂଷଣ ଯୋଗୁ ଚାଷ ଜମି କ୍ରମଶଃ କ୍ଷତିଗ୍ରସ୍ତ ହେଉଛି। ବିସ୍ଫୋରଣ ଯୋଗୁ ଦିବାକର ରଣା, ଭାସ୍କର ରଣା, କାଳିନ୍ଦି ବେହେରା ପ୍ରମୁଖଙ୍କ ଘରରେ ଫାଟ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ବେଆଇନ ବ୍ଲାଷ୍ଟିଂ କାରଣରୁ ଆରୁହା ପାହାଡ଼ରେ କାର୍ଯ୍ୟରତ ଶ୍ରମିକ ଶତ୍ରୁଘ୍ନ ସାମଲ, ରାଜୀବ ଘଡେଇ, କୃଷ୍ଣମଣି ସାମଲ, ବିଚିତ୍ରାନନ୍ଦ ବାରିକଙ୍କ ମୃତ୍ୟୁ ଘଟିଛି । ଏହିସବୁ କାରଣରୁ ଆରୁହା ପାହାଡ଼ରେ ଥିବା ଖାଦାନଗୁଡିକୁ ବନ୍ଦ କରିବାକୁ ଆବେଦନକାରୀମାନେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି।



ଆରୁହା କଳାପଥର ଖାଦାନ।

# ହ୍ୟାଣ୍ଡବଲ ଖେଳାଳି ଭାବେ ୨ଛାତ୍ରୀ ଜାତୀୟସ୍ତରକୁ ମନୋନୀତ

କାଳିଆପାଣି,୧୪।୧୧(ଅସିତ ମହାନ୍ତ):

ଓଡ଼ିଶା ଖଣି ନିଗମ ପରିଚାଳିତ କାଳିଆପାଣି ହାଇସ୍କୁଲର ୨ଛାତ୍ରୀ ହ୍ୟାଣ୍ଡବଲ ଖେଳାଳିଭାବେ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଅଷ୍ଟମ ଶ୍ରେଣୀ ଛାତ୍ରୀ ସିଙ୍ଗ ମାଝୀ ଓ ମିତାରାଣୀ ବିରୁଆ। ଏନେଇ ବୁଧବାର ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ପରେ ସ୍କୁଲରେ ଆନନ୍ଦର ଲହରି ଖେଳିଯାଇଛି। ୧୪ ବର୍ଷରୁ କମ୍ ବାଳିକା ଖେଳାଳି ଭାବେ ରାଜ୍ୟର ଯାଜପୁର, ପୁରୀ, ଗଞ୍ଜାମ ଓ ସମ୍ବଲପୁର ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୬ ଛାତ୍ରୀଙ୍କୁ ଜାତୀୟସ୍ତର ଖେଳ ପାଇଁ ମନୋନୀତ କରାଯାଇଛି। ଛାତ୍ରୀ ଦ୍ୱୟଙ୍କ କଠିନ ପରିଶ୍ରମ ସହ ଖେଳ ଶିକ୍ଷକ ସୂର୍ଯ୍ୟବଂଶୀ ତ୍ରିପାଠୀଙ୍କ ନିଷ୍ଠା ଆଜି ସ୍କୁଲ୍‌କୁ ଗୌରବାନ୍ୱିତ କରିଛି ବୋଲି ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ଜେନା ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ ଖଣି ନିଗମର ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତରାୟରାୟ, ପ୍ରଶାସନିକ ଅଧିକାରୀ ଦେବାଶିଷ ସାମଲ, ସୁଶାନ୍ତ ସେଠୀ, ଖଣି ପରିଚାଳକ ଦୀପକ ମହାନ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଜ୍ଞାନେଶ୍ୱର ମହାଦେବପୀଠରେ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ

ଧର୍ମଶାଳା/କାଏମା,୧୪।୧୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ନିଳାଦେଇପୁର ଗ୍ରାମର ଜ୍ଞାନେଶ୍ୱର ମହାଦେବ ମନ୍ଦିରରେ ମଙ୍ଗଳବାରଠାରୁ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଆରମ୍ଭ ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହଧର୍ମିଣୀ ପ୍ରିୟଙ୍କା ମାରାଣ୍ଡି ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି। ଗ୍ରାମବାସୀଙ୍କ ନିମନ୍ତ୍ରଣକ୍ରମେ ସେ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ତାଙ୍କ ସହ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମଧ୍ୟ ଏହି ଉତ୍ସବରେ ସାମିଲ ହୋଇ ପୂଜାର୍ଚ୍ଚନା କରିଥିଲେ। ପ୍ରିୟଙ୍କାଙ୍କ ଗସ୍ତକୁ ଆଖିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଯଜ୍ଞ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ସାମିଲ ହୋଇଥିବାରୁ ଗ୍ରାମବସୀ ବେଶ ଖୁସିବ୍ୟକ୍ତ କରିଛନ୍ତି। ୪ଦିନ ବ୍ୟାପୀ ଅନୁଷ୍ଠିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ଶୁକ୍ରବାର ପୂର୍ଣ୍ଣାହୁତି ହେବ ବୋଲି ସୂଚନା ମିଳିଛି।



ଜ୍ଞାନେଶ୍ୱର ମହାଦେବ ମନ୍ଦିରରେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ପ୍ରିୟଙ୍କା ମାରାଣ୍ଡି ଏବଂ ଅନ୍ୟମାନେ।

# ବିଶୁଦ୍ଧ ପାନୀୟ ଜଳ ସଭିଁଙ୍କ ମୌଳିକ ଅଧିକାର

## ଜଳ ଓ ପରିମଳ କମିଟି ସମ୍ପର୍କିତ କର୍ମଶାଳା

ରସୁଲପୁର,୧୪।୧୧(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଜଳ ଓ ପରିମଳ କମିଟି ସମ୍ପର୍କିତ ଏକ କର୍ମଶାଳା ଗ୍ରାମ୍ୟ ପାନୀୟ ଜଳ ବିଭାଗ ସହକାରୀ ଯନ୍ତ୍ରୀ ସ୍ୱାଗତିକା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ବିଡିଓ ନିରଞ୍ଜନ ସାହୁ ଉଦ୍‌ଘାଟନ କରି ବିଶୁଦ୍ଧ ପାନୀୟ ଜଳ ସଭିଁଙ୍କର ମୌଳିକ ଅଧିକାର ବୋଲି କହିଥିଲେ। ଏଥିସହିତ ସୁସ୍ଥ ଜୀବନ ପାଇଁ ପରିମଳ ବ୍ୟବସ୍ଥାକୁ ସଜାଡିବା ଉପରେ ପଞ୍ଚାୟତସ୍ତରରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ବଳ ଅଧିକାରୀ ଭାବରେ ସ୍ୱଚ୍ଛ ଭାରତ ମିଶନର ବ୍ଲକ ମାଷ୍ଟର ଟ୍ରେନର ସତ୍ୟବ୍ରତ ସାହୁ, ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ପକ୍ଷରୁ ପବିତ୍ର କୁମାର ସ୍ୱାଇଁ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ-୨ ସହକାରୀ ଯନ୍ତ୍ରୀ ମାନସୀ ରାଉତ ପ୍ରମୁଖ ଯୋଗଦେଇ ଜଳ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଉକ୍ତ ବ୍ୟବସ୍ଥାକୁ ସୁ-ପରିଚାଳନା କରିବାରେ ଗ୍ରାମସ୍ତରରେ ଗଠନ କରାଯାଇଥିବା ଜଳ ଏବଂ ପରିମଳ କମିଟିର ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ବସୁଧା ଯୋଜନାରେ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ମେଗା ପାନୀୟ ଜଳ ପ୍ରକଳ୍ପରେ ପ୍ରତ୍ୟେକ ଘରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ପାଣି ଯୋଗାଣ ବ୍ୟବସ୍ଥାକୁ ବ୍ୟବସ୍ଥିତ ପାଇଁ ଗାଁରେ ଭିଡବ୍ଲ୍ୟୁଏସ୍‌ସି(ଗ୍ରାମ୍ୟ ଜଳ ଓ ପରିମଳ କମିଟି) ଗଠନ କରାଯାଇଛି। ଉକ୍ତ କମିଟି ଦ୍ୱାରା ପାଣି ବ୍ୟବହାରକାରୀଙ୍କ ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କଠାରୁ ୬୦ଟଙ୍କା ଲେଖାଏ ଦେୟ ଆଦାୟ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଥିଲା।

ପାନୀୟ ଜଳ ବ୍ୟବହାରକାରୀ ନିଜସ୍ୱ ଖର୍ଚ୍ଚରେ ଘରକୁ ପାଣି ସଂଯୋଗ କରିବେ। ଘରୋଇ ଭାବରେ ସଂଯୋଗ ନେଲେ ୫୦୦ଟଙ୍କା ଓ ବ୍ୟବସାୟୀମାନେ ୧୦୦୦ଟଙ୍କା ପଞ୍ଚାୟତରେ ଦାଖଲ କରିବାକୁ ପଡିବ। ପାଣି ପାଇପ୍‌ରେ ମିଟର ସଂଯୋଗ କରାଯିବ, ମିଟର ରିଡିଂ ଆଧାରରେ ପାଣି ବ୍ୟବହାରକାରୀଙ୍କଠାରୁ ଦେୟ ଆଦାୟ କରାଯିବ। ସେ ନେଇ କମିଟି ଓ ପଞ୍ଚାୟତ ନିଷ୍ପତ୍ତି ନେବ ବୋଲି ଶିବିର ଜରିଆରେ କୁହାଯାଇଥିଲା।

ପରିମଳ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ କଠିନ ଓ ତରଳ ବର୍ଜ୍ୟବସ୍ତୁର ସୁ-ପରିଚାଳନା ସହ ଘରୋଇ ପାଇଖାନା ବ୍ୟବହାର, ପ୍ରତି ଘରେ ଶୋଷକ ଖାତ, ଗୋବର ଖାତ ନିର୍ମାଣ କରି ବର୍ଜ୍ୟବସ୍ତୁକୁ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଛି। ଏ ଦିଗରେ ପ୍ରତ୍ୟେକ ବ୍ୟକ୍ତି ସଚେତନ ହୋଇପାରିଲେ ୨୦୩୦ ସୁଧା ଭାରତ ଦେଶର ଗାଁ ଗଣ୍ଡାରେ ସୁସ୍ଥ ପରିବେଶ ଓ ସମାଜ ଗଠନ ହୋଇପାରିବ ବୋଲି ସମ୍ବଳ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ସରପଞ୍ଚ, ନିର୍ବାହୀ ଅଧିକାରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଶିବିରର ଦ୍ୱିତୀୟାର୍ଦ୍ଧରେ ଶିବିରାର୍ଥୀଙ୍କ ମଧ୍ୟରେ ପ୍ରଶିକ୍ଷଣ ସମ୍ପର୍କିତ ଅନଲାଇନ ପରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ୱଚ୍ଛଭାରତ ମିଶନ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏସ୍‌ବିଏମ ବ୍ଲକ ସଂଯୋଜିକା ଅପର୍ଣ୍ଣା ମଲ୍ଲିକ ଧନ୍ୟବାଦ ଦେଇଥିଲେ।





କର୍ମଶାଳାରେ ଯୋଗଦେଇଥିବା ଅଧିକାରୀମାନେ।

# ଜେମ୍ସ ସ୍କୁଲରେ ଶିଶୁ ଦିବସ ପାଳିତ

ଯାଜପୁର,୧୪।୧୧ (ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ରୋଡ଼ ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର ସେକେଣ୍ଡାରୀ(ଜେମ୍ସ) ସ୍କୁଲରେ ଶିଶୁ ଦିବସ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିଶୁ ଦିବସରେ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ଅଟନ୍ତି ବୋଲି ଉପାଧକ୍ଷ ସରୋଜ କୁମାର ସାହୁ ମତ ବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ସବୁଠୁ ଆକର୍ଷଣ ଥିଲା ଫୁଡ୍‌ସ ଫେୟାର, ବେଷ୍ଟ ଆଉଟ ଅଫ୍ ୱେଷ୍ଟ ଇତ୍ୟାଦି। କୁନି କୁନି ଶିଶୁ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରୟ ପ୍ରତିଭା ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରିଥିଲା । ପିଲାମାନଙ୍କର ନାଚ ଗୀତ ଏବଂ କଳା କୌଶଳରେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇଥିଲେ। ଏହି ଦିବସରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଖାଦ୍ୟ ମେଳାରେ ୫୦୦ରୁ ଊର୍ଦ୍ଧ୍ୱ ଅଭିଭାବିକା ଓ ଅଭିଭାବକମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଖାଦ୍ୟକୁ ଉପଭୋଗ କରିଥିଲେ। ବରିଷ୍ଠ ଶିକ୍ଷକ ରଞ୍ଜନ ନାୟକ, ବିମଳ ମିଶ୍ର, ବିଶ୍ୱରଞ୍ଜନ ଜେନା, ମମତା ନାୟକ, ରଶ୍ମିରେଖା ମଲିକ, ଶ୍ରୀକାନ୍ତ ପାତ୍ର, ଧର୍ମେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମସ୍ତଙ୍କୁ ଧର୍ମେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# କଳାପଥର ବୋଝେଇ ଟ୍ରାକ୍ଟର ଜବତ

ଜେନାପୁର,୧୪।୧୧(ଅଶୋକ ଦାସ):

କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜର ଜେନାପୁର ଥାନା ଅଧୀନ ମୌଳାଭଞ୍ଜ ଜଙ୍ଗଲ କିସମ ପାହାଡ଼ରୁ ବେଆଇନ ଭାବେ କଳାପଥର ବୋଝେଇ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ କରିଛି। ଡାଳିଯୋଡ଼ା ରେଞ୍ଜର ଆଦିତ୍ୟ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗଡ଼ମଧୁପୁର ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ ସଦଳବଳ ପହଞ୍ଚି କଳାପଥର ଟ୍ରାକ୍ଟରକୁ ଜବତ କରିଥିଲେ। ଏହି ସମୟରେ ଟ୍ରାକ୍ଟର ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲେ। ଜବତ ଟ୍ରାକ୍ଟରକୁ ବୈରୀ ଫରେଷ୍ଟ ଅଫିସରେ ରଖାଯାଇଛି। ଚଢ଼ାଉରେ ଗାର୍ଡ ସିପ୍ରା ରାଣୀ ମହାପାତ୍ର, ସେକ୍ ଜାବିର, ସସ୍ମିତ ରାଉତ, ଅମୂଲ୍ୟ ପ୍ରଧାନ ଓ କାମାକ୍ଷା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# କବାଟବନ୍ଧ ମେଡିକାଲରେ ଚକ୍ଷୁ ପରୀକ୍ଷା ଶିବିର

ଜେନାପୁର,୧୪।୧୧(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ଅଧୀନ କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଚଣ୍ଡିଖୋଲ ସାଇ ନେତ୍ରମନ୍ଦିର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ଶ୍ରୀମନ୍ତ କୁମାର ସାହୁ, କବାଟବନ୍ଧ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାର ରଞ୍ଜନ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ସକାଳ ୯ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଶିବିରରେ ମୋଟ୍ ୫୫ ଜଣ ନିଜର ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୯ଜଣଙ୍କୁ ଚଣ୍ଡିଖୋଲ ମେଡିକାଲ ନିଆଯାଇ ଅସ୍ତ୍ରୋପଚାର କରାଯାଇଛି।

# ଅଂଶୁମାନ ମେମୋରିଆଲ ପକ୍ଷରୁ ଶିଶୁ ମହୋତ୍ସବ

ଧର୍ମଶାଳା/କାଏମା,୧୪।୧୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗୁରୁବାର ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୪ଶହରୁ ଊର୍ଦ୍ଧ୍ୱ ସ୍କୁଲରେ ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ସାଧାରଣ ଜ୍ଞାନ, ନୃତ୍ୟ, ସଙ୍ଗୀତ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସ୍କୁଲ୍ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ଶୁଭଙ୍କର ମହାନ୍ତି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କଳାକାର ଲୁବୁନ ଏବଂ ସୋନାଲି ନୃତ୍ୟ ପରିବେଷଣ କରିଥିଲେ। ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ତୀର୍ଥରାଜ ପଣ୍ଡା, ତପନ ମାହନ୍ତ, ସବ୍ୟସାଚୀ ସୁନ୍ଦରରାୟ, ରମେଶ ବେହେରା, ଶ୍ରୀବସ୍ତ ଧୀର, ହିମାଂଶୁ ଶେଖର ମହାନ୍ତି, ଲୋକନାଥ ମହାନ୍ତି, ଅଭିଷେକ ରାଉତ ଓ ସ୍ୱାଗତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଶିଶୁ ମହୋତ୍ସବରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀ।

# ଗାଁ ଆଉ ମା' ସବୁଠୁ ସୁନ୍ଦର: ଡ. କୁମରବର ଦାସ

## ଜଗା ଶିଶୁ ସାହିତ୍ୟ ସଂସଦର ୩୧ତମ ସ୍ୱନକ୍ଷତ୍ର ଉତ୍ସବ

ବରୀ,୧୪।୧୧(ମହେନ୍ଦ୍ର ସ୍ୱାଇଁ):

ଗାଁ, ଆଉ ମା' ସବୁବେଳେ ସୁନ୍ଦର ଲାଗନ୍ତି। ଯିଏ ଏ ଦୁହିଁଙ୍କୁ ଭଲ ପାଇନାହିଁ ସିଏ ତା'ଜୀବନରେ କେବେ ସଫଳତା ପାଇ ପାରେନାହିଁ। ବରୀ ବ୍ଲକ୍ ଅଧୀନ ନାଥପୁର ଜଗା ଶିଶୁ ସାହିତ୍ୟ ସଂସଦର ୩୧ତମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଏକଥା ପ୍ରକାଶ କରିଛନ୍ତି।

ବରୀ ବ୍ଲକ୍ ଅଧୀନ ନବୀନ ଚନ୍ଦ୍ର ବିଦ୍ୟାପୀଠଠାରେ ସଂସଦର ସଭାପତି ବ୍ରଜମୋହନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତାଭାବେ ବିଶିଷ୍ଟ ପ୍ରବକ୍ତା ଜ୍ଞାନାନନ୍ଦ ସାଗର ଓ ସମ୍ମାନିତ ଅତିଥିଭାବେ ଅଧାପକ ପ୍ରଦୀପ୍ତ ଦାସ ଯୋଗଦେଇ ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ଦିଗରେ ଅଭିଭାବକ ଗୁରୁତ୍ୱ ଦେବା ଉଚିତ ଏବଂ ଶିଶୁଟିଏ ପିଲାଦିନୁ ମାର୍ଜିତ ହେଲେ ସଫଳତା ହାସଲ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଶିଶୁ ସାହିତ୍ୟ ପାଇଁ କବି ଜୟନ୍ତ କୁମାର ମଲ୍ଲିକ, ଇଂ. ଅକ୍ଷୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ସମାଜସେବା ପାଇଁ ଯାଜପୁର ବ୍ଲକର ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋବିନ୍ଦ ଗୋପାଳ ଗଦାଧର ମହାନ୍ତି, ସାମଗ୍ରୀକ ସାହିତ୍ୟ ସେବା ପାଇଁ ଅଧାପକ ଡ. ରବୀନ୍ଦ୍ର କୁମାର ଦାସ, ଜଗନ୍ନାଥ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ବରୀ-ରାମଚନ୍ଦ୍ରପୁର ଥାନାର ସହକାରୀ ଉପଆରକ୍ଷୀ ନିରୀକ୍ଷକ ଲମ୍ବୋଦର ଜେନାଙ୍କୁ ମାନପତ୍ର, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ନିରଞ୍ଜନ ସାହୁ ଅତିଥିପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ବେହେରା ସ୍ୱାଗତ ଅଭିଭାଷଣ ଓ ଅନୁଷ୍ଠାନର ସମ୍ପାଦକ ଡ. ଅଜୟ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଯୁବସାମ୍ବାଦିକ ସମୀର କୁମାର ସାହୁ, ମୁକ୍ତେଶ୍ୱର ସ୍ୱାଇଁ ଓ ସୁବାସ ଚନ୍ଦ୍ର ବାରିକଙ୍କୁ ରତ୍ନଗିରି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁସୟା ଜେନାଙ୍କ ସମ୍ପାଦନାରେ ଶିଶୁ କିଶୋର ମାସିକ ପତ୍ରିକା ଶିଶୁସୁଧାରକୁ ଅତିଥି ଉନ୍ମୋଚନ କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ କଣ୍ଠସଙ୍ଗୀତ, ନୃତ୍ୟ, କବିତା ଆବୃତ୍ତି ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିବାବେଳେ ଅନୁଷ୍ଠାନର ଉପସଭାପତି ଶରତ କୁମାର ଜେନା ଧନ୍ୟବାଦ ଦେଇଥିଲେ।





ଜଗା ଶିଶୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇଥିବା ଅତିଥି।

**ଓଡ୍ରପୁରରେ ସମବାୟ ସପ୍ତାହ**

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ବ୍ଲକ ଓଡ୍ରପୁର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ନିଖିଳ ଭାରତ ସମବାୟ ସପ୍ତାହ ଗୁରୁବାର ପାଳିତ ହୋଇଛି। ସମିତି ସଭାପତି ପ୍ରଦ୍ୟୁମ୍ନ ଜେନାଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ବେହେରା, କବିଚରଣ ବିଶ୍ୱାଳ, ପ୍ରଫୁଲ୍ଲ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ସମବାୟ ଆନ୍ଦୋଳନର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ପରସ୍ପର ସହଯୋଗରେ ଆମ ସମିତିଠାରୁ ଆମ ଦେଶ ପର୍ଯ୍ୟନ୍ତ ବିକଶିତ ହୋଇପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରେମାଞ୍ଜନ ସାହୁ, କର୍ମକର୍ତ୍ତା ଅନ୍ନଦା ପ୍ରସାଦ ନାୟକ, ରଜନୀକାନ୍ତ ଲେଙ୍କା, ପ୍ରତାପ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଅସୁସ୍ଥ ହେବାରେ ଲାଗିଛନ୍ତି ସରପଞ୍ଚ, ସମିତି ସଭ୍ୟ

ପଟ୍ଟାମୁଣ୍ଡାଇ, ୧୪।୧୧ (କଳ୍ପତରୁ ନାୟକ)



ଅନଶନ ସ୍ଥଳରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପହଞ୍ଚି ସମର୍ଥନ ଜଣାଉଛନ୍ତି।

**ପଟ୍ଟାମୁଣ୍ଡାଇ ବିଡିଓ ଦୁର୍ବ୍ୟବହାର, ଗଣ୍ଡଗୋଳ ଘଟଣା**

- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସରପଞ୍ଚ, ସମିତିସଭ୍ୟ ସଂଘ ଆମରଣ ଅନଶନ ୨ୟ ଦିନ
- ଗୁରୁତର ସରପଞ୍ଚ ଚିକିତ୍ସାଳୟରେ ଭର୍ତ୍ତି
- ଅନଶନକୁ ସମର୍ଥନ କରି ଗଣେଶ୍ୱର, ଧ୍ରୁବଙ୍କ ଧାରଣା

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ଗତ ୫ ତାରିଖରେ ହୋଇଥିବା ଗଣ୍ଡଗୋଳରେ ବିଡିଓଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ଅଭିଯୋଗକୁ ପୋଲିସ ଓ ଜିଲା ପ୍ରଶାସନର ପାତରଅନ୍ତର ମନୋଭାବରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ। ଏହାର ପ୍ରତିବାଦରେ ବୁଧବାରରୁ ବ୍ଲକ ସରପଞ୍ଚ ଓ ସମିତିସଭ୍ୟ ସଂଘ ପକ୍ଷରୁ ଆମରଣ ଅନଶନ ଗୁରୁବାର ୨ୟ ଦିନରେ ପହଞ୍ଚିଛି। ଅନଶନରତ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହେଲେ ଏଯାବତ ଏହାର କୌଣସି ସମାଧାନ ହୋଇପାରିନାହିଁ। ଜିଲା ପ୍ରଶାସନ ଜାଣି ଶୁଣି ଅନଶନକାରୀଙ୍କୁ ଉପେକ୍ଷା କରୁଥିବା ଅଭିଯୋଗ କରି ସଭ୍ୟାସଭ୍ୟ ଓ ସରପଞ୍ଚଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଅପରାହ୍ନରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ ଅନଶନ ସ୍ଥଳରେ ପହଞ୍ଚି ସରପଞ୍ଚ ଓ ସମିତି ସଭ୍ୟ ସଂଘ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଅନ୍ୟପକ୍ଷରେ ଅନଶନକାରୀ ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିବାରୁ ୨ଦିନ ଧରି ବ୍ଲକ କାର୍ଯ୍ୟ ଠପ ହୋଇଯାଇଛି। ଫଳରେ ଦୁରଦୁରାନ୍ତରୁ ବିଭିନ୍ନ କାର୍ଯ୍ୟରେ ବ୍ଲକ ଆସୁଥିବା ସାଧାରଣ ଲୋକେ ନ ହଇରାଣ ହେଉଛନ୍ତି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ ଗତ ୫ ତାରିଖରେ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଏହି ସମୟରେ ବଡ଼ପଡ଼ା ପଞ୍ଚାୟତ ମୂଳଗାଇ ଗ୍ରାମର ଜ୍ୟୋତି ପ୍ରକାଶ ପ୍ରଧାନ କାର୍ଯ୍ୟାଳୟରେ ପ୍ରବେଶ କରି କେତେକ ପ୍ରଶ୍ନ ପଚାରିବା ଆଳରେ ବିଡିଓଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଚେୟାର ଉଠାଇ ବାଡ଼େଇବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ବିଡିଓ ସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୨୭/୨୪ରେ ମାମଲା ରୁଜୁ କରି ଚୁପ ହୋଇ ବସିଛି। ଏହାର ପ୍ରତିବାଦ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗତ ୬ ତାରିଖରେ ବ୍ଲକ କର୍ମଚାରୀ କଲମଛାଡ଼ ଆନ୍ଦୋଳନ କରିଥିଲେ। ଏଥିସହ ଗତ ୭ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତିସଭ୍ୟ ସଂଘ ଆଇଆଇସି ସୁଶାନ୍ତ ସାହୁଙ୍କୁ ଭେଟି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦାବିପତ୍ର ପ୍ରଦାନ କରିଥିଲେ। ୮ ତାରିଖରେ ଥାନାରେ ଧାରଣା ମଧ୍ୟ ଦେଇଥିଲେ। ମାତ୍ର ୯ ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ବୁଧବାରଠାରୁ ପଟ୍ଟାମୁଣ୍ଡାଇ ସରପଞ୍ଚ ଓ ସମିତି ସଭ୍ୟ ସଂଘ ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଇ ଆମରଣ ଅନଶନରେ ବସିଛନ୍ତି। ଦିନକୁ ଦିନ ପରିସ୍ଥିତି ଅଣାୟତ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ବିଡିଓ ଦୁର୍ବ୍ୟବହାର ଓ ବ୍ଲକ ଗଣ୍ଡଗୋଳ ଘଟଣାକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ହାଲୁକା ଭାବେ ନେଇ ହାତ ଯାକି ବସିଛନ୍ତି।

ଅପରାହ୍ନରେ ବିଧାୟକ ବେହେରା ଅନଶନ ସ୍ଥଳରେ ପହଞ୍ଚି ସରପଞ୍ଚ ଓ ସମିତି ସଭ୍ୟ ସଂଘ ଆନ୍ଦୋଳନକୁ ସମର୍ଥନ କରି ଧାରଣା ଦେବା ସହ ଗୁରୁତର ଅସୁସ୍ଥ ହୋଇଥିବା ଅନଶନକାରୀଙ୍କୁ ଚିକିତ୍ସାଳୟରେ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ। ସନ୍ଧ୍ୟାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଆନ୍ଦୋଳନକୁ ସମର୍ଥନ କରି ଧାରଣାରେ ବସିବା ସହ ସରକାର ଓ ଜିଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ଲକ ଅଚଳାବସ୍ଥାକୁ ଦୂର କରିବାକୁ ଉଚ୍ଚପଦସ୍ଥ ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ଫୋନ କରି ପରାମର୍ଶ ଦେଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଅନଶନସ୍ଥଳରେ କୌଣସି ପ୍ରଶାସନିକ ଅଧିକାରୀ ନ ଆସିବା, ଅଭିଯୁକ୍ତଙ୍କୁ ଗିରଫ ଓ ବ୍ଲକ ଅଚଳାବସ୍ଥା ଦୂର ପାଇଁ ପଦକ୍ଷେପ ନ ନେବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ପଟ୍ଟାମୁଣ୍ଡାଇର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୂର୍ବତନ ପଞ୍ଚାୟତ ପ୍ରତିନିଧି, ବୁଦ୍ଧିଜୀବୀ ଓ ଜନସାଧାରଣ ଓ ସବୁବର୍ଗର ଲୋକମାନେ ଏହି ଅନଶନ ଆନ୍ଦୋଳନକୁ ସମର୍ଥନ କରି ଧାରଣା ଦେଇଛନ୍ତି। ସେପଟେ ଆମରଣ ଅନଶନରେ ବସିଥିବା ଅନେକ ସରପଞ୍ଚ, ସମିତି ସଭ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରେ ଲାଗିଛି। ବିଲିକଣା ସରପଞ୍ଚ ଓ ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ଗୁରୁତର ହେବାରୁ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିବା ସୂଚନା ମିଳିଛି।

# ବଦଳିଲେ ସହକାରୀ ଶିକ୍ଷକ

ଜଗତ୍‌ସିଂହପୁର, ୧୪।୧୧ (ପ୍ରମୋଦ କୁମାର ନାୟକ)

**ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ବିବାଦ ଘଟଣା**

ଦୀର୍ଘ ଦିନ ଧରି ରଘୁନାଥପୁର ବ୍ଲକ ଅନ୍ତର୍ଗତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ (ଟିଜିଟି କଳା) ସାରଦା ପ୍ରସନ୍ନ ରାଉତଙ୍କୁ ନେଇ ଯେଉଁ ବିବାଦ ମୁଣ୍ଡ ଟେକିଥିଲା ତା'ର ଅବସାନ ଘଟିଛି। ଶେଷରେ ରାଉତଙ୍କୁ ତୁରନ୍ତ ଗନାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗ ଦେବାକୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ନିର୍ଦ୍ଦେଶ ଦେଇଛନ୍ତି। ଡିଇଓ ଗୁରୁବାର ତାଙ୍କ ନିର୍ଦ୍ଦେଶନାମା ସଂଖ୍ୟା ନଂ.୯୪୯୦ରେ ଉଲ୍ଲେଖ କରିଛନ୍ତି ଯେ, ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଅନୁମୋଦନକ୍ରମେ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଉତ ଗୁରୁବାରଠାରୁ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରୁ ରିଲିଭ୍ ହେବାକୁ ନିର୍ଦ୍ଦେଶ ଦିଆଯିବା ପରେ ସ୍ଥାନୀୟ ଅଞ୍ଚଳର ଏକାଧିକ ଅଭିଭାବକ ଆଶ୍ୱସ୍ତ ହୋଇଛନ୍ତି।

ସୂଚନାଯୋଗ୍ୟ, ରାଉତ ଦୀର୍ଘ ୨୩ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରି ଆସୁଥିଲେ। ଅତୀତରେ ତାଙ୍କ ନାମରେ ଅନେକ ଅଭିଯୋଗ ସତ୍ତ୍ୱେ ସେଭଳି କିଛି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ତେବେ ୨୪ ଅକ୍ଟୋବର ୨୦୨୪ରେ ଜଣେ ଅଭିଭାବକ ତଥା ଦୁର୍ନୀତି ବିରୋଧୀ ଅଭିଯାନର ସଦସ୍ୟ ଗୋବିନ୍ଦ ଓଝା ଜିଲାପାଳଙ୍କ ନିକଟରେ ରାଉତଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗପତ୍ରରେ ଉଲ୍ଲେଖ ଥିଲା ଯେ, ରାଉତ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ସାଙ୍ଗକୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ପରିଚାଳିତ। ସେ ବିଦ୍ୟାଳୟ ଉପସ୍ଥାନ ଖାତାରେ ଉପସ୍ଥିତ ଥିବା ଜାହିର କରି ଅନେକ ସମୟରେ ଏହାର ଖିଲାପ କରିଥାନ୍ତି। ଅର୍ଥାତ୍ ବାରମ୍ବାର ବିଦ୍ୟାଳୟ ବାହାରକୁ ଯାଇଥାନ୍ତି। ଶିକ୍ଷାଦାନରେ ଅବହେଳା କରନ୍ତି। ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ବରୁ ତାଙ୍କୁ ଦଣ୍ଡିତ କରିଥିବା ନଜିର ରହିଛି। କେବଳ ଏତିକି ନୁହେଁ ଅର୍ଥ ଆତ୍ମସାତ ଓ ମୋ ସ୍କୁଲ କମିଟି ଗଠନରେ ଅନିୟମିତତା କରିଥିବା ନେଇ ମଧ ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବାବେଳେ ଏହି ପରିସରରେ ଥିବା ଏକ ଗଭୀର ଜଳାଶୟକୁ ପୋତିବା କାରଣରୁ ତାଙ୍କ ନାମରେ ତହସିଲ ପକ୍ଷରୁ ମାମଲା ରୁଜୁ ସହ ୩୧,୫୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିଲା। ୫-ଟି କାର୍ଯ୍ୟରେ ହୋଇଥିବା ଦୁର୍ନୀତିରେ ମଧ ତାଙ୍କର ପ୍ରଚ୍ଛନ୍ନ ହାତ ଥିବା ଚର୍ଚ୍ଚା ଚାଲିଥିଲା। ଏଭଳି ଏକାଧିକ ଅଭିଯୋଗ ରାଉତଙ୍କ ବିରୋଧରେ ଓଝା କରିଥିଲେ।

# ଦୁବାଇରେ ସୌମ୍ୟରଞ୍ଜନଙ୍କ ଚିତ୍ରକଳା ପ୍ରଶଂସିତ

କେନ୍ଦ୍ରାପଡ଼ା, ୧୪।୧୧ (ଜଗନ୍ନାଥ ଧଳ)

ଦୁବାଇ ସହରରେ ଇଣ୍ଟରନ୍ୟାଶନାଲ ଆର୍ଟ ସେଣ୍ଟର ପକ୍ଷରୁ ଗତ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଚିତ୍ରକଳା ପ୍ରଦର୍ଶନ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ସହରର କ୍ରିଷ୍ଟା ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏହି ଗ୍ୟାଲେରିରେ ସେ ଦୁଇଟି ଚିତ୍ର ଉପସ୍ଥାପନ କରିଥିଲେ। ବିକଶିତ ଭାରତ ଓ ବିକାଶମୁଖୀ ଓଡ଼ିଶାକୁ ଦର୍ଶାଇବାକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଭିମୁଖ୍ୟକୁ କାନଭାସରେ ଦର୍ଶାଇଥିଲେ। ଭାରତର ସନାତନ ସଂସ୍କୃତି, ଓଡ଼ିଶାର ଧର୍ମ ଭାବନା ଉପରେ ତାଙ୍କର ଏହି ଚିତ୍ର ଥିଲା। କେନ୍ଦ୍ରାପଡ଼ାର ଆରାଧ୍ୟଦେବ ଶ୍ରୀବଳଦେବଜୀଉ, କେନ୍ଦୁଝରର ଆରାଧ୍ୟା ଦେବୀ ମା' ତାରିଣୀଙ୍କୁ ଚିତ୍ରରେ ସେ ଅତିସୁନ୍ଦର ଭାବେ ଚିତ୍ରିତ କରିଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌମ୍ୟରଞ୍ଜନଙ୍କୁ ସମ୍ମାନିତ କରିଥିଲେ। ମଞ୍ଚରେ ୟୁଏଇର ରାଷ୍ଟ୍ରଦୂତ ସତୀଶ ସିବନ, ୟୁଏଇ ଓଡ଼ିଆ ସମାଜ ସଭାପତି ଅମୀୟ ମିଶ୍ର, କୁଳମଣୀ ବିଶ୍ୱାଳ, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଧ୍ୟକ୍ଷ ବିପିନ ମିଶ୍ର ଓ ସୁଭଦ୍ରା ଗ୍ୟାଲେରୀର ଚେୟାରମ୍ୟାନ ସୂର୍ଯ୍ୟରଥ ଚିତ୍ର ପ୍ରଦର୍ଶନୀରେ ସୌମ୍ୟଙ୍କ ଚିତ୍ରକୁ ଉଚ୍ଚପ୍ରଶଂସା କରିଥିଲେ।

# ଫଳାଫଳ ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅନିୟମିତତା**

କଟକ/ପଟ୍ଟାମୁଣ୍ଡାଇ, ୧୪।୧୧ (କାର୍ତ୍ତିକ ସାହୁ/ କଳ୍ପତରୁ ନାୟକ)

ରାଜ୍ୟ ଗଣଶିକ୍ଷା ବିଭାଗ ଦ୍ୱାରା ହେଉଥିବା ଶିଶୁ ମହୋତ୍ସବ 'ସୁରଭି' ମେଧା ଚୟନରେ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ଅଧିକାରୀ ବ୍ୟାପକ ଅନିୟମିତତା କରିଥିବା ଦର୍ଶାଇ ହାଇକୋର୍ଟରେ ଦାୟର ମାମଲାର ପ୍ରଥମ ଶୁଣାଣି ଗୁରୁବାର ହୋଇଛି। ରାଜ୍ୟ ସରକାର ଓ ଶିକ୍ଷା ବିଭାଗକୁ ହାଇକୋର୍ଟ ନୋଟିସ କରି ସୁରଭି ପ୍ରବନ୍ଧ ଲିଖନ ଫଳାଫଳ ଉପରେ ସ୍ଥଗିତାଦେଶ ଦେଇଛନ୍ତି। ସୁରଭି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗାଇଡ୍ ଲାଇନକୁ ଉଲ୍ଲଂଘନ କରାଯାଇ ଜିଲାସ୍ତରୀୟ ପ୍ରବନ୍ଧ ଲିଖନରେ ପ୍ରଥମ ହୋଇଥିବା ପଟ୍ଟାମୁଣ୍ଡାଇ ଏମ୍.ଏନ୍. ହାଇସ୍କୁଲର ଛାତ୍ରୀ ଅନନ୍ୟା ମହାଲିକଙ୍କୁ ବାଦ୍ ଦିଆଯାଇଥିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ମାସେ ଧରି ଛାତ୍ରୀଛାତ୍ରଙ୍କୁ ନେଇ କ୍ଲଷ୍ଟର ଓ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଚାଲିଥିଲା। ଚଳିତ ମାସ ୮ ତାରିଖରେ ଜିଲାସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ପୂର୍ବକ ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା। ସେଥିରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମସ୍ଥିତ ଏମ୍ଏନ୍ ହାଇସ୍କୁଲର ଛାତ୍ରୀ ଅନନ୍ୟା ପ୍ରବନ୍ଧ ଲିଖନରେ ପ୍ରଥମ ହୋଇଥିଲେ। ତାଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇ ପ୍ରଥମ ସ୍ଥାନର ଟ୍ରଫି ପ୍ରଦାନ କରାଯାଇଥିଲା। ମାତ୍ର ତାଙ୍କୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ତାଲିକାରୁ ବାଦ୍ ଦିଆଯାଇ ଅନ୍ୟ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଫଳରେ ତାଙ୍କ ପରିବାରଙ୍କ ମନରେ ସୁରଭି କମିଟି, ବିଚାରକ ମଣ୍ଡଳୀ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଅନନ୍ୟାଙ୍କ ଉପରେ ମଧ ଶକ୍ତ ମାନସିକ ଚାପ ପଡ଼ିଥିଲା। ଏନେଇ ଅନନ୍ୟାଙ୍କ ଅଭିଭାବକ ହରିଶ୍ଚନ୍ଦ୍ର ମହାଲିକ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅଭିଯୋଗ କରିବା ସହ ରାଜ୍ୟ ଗଣଶିକ୍ଷା ବିଭାଗଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। କୌଣସି ପଦକ୍ଷେପ ନିଆ ନ ଯିବାରୁ ଏ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଐଶ୍ୱର୍ଯ୍ୟା ଦାଶ ମାମଲା ପରିଚାଳନା କରୁଛନ୍ତି।

# ଭାଜପା ଟିମ୍‌କୁ ଗୋମଡ଼କ ସ୍ଥଳକୁ ଛାଡ଼ିଲାନି ବନ ବିଭାଗ

- କ୍ଷୁବ୍ଧ ହୋଇ ଫେରିଲେ ଟିମ୍
- ରାଜନଗର ଡିଏଫ୍‌ଓ ଗୋ ହତ୍ୟାକାରୀ: ଭାଜପା

ରାଜନଗର, ୧୪।୧୧ (ଭାସ୍କର ରାଉତରାୟ)


ବନ ବିଭାଗ ପକ୍ଷରୁ ଭାଜପା ଟିମ୍‌କୁ ଗୋମଡ଼କ ସ୍ଥଳକୁ ଛଡ଼ାଯାଉନି।

ସରକାର ଗୋ-ହତ୍ୟା ବିରୋଧୀ ଆଇନ ଆଣିବାକୁ ଯାଉଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଗୋବରରେ ମଣିଷ ପୋଡ଼ିବା କଥା ନିଷ୍ପତ୍ତି ହେଲାଣି। ମାତ୍ର ସାତଭାୟା ନିଷିଦ୍ଧାଞ୍ଚଳରେ ଥିବା ମଣିଷ, ଜୀବଜନ୍ତୁ, ଗଛଲତା ଓ ଗୃହପାଳିତ ପଶୁ ସବୁ ବନ ବିଭାଗର ଦାୟିତ୍ୱ। ଗଣମାଧ୍ୟମରେ ଖବର ବାହାରିବା ପୂର୍ବରୁ ଯିଏ ଦାୟିତ୍ୱରେ ଅଛନ୍ତି ସିଏ କାହିଁକି ଗୋରୁଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେଲେନି ଏବଂ ସରକାରଙ୍କୁ ଏ ବିଷୟରେ ଜଣାଇଲେନି, ଗୋମୃତ୍ୟୁ ଓ ଗୋମାତା ଅନାହାରରେ ଥିବା ଭଳି ସୂଚନାକୁ କାହିଁକି ଲୁଚାଇ ରଖିଥିଲେ ବୋଲି ସେ ନେଇ ବନ ବିଭାଗକୁ ପ୍ରଶ୍ନ କରିଛନ୍ତି ଗୁରୁବାର ଏଠାକୁ ଆସିଥିବା ଭାଜପା ପ୍ରତିନିଧି ଦଳ। ଏଥିସହ ଏତେ ସଂଖ୍ୟାରେ ଗୋରୁ ମରିବା ଅତି ଜଘନ୍ୟ କଥା। ଗୋମାତାଙ୍କୁ ଶୁଖେଇ ଶୁଖେଇ ମରାଯାଉଛି। ଏଠି ପହଞ୍ଚିବା ପରେ ଏହା କେନ୍ଦ୍ରାପଡ଼ାର ନୁହେଁ, ଜାମ୍ମୁ କାଶ୍ମୀର ଅଞ୍ଚଳ ବୋଲି ଅନୁଭବ ହେଉଛି। ଏଥିପାଇଁ ଡିଏଫ୍‌ଓ ଦାୟୀ, ସେ ଗୋ-ହତ୍ୟାକାରୀ ବୋଲି ଭାଜପା ପ୍ରତିନିଧି ଦଳ କହିଛନ୍ତି। ଏଥିସହ ସରକାରଙ୍କ ପାଖରେ ଏ ଖବର ପହଞ୍ଚାଇବା ସହ ଆଉ ଯେପରି ଗୋମାତାଙ୍କ ମୃତ୍ୟୁ ନ ହୁଏ, ସେ ନେଇ ପଦକ୍ଷେପ ନିଆଯିବ। ଅବରୋଧ ହୋଇ ରହିଥିବା ଷଣ୍ଢ ଓ ଗାଈ, ଗୋରୁଙ୍କ ଲାଳନ ପାଳନ ଦିଗରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଭାଜପା ଟିମ୍ କହିଛନ୍ତି।

କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକ ପୁରୁଣା ସାତଭାୟା ଜନବସତିରେ ଶହ ଶହ ଗୋରୁ ଅନାହାରରେ ଅଛନ୍ତି। ବାତ୍ୟା ଦାନା ପ୍ରଭାବରେ ଓ ଦାନା ପରେ ଅନାହାରରେ ୫୦ରୁ ଊର୍ଦ୍ଧ୍ୱ ଗାଈ, ବାଛୁରୀ ଓ ଷଣ୍ଢଙ୍କର ମୃତ୍ୟୁ ଘଟିଛି। ଏପଟେ ଅନାହାରରେ ଥିବା ଗୋରୁଙ୍କ ସମ୍ପର୍କରେ ଖବର ଜାଣିବା ଓ ସେମାନଙ୍କୁ ଖାଇବାକୁ ଦେବା ପାଇଁ ଗୋଖାଦ୍ୟ ନେଇ ଯାଉଥିବା ଭାଜପା ପ୍ରତିନିଧି ଦଳକୁ ବନ ବିଭାଗ ଗୋରୁଙ୍କ ପାଖକୁ ଛାଡ଼ିନି। ସାତଭାୟାରେ ଜନବସତି ଥିବାବେଳେ ସେଠାରେ ଗୋରୁ ଅନାହାରରେ ଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ସ୍ଥିତି ଜାଣିବା ପାଇଁ ଖାଦ୍ୟ ନେଇ ଯାଉଥିବା ପ୍ରତିନିଧି ଦଳକୁ ବନ ବିଭାଗ ନ ଛାଡ଼ିବା ଘଟଣା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ୨ ଘଣ୍ଟା ବାଉଁଶଗଡ଼ ନଦୀ ପାଖରେ ଅପେକ୍ଷା କରି ଭାଜପା ନେତା ଫେରି ଆସିଛନ୍ତି। ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନାଙ୍କ ନେତୃତ୍ୱରେ, ନିଳମଣୀ ସାହାଣୀ, ଭୁବନ ମୋହନ ସିଂ, ପବିତ୍ର ପରିଡ଼ା, ରୋଜାଲିନ ମହାନ୍ତି, ଚିତ୍ତ ରଞ୍ଜନ ଦାସ, ଧର୍ମେନ୍ଦ୍ର ପରିଡ଼ା, ରଶ୍ମି ରଞ୍ଜନ ସାମଲ ପ୍ରମୁଖ ଅନାହାରରେ ସାତଭାୟାରେ ଥିବା ଗୋରୁଙ୍କ ପାଇଁ ଗୋଖାଦ୍ୟ ନେଇ ବାଉଁଶଗଡ଼ ନଦୀ ନିକଟରେ ପହଞ୍ଚି ଥିଲେ। ଭାଜପା ପ୍ରତିନିଧି ଦଳକୁ ଦେଖି ସେଠାରେ ଥିବା ବନ ବିଭାଗ ଡଙ୍ଗା ନଦୀ ଆରପଟକୁ ପଳାଇଥିଲା। ସାତଭାୟାରେ ଜନବସତି ଥିବା ବେଳେ ଶହ ଶହ ଗୋରୁ ମୃତ୍ୟୁ ମୁଖରେ ପଡ଼ିଥିବାବେଳେ ଓ ୫୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ଘଟି ସାରିଥିବାବେଳେ ସେଠାକୁ କେହି ଯାଇ ପାରିବେନି ଭଳି ଅଜବ ନିଷ୍ପତ୍ତିକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି।

# ଭାଜପାର ମିଶ୍ରଣ ପର୍ବ

ଏରସମା, ୧୪।୧୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଭାଜପା କାର୍ଯ୍ୟାଳୟ ପରିସରରେ ଗୁରୁବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ଭାଜପା ନେତା ସତ୍ୟ ସାରଥୀ ମହାନ୍ତି ଉପସ୍ଥିତ ରହି ଭାଜପା ଏକ ବିଶ୍ୱାସ ଯୋଗ୍ୟ ଦଳ ହୋଇଥିବାରୁ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର ବହୁ ବ୍ୟକ୍ତି ଦଳରେ ସାମିଲ ହେବା ସ୍ୱାଭାବିକ ବୋଲି କହିଥିଲେ। ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ନୃସିଂହ ସାହୁ, ନିର୍ଲିପ୍ତ ଜେନା, କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରା, ଏରସମା ମଣ୍ଡଳ ସଭାପତି ଜଟାଧାରୀ ସ୍ୱାଇଁ, ଜିଲା ଓବିସି ମୋର୍ଚ୍ଚା ଉପସଭାପତି ସଞ୍ଜୟ କୁମାର ପରିଡ଼ା, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱନାଥ ପ୍ରତାପ, ଅମରେନ୍ଦ୍ର ଦଳାଇ, ନେତ୍ରାନନ୍ଦ ବେହେରା, ରାଜଶ୍ରୀ ପଟ୍ଟନାୟକ, ଅକ୍ଷୟ ସ୍ୱାଇଁ, ତପନ ଗଛାୟତ ପ୍ରମୁଖ ଉପସ୍ଥିତ ହୋଇ ସଙ୍ଗଠନକୁ ଦୃଢ଼ କରିବା ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ମାନସ କୁମାର ସ୍ୱାଇଁ, ଦିଲୀପ ସ୍ୱାଇଁ, ରମେଶ ଚନ୍ଦ୍ର ସେଠୀ, ତ୍ରିଲୋଚନ ବିଶ୍ୱାଳ, କାଳନ୍ଦୀ ଗଛାୟତ, ବାବୁଲି ସାହୁ, ପ୍ରମୋଦ ରାଉଳ ପ୍ରମୁଖ ୧୬ ଜଣ ଭାଜପା ଦଳରେ ମିଶିଥିଲେ। ଭାଜପା ନେତା ସତ୍ୟ ସାରଥୀ ମହାନ୍ତି ସେମାନଙ୍କୁ ଭାଜପା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।


ଭାଜପାର ମିଶ୍ରଣ ପର୍ବରେ ଯୋଗଦେଇଥିବା କର୍ମୀମାନେ।

# ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ : ୮୦ ପ୍ରକଳ୍ପ ପ୍ରଦର୍ଶିତ

ଏରସମା, ୧୪।୧୧ (ଦୀପ୍ତି ଖଣ୍ଡୁଆଳ)


ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରାଉଛନ୍ତି।

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ କୋଠି ନିମୋଳ ଗ୍ରାମର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ବିଦ୍ୟାପୀଠ ପରିସରରେ ଗୁରୁବାର ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏରସମା ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଏମ୍‌ପି ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥିଭାବେ ଉପସ୍ଥିତ ହୋଇ ପ୍ରଦର୍ଶନୀରେ ସ୍ଥାନ ପାଇଥିବା ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବାସ୍ତବରେ ଅତୁଳନୀୟ ଓ ପରିପକ୍ୱ ବୋଲି କହିଥିଲେ। ଏଥିରେ ବିଡିଓ ଦାଶରଥୀ ଜେନା, ଏବିଇଓ ଗୋପବନ୍ଧୁ ନାୟକ, ଲିଆକତ ଅଲ୍ଲୀ ଖାଁ, ନିମାଇଁ ଚରଣ ମଲ୍ଲିକ ଓ ଲୋକନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ପ୍ରଦର୍ଶନୀର ଗୁଣାତ୍ମକ ମୂଲ୍ୟ ଉପରେ ଆଲୋକପାତ କରିଥିଲେ। ଏବିଇଓ ଗୋପବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲା ବିଜ୍ଞାନ ପରିଦର୍ଶକ ଜୀବନାନନ୍ଦ ସାହୁ, ଜିଲା ପରିଷଦ ପ୍ରଣବ ସ୍ୱାଇଁ, ଅଭ୍ୟର୍ଥନା କମିଟି ସଭାପତି ତଥା ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ରମାକାନ୍ତ ଖଣ୍ଡୁଆଳ, ବିଜ୍ଞାନ କ୍ଲବ ସମ୍ପାଦକ ଅଜୟ କୁମାର ସାହୁ, ବିଜ୍ଞାନ କମିଟିର କୋଷାଧ୍ୟକ୍ଷ ଅନିଲ କୁମାର ଜେନା, ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ସୁପ୍ରିୟା ରାଉତ, ରିଶ୍ମୟ କୁମାର ସାହୁ, ହେମନ୍ତ କୁମାର ସାମଲ, କ୍ରିଷ୍ଟା ପଲାଇ ବିଚାରକ ଭାବରେ ଯୋଗ ଦେଇଥିଲେ। ଅନ୍ନପୂର୍ଣ୍ଣା ଦାସ, ସୀମାରାଣୀ ନାୟକ, ସୋନାକ୍ଷୀ ଷଡ଼ଙ୍ଗୀ, ସାହିଲ ବେଉରା, ସୀମା ମଣ୍ଡଳ, ପ୍ରଭାସ କୁମାର ଭୋଳ, ସରୋଜ ଭଞ୍ଜ ଜିଲା ବିଜ୍ଞାନ ପ୍ରଦର୍ଶନୀକୁ ଉତ୍ତୀର୍ଣ୍ଣ ହୋଇଥିଲେ।

# ପହଞ୍ଚିଲା ପ୍ରାଣୀ ଚିକିତ୍ସା ବିଭାଗ

- ସାତଭାୟାରେ ଶହ ଶହ ଗୋରୁ ଅନାହାରରେ ପ୍ରସଙ୍ଗ
- ଟିକାକରଣ ସହ ଘାସ, ନଡ଼ା ଖାଇବାକୁ ଦେଲେ

ରାଜନଗର, ୧୪।୧୧ (ଭାସ୍କର ରାଉତରାୟ)



ବଙ୍ଗୋପସାଗର କୂଳରେ ଥିବା ସାତଭାୟାର ପୁରୁଣା ଜନବସତି ଅଞ୍ଚଳରେ ଶହ ଶହ ଗାଈ, ବାଛୁରୀ ଓ ଷଣ୍ଢ ଅନାହାରରେ ଅଛନ୍ତି। ଖାଇବାକୁ ପାଉ ନ ଥିବାବେଳେ ପିଇବାକୁ ଟୋପେ ପାଣି ବି ମିଳୁନି। ସବୁଆଡ଼େ ଖାଲି ଲୁଣି ପାଣି। ଯେତିକି ଗୋରୁ ବାତ୍ୟା ଦାନାରେ ମରିଛନ୍ତି, ତା' ଠୁଁ ଅଧିକ ଗୋରୁ ସପ୍ତାହକ ମଧ୍ୟରେ ଅନାହାରରେ ମରିଥିବା କୁହାଯାଉଛି। ଗୋରୁ ଅନାହାରରେ ରହିବା ଓ ଖାଇବା ଏବଂ ପିଇବାକୁ ନ ପାଇ ମୃତ୍ୟୁ ହେବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ନିଜେ ବାଉଁଶଗଡ଼ ଘାଟ ପାର ହୋଇ ବାଇକ୍ ଯୋଗେ ସାତଭାୟାରେ ପହଞ୍ଚି ୧୧ ତାରିଖରେ ସ୍ଥିତି ପରଖିଥିଲେ। ଗୁରୁବାର ପ୍ରାଣୀ ଚିକିତ୍ସା ବିଭାଗର ୧୬ ଜଣିଆ ଟିମ୍ ସାତଭାୟାରେ ପହଞ୍ଚି ସେଠାରେ ଥିବା ଷଣ୍ଢ, ଗାଈ, ବାଛୁରୀ, ବଳଦଙ୍କ ସହ ମଇଁଷିଙ୍କୁ ଟିକାକରଣ କରୁଛନ୍ତି। ଅନାହାରରେ ଥିବା ଗୋରୁଙ୍କ ପାଇଁ ୩ କୁଇଣ୍ଟାଲ ନଡ଼ା ଓ ୧୫ କୁଇଣ୍ଟାଲ ଘାସ ସାତଭାୟାରେ ପହଞ୍ଚିଛି। ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀମାନେ ବୁଲା ଗୋରୁଙ୍କୁ ଖାଇବାକୁ ଦେଇ ଟିକାକରଣ କରୁଛନ୍ତି। ଜିଲା ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡା. ଦିପ୍ତୀ ମହାପାତ୍ର ନିଜେ ସାତଭାୟାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ଦଳାଇ, ମୋବାଇଲ ୟୁନିଟ୍‌ର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରକାଶ କୁମାର ଜେନାଙ୍କ ସହ ଜିଲାର ପୁରା ଟିମ୍ ସାତଭାୟାରେ ରହି ଟିକାକରଣ କାର୍ଯ୍ୟକୁ ଯୋରଦାର କରିଛନ୍ତି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡା. ମହାପାତ୍ରଙ୍କ କହିବା କଥା ହେଲା ଟିକାକରଣ ପରେ ସେଠାରେ କେତେ ଗାଈ ଗୋରୁ ଅଛନ୍ତି ତାହା ସ୍ପଷ୍ଟ ହେବ। ଖବର ପହଞ୍ଚିବା ପରେ ମୃତ ଗୋରୁଗୁଡ଼ିକୁ ଗାତ ଖୋଳି ବ୍ଲିଚିଂ ଦେଇ ପୋତା ଯାଇଛି। ଟିକାକରଣ ପରେ ଆଉ ସଂକ୍ରମଣ ବ୍ୟାପିବ ନାହିଁ। ଯଦି ସଂକ୍ରମଣ ବ୍ୟାପେ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ସମୁଦ୍ର କୂଳରେ ଥିବା ସାତଭାୟାବାସୀଙ୍କୁ ବାଉଁଶଗଡ଼ ନଦୀ ଏପଟେ ବଗପାଟିଆରେ ଥଇଥାନ କରାଯାଇଥିଲେ ମଧ ସେମାନଙ୍କ ଜୀବିକା ପାଇଁ ଆଜି ଯାଏଁ ଜମି ଯୋଗାଇ ଦିଆଯାଇନାହିଁ। ସାତଭାୟାବାସୀ ବଗପାଟିଆ ଥଇଥାନସ୍ଥଳରେ ରହୁଥିଲେ ମଧ ଅଧିକାଂଶ ଲୋକଙ୍କ ଗାଈ, ଗୋରୁ ସାତଭାୟାରେ ଚରୁଥିଲେ। ଏହାବାଦେ ଷଣ୍ଢ ସମସ୍ୟା ଦେଖାଦେବା ପରେ ବିଭିନ୍ନ ଗାଁର ଲୋକେ ଷଣ୍ଢ ନେଇ ବାଉଁଶଗଡ଼ ନଦୀ ସେପଟେ ଛାଡ଼ି ଦେଇ ଆସୁଛନ୍ତି। ଏତେ ସଂଖ୍ୟକ ଗାଈ, ବାଛୁରୀ ଓ ଷଣ୍ଢ ଥିଲେ ମଧ ସେମାନଙ୍କ ପାଇଁ ଏବେ ଗୁରୁତର ଭାବେ ଖାଦ୍ୟ ଓ ପାଣି ସମସ୍ୟା ଦେଖା ଦେଇଛି।

# ସମବାୟ ସମିତିରୁ ମୁହଁ ଫେରାଇଲେ ଚାଷୀ

**■ ଋଣ କରିବା ଓ ଜମା କରିବାକୁ ଚାଷୀଙ୍କ ଭରସା ପାଉନି**

**■ ୨ ସମିତିରୁ ୭ କୋଟି ଟଙ୍କା ଦୁର୍ନୀତି ପରେ ବଢ଼ିଲା ଟେନ୍‌ଶନ**

**ନୟାଗଡ଼,୧୪।୧୧(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାର ବିଭିନ୍ନ ପ୍ରାଥମିକ ସମବାୟ ସମିତି(ସୋସାଇଟି)ରେ ଜମା ଟଙ୍କା ଓ ଋଣ ଟଙ୍କା ହଡପ ହେବା ଘଟଣା ନୂଆ ନୁହେଁ। ତେବେ ନୋତର ସମବାୟ ସମିତି ଲିଃ ରେ ୧ କୋଟିରୁ ଊର୍ଦ୍ଧ୍ୱ ଋଣ ଟଙ୍କା ଏବଂ କୁରାଳ ସମବାୟ ସମିତି ଲିଃରେ ୬ କୋଟିରୁ ଊର୍ଦ୍ଧ୍ୱ ଜମା ଟଙ୍କା ଏପରି ମୋଟରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହେବା ପରେ ଚାଷୀଙ୍କ ଟେନଶନ ବଢ଼ିଛି। ସମବାୟ ସମିତିରେ ଜମା ଟଙ୍କା ଓ ଋଣ କରିବା ଆଉ ନିରାପଦ ନୁହଁ ବୋଲି ପ୍ରମାଣିତ ହେବା ପରେ ଚାଷୀ ସମବାୟ ସମିତିରୁ ମୁହଁ ଫେରାଇବା ଆରମ୍ଭ କରିଲେଣି। ଧିରେ ଧିରେ ଜିଲାର ସମବାୟ ସିମତି ଗୁଡିକରେ ଅଚଳାବସ୍ଥା ଦେଖାଦେବବୋଲି ଅଭିଯୋଗ ହେଉଛି। ପ୍ରକାଶ ଥାଉକି ଜିଲାରେ ୧୫୭ ସମବାୟ ସମିତି ଲିଃ ରହିଛି। ପୁଣି ନୂଆ ୨୮ଟି ସମିତି ହୋଇଥିଲେହେଁ ଏଥିରୁ ମାତ୍ର ୮ଟି କାର୍ଯ୍ୟକ୍ଷମ ହୋଇଥବା ଜଣାପଡିଛି।

## ଅନେକ ଚାଷୀଙ୍କ ପାଇଁ ସ୍ୱପ୍ନ

କୁରାଳ ସୋସାଇଟିରେ ଜମାକାରୀଙ୍କ ୬କୋଟି ୪୨ ଲକ୍ଷ ୭୧ ହଜାର ୫୬୯ ଟଙ୍କା ହଡପ ଘଟଣା ତଦନ୍ତ ଆଳରେ ଚପିଗଲା ବୋଲି ଅଭିଯୋଗ ହୋଇ ଆସୁଛି। ହଡପକାରୀ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କୁ ବହିଷ୍କାର ଓ ଗିରଫରେ ଅଟକି ଯାଇଛି କାର୍ଯ୍ୟାନୁଷ୍ଠାନ। ଜମାକାରୀଙ୍କ ଟଙ୍କା ଫେରି ପାଇବାକୁ ବ୍ୟବସ୍ଥା ନାହିଁ। ପ୍ରକାଶ ଯେ, ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଓଡ଼ଗାଁ ଶାଖା ଅଧୀନରେ କୁରାଳ ସେବା ସମବାୟ ସମିତିରେ ମିନି ବ୍ୟାଙ୍କ କାମ କରୁଛି। ସଂପୃକ୍ତ ମିନି ବ୍ୟାଙ୍କରେ କୁରାଳ ପ୍ରାଥମିକ ସମବାୟ ସମିତିର ସମ୍ପାଦକ କେଲୁ ଚରଣ ରାଉତ କାର୍ଯ୍ୟ କରୁଥିଲେ। ମିନି ବ୍ୟାଙ୍କରେ ପ୍ରାୟ ୩ହଜାର ଜମାକାରୀ ଅନେକ କୋଟି ଟଙ୍କା ଜମା କରିଥିଲେ। ତେବେ ଏଠାରେ ୬କୋଟି ୪୨ ଲକ୍ଷ ୭୧ ହଜାର ୫୬୯ ଟଙ୍କା ହଡପ ହୋଇଥିବା ଜଣାପଡିଥିଲା। ସେହି ଅର୍ଥ ସମ୍ପାଦକ କେଲୁ ଚରଣ ରାଉତଙ୍କ ଠାରୁ ଆଦାୟ ହେବା ପାଇଁ ବିଭାଗୀୟ ନିର୍ଦ୍ଦେଶ ଦିଆଯାଇଥିଲା। ଏପରି କି ତାଙ୍କୁ ନିଲମ୍ବନ କରାଯାଇ ଓଡ଼ଗାଁ ଥାନାରେ ମାମଲା ରୁଜୁ କରାଯାଇଥିଲା। ସମ୍ପାଦକ ଜେଲ ଯାଇ ହାଇକୋର୍ଟରୁ ଜାମିନରେ ଆସିଥିଲା। ପରେ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ୨୦୨୪ ନିର୍ବାଚନ ସମୟରେ କେତେଜଣ ଜମାକାରୀଙ୍କୁ ପ୍ରାୟ ୩ ଲକ୍ଷ ଟଙ୍କା ଭିତରେ ବଣ୍ଟନ କରାଯାଇ ସନ୍ତୁଷ୍ଟ କରାଯାଇଛି। ତେବେ ଅନେକ ଜମାକାରୀ ଏଯାବତ ସେମାନଙ୍କ ଜମା ଟଙ୍କା ପାଇ ନ ଥିବାରୁ ଅଭିଷପ୍ତ ଜୀବନ ଯାପନ କରୁଛନ୍ତି। କେତେଜଣ ଜମାକାରୀ ଆରପାରି କି ଚାଲି ଯାଇଥିବାବେଳେ ଆଉ କେତେଜଣ ଚାଷୀ ବହୁ କଷ୍ଟରେ ଦିନ କାଟୁଛନ୍ତି।

## ନୋତରରେ ଚାଷୀ ଟଙ୍କା ପାଇବେ କିପରି

ନୋତର ସମବାୟ ସମିତରେ ୪ ମୃତକ ଚାଷୀଙ୍କ ନାଁରେ ଋଣ କରାଯିବା ଓ ୧୨୪ ଚାଷୀଙ୍କ ଋଣ ଟଙ୍କା ପ୍ରାୟ ୧କୋଟି ଟଙ୍କା ଆତ୍ମସାତ୍ ଘଟଣାରେ ପୂର୍ବତନ ସମ୍ପାଦକ ଆଶିଷ କୁମାର ପ୍ରଧାନଙ୍କୁ ଇଟାମାଟି ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଆଶିଷଙ୍କୁ ଜେଲ ଯିବାକୁ ପଡିଛି। ୨୦୧୬ରେ ଆଶିଷ ନୋତର ସମିତର ଦାୟିତ୍ୱ ନେଇଥିଲେ। ୨୦୨୨ ଡିସେମ୍ବର ୧୦ରେ ଉଦୟନାଥ ନାୟକ ନାମକ ଜଣେ ଚାଷୀ ଆଶିଷଙ୍କ ବିରୋଧରେ ଋଣ ଦୁର୍ନୀତି ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ୨୦୧୭ରେ ଉଦୟନାଥ ୧୧ ହଜାର ଋଣ ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ପରିଶୋଧ କରିଥିଲେ। ତେବେ ତାଙ୍କ ନାଁରେ ଋଣ ଗଡୁଥିଲା। ଉଦୟନାଥଙ୍କ ପରେ ୧୨୪ଜଣ ଚାଷୀ ଋଣ ଦୁର୍ନୀତିର ଅଭିଯୋଗ କରିଥିଲେ। ସେହିପରି ୪ ମୃତକ ଚାଷୀଙ୍କ ନାଁରେ ଋଣ ଉଠିଥିଲା। ଏନେଇ ଜିଲାପାଳ, ଏସ୍‌ପି, କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା, ଭିଜିଲାନ୍ସଙ୍କ ଠାରେ ଅଭିଯୋଗ ହୋଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପୂର୍ବତନ ସମ୍ପାଦକ ଗିରଫ ପରେ ଚାଷୀଙ୍କ ମନରେ ପ୍ରଶ୍ନ ଉଠୁଛି ଆମ ନାଁରେ ଉଠୁଥବବା ଋଣ ପରିଶୋଧ ହେବ କିପରି। ଆମେ ଋଣ ନ ନେଇ କାହିଁକି ଋଣ ଟଙ୍କା ପରିଶୋଧ କରିବୁ।

# ନୀଳମାଧବଙ୍କ ନୃସିଂହ ଓ କାଞ୍ଚି ଅଭିଯାନ ବେଶ







**ଖଣ୍ଡପଡ଼ା,୧୪।୧୧**
**(ଅଜୟ କୁମାର ମହାରଣା)**

ଚଳିତ ବର୍ଷ କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଠାକୁର ବିଭିନ୍ନ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି। ତେବେ ଗୁରୁବାର କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ନୀଳମାଧବଙ୍କୁ ସକାଳେ କାଞ୍ଚି ଅଭିଯାନ ଓ ସନ୍ଧ୍ୟାରେ ନୃସିଂହ ଅବତାରରେ ବେଶ କରାଯାଇଥିଲା। ଆଜି ଚତୁର୍ଦ୍ଦଶୀ ତିଥିରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି ଓ ଅବକାଶ ନୀତି ସମ୍ପନ୍ନ ହେବା ସହ ପାରମ୍ପରିକ ନୀତି ଅନୁଷ୍ଠିତ ହୋଇଥିଲା। ପବିତ୍ର କାର୍ତ୍ତିକ ବ୍ରତ ସହ ଗୁରୁବାର ବହୁ ହବିଷିଆଳି ଓ ଶ୍ରଦ୍ଧାଳୁ ନୀଳମାଧବଙ୍କୁ ସକାଳୁ କାଞ୍ଚି ଅଭିଯାନ ଓ ସନ୍ଧ୍ୟାରେ ନୃସିଂହ ବେଶରେ ଦର୍ଶନ କରିଥିଲେ। ସେହିପରି ଖଣ୍ଡପଡ଼ା ଶ୍ରୀ ଜଗନ୍ନାଥଙ୍କ ବଳି ବାମନ ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ଶ୍ରୀ ଜୀଉଙ୍କ ପହଡ଼ ଫିଟିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଶେଷ କରାଯାଇଥିଲା। ଏହାପରେ ସେବକମାନେ ଶ୍ରୀଜୀଉଙ୍କୁ ବଳିବାମନ ବେଶ କରାଇଥିଲେ। ଏହି ମନଲୋଭା ବେଶ ଦର୍ଶନ ଲାଗି ଆଖପାଖ ଅଞ୍ଚଳରୁ ଜଗନ୍ନାଥ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା।

## ଶ୍ରୀଜଗନ୍ନାଥଙ୍କ ବାମନ ଅବତାର ବେଶ

**ଖଣ୍ଡପଡା,୧୪।୧୧(ଅଜୟ କୁମାର ମହାରଣା)**

ପବିତ୍ର କାର୍ତ୍ତିକ ମାସ ଗୁରୁବାର ଖଣ୍ଡପଡା ଜଗନ୍ନାଥମନ୍ଦିରରେଶ୍ରୀଜୀଉବାମନଅବତାର ଓ ପାର୍ଶ୍ୱଦେବତା ରୁପେ ପୂଜା ପାଉଥିବା ଶ୍ରୀଗୋପୀନାଥଜୀଉ କାଳୀୟଦଳନ ବେଶରେ ଦର୍ଶନ ଦେଇଛନ୍ତି। ୨ ମହାପ୍ରଭୁଙ୍କ ବେଶ ଓ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

# ଶରଣକୁଳରେ ରାଜାଭିଷେକ, ନୟାଗଡ଼ରେ ତ୍ରିବିକ୍ରମ ବେଶ



**ନୟାଗଡ଼,୧୪।୧୧(ଲୋକନାଥ ମିଶ୍ର)**

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଥିବା ଶ୍ରୀଜଗନ୍ନାଥଙ୍କ ଗୁରୁବାର ସନ୍ଧ୍ୟାରେ ରାଜାଭିଷେକ ବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ନୟାଗଡ଼ ପୁରୁଣା ସହରରେ ପୂଜା ପାଉଥିବା ଶ୍ରୀଜଗନ୍ନାଥ ତ୍ରିବିକ୍ରମ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ସୂଚନା ଅନୁଯାୟୀ, ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କା ଜୟକରି ଅଯୋଧ୍ୟାକୁ ଫେରି ଥିଲେ। ରାଜଭିଷେକ ପରେ ରାଜ ସିଂହାସନ ଆରୋହଣ କରି ରାଜ୍ୟ ଶାସନ କରିଥିଲେ। ରାମଙ୍କ ଶାସନକୁ ମନେପକାଇବା ପାଇଁ ମହାପ୍ରଭୁ ରାଜାବେଶରେ ସୁସଜ୍ଜିତ ହୋଇ ପାଟବସ୍ତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପଞ୍ଚୁକ ଅବସରରେ ତୃତୀୟ ଦିବସରେ ବହୁ ଭକ୍ତ ରାଜାଭିଷେକ ବେଶ ଦେଖିବା ପାଇଁ ମନ୍ଦିରରେ ଭିଡ଼ ଜମାଇଥିଲେ।

# ଖାଦ୍ୟମେଳାରେ ମା'ଙ୍କ ହାତରନ୍ଧା ପିଠାପଣା



**ନୟାଗଡ଼,୧୪।୧୧(ଲୋକନାଥ ମିଶ୍ର)**

## ଶିଶୁ ଦିବସରେ ବୋଇତ ବନ୍ଦାଣ ପର୍ବ

ନୟାଗଡ଼ ଡିଏଭି ସ୍କୁଲରେ ଶିଶୁ ଦିବସ ଅବସରରେ ଆଗୁଆ ବୋଇତ ବନ୍ଦାଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଛାତ୍ରୀଛାତ୍ରଙ୍କ ମା'ମାନେ ଖାଦ୍ୟମେଳାରେ ଅଂଶ ଗ୍ରହଣ କରି ଷ୍ଟଲ ଖୋଲିଥିଲେ । ୯ ଷ୍ଟଲରେ ମା'ଙ୍କ ହାତରନ୍ଧା ପିଠାପଣା, ଜଳଖିଆ, ବିରିଆନି ଖାଇବାକୁ ମିଳିଥିଲା । ମା'ମାନେ ନିଜ ନିଜ ଘରେ ଜଳଖିଆ, ପିଠାପଣା, ବିରିଆନି ପ୍ରସ୍ତୁତ କରି ଷ୍ଟଲରେ ରଖିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ ଛୋଟ ଶିଶୁଙ୍କ ସୃଜନଶୀଳତାକୁ ନଷ୍ଟ କରିବା ଠିକ ନୁହେଁ । ବରଂ ସେମାନଙ୍କ ସୃଜନଶୀଳତା କିପରି ବଢ଼ିବ ସେଥିପ୍ରତି ମା,ବାପା, ଶିକ୍ଷକ ପଦକ୍ଷେପ ନେବା ଦରକାର । ପାଠ ପଢୁଥିବା ଶିଶୁଙ୍କ ପାଇଁ ଜଣେ ମା' ଶିଶୁ ହୋଇ ତାର ସୁବିଧା ଅସୁବିଧା ବୁଝିବା ଦରକାର । ବାପା ମା' ହୋଇ ପିଲାର ମନ ଜାଣିବା ଦରକାର । ପାଠ ପଢ଼ିବାର ଚାପ ଲଦି ଦେଇ କଅଁଳ ମନକୁ ଭାରାକ୍ରାନ୍ତ କରା ନ ଯାଉ । ଏପରି କରାଗଲେ ଶିଶୁଟି ଭଲ ମଣିଷ ହୋଇ ପାରିବ ବୋଲି କହିଛନ୍ତି । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ଆସର ଲାଗି ରହିଥିଲା । ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ଅଧ୍ୟକ୍ଷତା ଓ ସଂଯୋଜନା ସ୍ମରଣିକା ଶତପଥୀ କରିଥିବାବେଳେ ଶିକ୍ଷୟିତ୍ରୀ ଚିନ୍ମୟୀ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ ।

# ଶିଶୁମାନଙ୍କର ଅଧିକାର, ସୁରକ୍ଷା ପାଇଁ ସାମ୍ବିଧାନିକ ସଚେତନତା

**ନୟାଗଡ଼,୧୪।୧୧(ଲୋକନାଥ ମିଶ୍ର)**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ ଅବସରରେ ଶିଶୁମାନଙ୍କ ଅଧିକାର, ସୁରକ୍ଷା ପାଇଁ ସାମ୍ବିଧାନିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚନ୍ଦ୍ର ବିଜୟୀ ମିଶ୍ର ଛାତ୍ରୀମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଇଥିଲେ। ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ ଶିଶୁ ଅଧିକାର ଉପରେ ବାଖ୍ୟା କରିବା ବେଳେ, ବରିଷ୍ଠ ବିଚାରପତି ସତ୍ୟବ୍ରତ ରଣା ଶିଶୁ ସୁରକ୍ଷାର ସାମ୍ବିଧାନିକ ଦିଗ ଉପରେ ବର୍ଣ୍ଣନା କରିଥିଲେ। ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ଅଞ୍ଜଳି ମଛଖଣ୍ଡ ଶିଶୁମାନଙ୍କ ଶିକ୍ଷା ଅଧିକାର, ସଚେତନତା, ଦାୟିତ୍ୱବୋଧତା କିପରି ସେମାନଙ୍କୁ ସଫଳ କରି ଗଢିବ ତାହା ବୁଝାଇଥିଲେ। ବରିଷ୍ଠ ସରକାରୀ ଆଇନଜୀବି ଦଣ୍ଡପାଣି ସ୍ୱାଇଁ ଶିଶୁମାନଙ୍କ ପ୍ରତି ସାମାଜିକ କର୍ତ୍ତବ୍ୟ ଦର୍ଶାଇଥିଲେ। ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ମହାରଣା ଜିଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଓ ପୋକ୍‌ସୋ ଆଇନ ୨୦୧୨ ଉପରେ ତର୍ଜମା କରି ସଚେତନତା କରିଥିଲେ। ସଦସ୍ୟ ମହମ୍ମଦ ଓମାର ମାଲିକ ଶିଶୁମାନଙ୍କ ପରିବାର ଏବଂ ଅନୁଷ୍ଠାନର ସୁରକ୍ଷା ବଖାଣିଥିଲେ। ଆଇନଜୀବି କାମାକ୍ଷା ପ୍ରସାଦ ଦାସ ଗଳ୍ପ ମାଧ୍ୟମରେ ଶିଶୁମାନଙ୍କୁ ସଚେତନତା କରିଥିବା ବେଳେ, କବୟତ୍ରୀ ପ୍ରଭାସିନୀ ବରାଡ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ଶିଶୁ ଦିବସ ଉପରେ ବହୁବିଧ ଭାଷା ନୃତ୍ୟ ପରିବେଷଣ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଓଡ଼ଗାଁ,୧୪।୧୧**
**(ଆଦର୍ଶ କୁମାର ପଟ୍ଟନାୟକ )**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରରେ ''ମା' ପାଇଁ ଗଛଟିଏ'' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ନଭେମ୍ବର ୧୪ ଶିଶୁ ଦିବସ ପାଳନ ଅବସରରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ''ମା' ପାଇଁ ଗଛଟିଏ''ର ଲୋଗୋକୁ ଉନ୍ମୋଚିନ କରିଥିଲେ। ଶିଶୁଟିଏ ଜନ୍ମ ନେବା ପରେ ତାର ଅବଶିଷ୍ଟ ଜୀବନ ପ୍ରକୃତିର କୋଳରେ ବିତେଇବା ପାଇଁ ଶୁଦ୍ଧବାୟୁ, ଜଳ ଏବଂ ଖାଦ୍ୟ ଶସ୍ୟର ଆବଶ୍ୟକତା ରହିଛି। ତେଣୁ ଶିଶୁଟିଏ ଜନ୍ମନେବା ବେଳେ ତା'ପାଇଁ ଚାରାଟିଏ ରୋପଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗାୟତ୍ରୀ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ର ଆରମ୍ଭ କରିଥିବା କାର୍ଯ୍ୟକ୍ରମକୁ ସବୁକ୍ଷେତ୍ରରୁ ସହଯୋଗ ପାଇବା ପାଇଁ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ଗାୟତ୍ରୀ ବିଦ୍ୟା ମନ୍ଦିରର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସଙ୍କଳ୍ପ କରିଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭେଙ୍କଟ ସ୍ୱାମୀ ପାଣିଗ୍ରାହୀ, ନାରାୟଣ ପ୍ରଧାନ, ଅମିତା ଦାସ, ସଞ୍ଜୁଲତା ମିଶ୍ର, ପ୍ରଭାତୀ ତ୍ରିପାଠୀ, ସସ୍ମିତା ପାଣିଗ୍ରାହୀ, ନୀଳମାଧବ ଆଚାର୍ଯ୍ୟ, ଦିପା ସୁମନ ଅର୍ପିତା, ପ୍ରଭାତୀ ଖଣ୍ଡା, ସନ୍ତୋଷିନୀ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ମେଳା

**ନୟାଗଡ଼,୧୪।୧୧(ଲୋକନାଥ ମିଶ୍ର)**

ନୟାଗଡ଼ ପ୍ୟାଲେସରେ ଗୁରୁବାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିବା ନେଇ ଏକ ମେଳା ଅନୁଷ୍ଠିତ ହୋଇଯାଇଛି। କାନାରା ବ୍ୟାଙ୍କ ସହାୟତାରେ ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ସେହିଭଳି କାନାରା ବ୍ୟାଙ୍କ ବାଙ୍ଗାଲୋରର ଡେପୁଟି ଜେନେରାଲ ମ୍ୟାନେଜର ମାଧବ ପ୍ରସାଦ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଡିଜିଏମ ଏନ.ଏମ.ପାତ୍ର ଯୋଗ ଦେଇ କହିଥିଲେ ନୟାଗଡ଼ ଜିଲାରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ କୋଟି ଋଣ ଦେବାକୁ ଲକ୍ଷ୍ୟ ରହିଛି। ନୟାଗଡ଼ ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ଲୋହିତ ନନ୍ଦ ଓ ବ୍ରହ୍ମପୁରର ଏଜିଏମ୍ ଜି.ଭେଙ୍କଟ ରଘୁ ସେଶୁ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ । ଜିଲାପାଳ ମା' କାଲୁଣୀ ଚଣ୍ଡୀ ଏସଏଚଜି ଗ୍ରୁପକୁ ୧୦ ଲକ୍ଷ ଟଙ୍କା ଚେକ୍ ପ୍ରଦାନ କରିଥିଲେ । ମେଳାରେ ମାଳିସାହି ଶାଖା, ଶିଖରପୁର ଶାଖା, ବଡପଣ୍ଡୁସର ଶାଖା, ଦଶପଲ୍ଲା ଶାଖା ଏଭଳି ୭ ଶାଖାର ୭୦ ସ୍ୱୟଂ ସହାୟିକା ଗୋଷ୍ଠୀର ୧୦୦୦ରୁ ଅଧିକ ମହିଳା ଯୋଗଦେଇଥିଲେ। ନୟାଗଡ଼ ଶାଖା ପରିଚାଳକ ବିଶ୍ୱ ବିକାଶ ଦାଶ ଏହାକୁ ପରିଚାଳନା କରଥିଲେ।

# ବୁଗୁଡ଼ା ଗ୍ରାମବାସୀ ପାନୀୟ ଜଳ ପାଇଁ ହନ୍ତସନ୍ତ

**ଦଶପଲ୍ଲା,୧୪।୧୧(ପ୍ରକାଶ କୁମାର ପାଣି)**

ପାନୀୟ ଜଳ ପ୍ରକଳ୍ପ ଅଛି, ହେଲେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତର ବୁଗୁଡ଼ା,କଦମ୍ବ ସାହି, ସିଲିଂସାହି ଓ ବୁଗୁଡ଼ା କଲୋନୀବାସୀ। ଗ୍ରାମରେ ପ୍ରାୟ ଶତାଧିକ ପରିବାର ବସବାସ କରୁଛନ୍ତି। ହେଲେ ପାନୀୟ ଜଳ ପ୍ରକଳ୍ପରୁ ଅଳ୍ପ ସମୟ ପାଇଁ ଜଳଯୋଗାଣ କରାଯାଉଥିବାରୁ ତାହା ଆବଶ୍ୟକତାକୁ ମେଣ୍ଟାଇ ପାରୁନାହିଁ। ଅନ୍ୟପକ୍ଷେ ବିଭିନ୍ନ ସାହିକୁ ଠିକ ଭାବେ ଜଳଯୋଗାଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଗାଁ ଭିତରେ ଥିବା ପଥର କୂଅ ଗ୍ରାମବାସୀଙ୍କ ଏକମାତ୍ର ସାହାରା ସାଜିଛି। ଏହି କୂଅରେ ୧୦ରୁ ଊର୍ଦ୍ଧ୍ୱ ମୋଟର ସଂଯୋଗ ହୋଇଛି। ଏକକାଳୀନ ମୋଟର ଚାଲିଲେ ପାଣି ଶୁଖିଯାଉଛି। ଫଳରେ ପାଳିକରି ମୋଟର ଲଗାଇ ଗ୍ରାମବାସୀ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଏପରି ପରିସ୍ଥିତିରେ ପାନୀୟ ଜଳ ପ୍ରକଳ୍ପର ମୋଟର ଚାଳକ ମନଇଚ୍ଛା ଓ ସ୍ୱଳ୍ପ ସମୟ ପାଇଁ ପ୍ରକଳ୍ପ ଚାଲୁ କରୁଥିବାରୁ ବୁଗୁଡ଼ା ବଡ଼ସାହିକୁ ଜଳଯୋଗାଣ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଏଥିଯୋଗୁ ବୁଗୁଡା ବଡ଼ସାହିର ଲୋକମାନେ ଗରାଏ ପାନୀୟ ଜଳ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଦାମୋଦର ଶିଶୁରାଇଜର ବାର୍ଷିକ ଉତ୍ସବ



**ଶରଣକୁଳ,୧୪।୧୧(ଦୀପକ କର)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ଶରଣକୁଳ ପଥୁରିଆସାହି ଦାମୋଦର ଶିଶୁରାଇଜର ସପ୍ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଭୁଦତ୍ତ ମହାପାତ୍ରଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଦସ୍ୟା ଚିନ୍ମୟୀ ଦାଶ ଓ ସମ୍ମାନିତ ଅତିଥି ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସମିତି ସଭ୍ୟ ପ୍ରତୀକ ମହାପାତ୍ର ଓ ସାମାଜିକ କର୍ମୀ ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁରାଇଜ ସମ୍ପାଦକ ସନ୍ତୋଷ କୁମାର ସାହୁ ବିବରଣୀ ପାଠ କରିଥିଲେ। ଅତିଥିମାନେ ଶିଶୁଦିବସ ଅବସରରେ ଦାମୋଦର ଶିଶୁରାଇଜର ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହା ଶିଶୁମାନଙ୍କ ମଧ୍ୟରେ ଉତ୍ସାହ ଆଣିବାରେ ସହାୟକ ହେଉଛି ବୋଲି କହିଥିଲେ। ବାଚସ୍ପତି ପାଢ଼ୀ ନିଜ ବକ୍ତବ୍ୟରେ ଶିଶୁମାନଙ୍କୁ ଠିକ ଶିକ୍ଷା, ଶିଷ୍ଟାଚାର ପ୍ରଦାନ କରାଗଲେ ସାମଗ୍ରିକ ବିକାଶ ଦିଗରେ ସହାୟକ ହୋଇ ପାରିବ ବୋଲି କହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସ୍ୱର୍ଗତ ଦାମୋଦର ମହାପାତ୍ରଙ୍କ ପୁଅ ଜାନକୀ ବଲ୍ଲଭ ମହାପାତ୍ର, ବିଜୟ କୁମାର ମହାପାତ୍ର, ସଦାନନ୍ଦ ମହାପାତ୍ର, ବିଭୁଦତ୍ତ ମହାପାତ୍ର ଓ ମନୋରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପୋଖରୀ ନିଲାମ ବିବାଦ ତୁଟିଲା

**ଖଣ୍ଡପଡ଼ା,୧୪।୧୧**
**(ଅଜୟ କୁମାର ମହାରଣା)**



ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ ପାଣ୍ଡୁସାହୁ ପାଟଣା ବଡ଼ ପୋଖରୀକୁ ୧ ବର୍ଷ ପାଇଁ ନିଲାମ ଦେବାପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହାକୁ ବିରୋଧ ପରେ ଗୁରୁବାର କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ନିଲାମ କାର୍ଯ୍ୟକ୍ରମରେ ଉକ୍ତ ପୋଖରୀକୁ ୫ ବର୍ଷ ପାଇଁ ନିଲାମ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟ, ସରପଞ୍ଚ ଶ୍ରୀୟାରାଣୀ ବେହେରା, ନାଏବ ସରପଞ୍ଚ ପ୍ରଭାତ କୁମାରସାହୁ, ପିଇଓ ସସ୍ମିତା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ନିଲାମ କାର୍ଯ୍ୟକ୍ରମରେ ସମୁଦାୟ ୪ ସ୍ୱୟଂସହାୟିକା ଗୋଷ୍ଠିର ସଦସ୍ୟା ଅଂଶଗ୍ରହଣ କରିଥିବା ବେଳେ କଣ୍ଟିଲୋ ଗ୍ରାମର ଅନନ୍ୟା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପାଣ୍ଡୁସାହୁ ବଡପୋଖରୀକୁ ୩ଲକ୍ଷ ୪୦ ହଜାର ଟଙ୍କାରେ ନିଲାମ ନେଇ ତାର ଅଧା ଅର୍ଥ ଜମା ଦେଇଛି। ସେହିପରି କଣ୍ଟିଲୋ ପଞ୍ଚାୟତ ଅଧୀନ କୁଞ୍ଜବନ ପୋଖରୀକୁ ନିଲାମ ପାଇଁ ୧ ଲକ୍ଷ ୪ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ମା'ଭୁବନେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ୧ ଲକ୍ଷ ୫ ହଜାର ଟଙ୍କାରେ ନିଲାମ ନେଇଥିବା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଟଙ୍କଠାରୁ ପ୍ରକାଶ। ତେବେ ଏ ନିଲାମ କାର୍ଯ୍ୟକ୍ରମ ଶୃଙ୍ଖଳତାର ସହ ଶେଷ ହୋଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁ ପାଟଣା ବଡପୋଖରୀକୁ ପଞ୍ଚାୟତ ପକ୍ଷରୁ ବର୍ଷିକିଆ ନିଲାମ ପାଇଁ ପ୍ରୟାସ ଜାରି ରହିଥିଲା। ଏହାକୁ ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧ କରିବା ସହ ଉକ୍ତ ପୋଖରୀକୁ ୧ ବର୍ଷ ପରିବର୍ତ୍ତେ ୫ ବର୍ଷ ପାଇଁ ନିଲାମ କରିବାକୁ ଅଡି ବସିଥିଲେ। ମାତ୍ର ଉକ୍ତ ପୋଖରୀକୁ ଅମୃତ ସରୋବର ଯୋଜନାରେ ସାମିଲ କରି ପୋଖରୀର ଉନ୍ନତୀକରଣ ନିମନ୍ତେ ପଞ୍ଚାୟତ ପକ୍ଷରୁ ଗତ ସେପ୍ଟେମ୍ବର ୨୫ରେ ଏହାକୁ ୫ବର୍ଷ ପରିବର୍ତ୍ତେ ୧ ବର୍ଷ ପାଇଁ ନିଲାମ କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପାଣ୍ଡୁସାହୁ ପାଟଣାର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏବଂ ଅନ୍ୟ କେତେଜଣ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଏହି ନିଲାମକୁ ବିରୋଧ କରି ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି କରିଥିଲେ। ଫଳରେ ଉକ୍ତ ପ୍ରକ୍ରିୟା ବନ୍ଦ ରହିଥିଲା। ଏ ସମ୍ପର୍କୀତ 'ପୋଖରୀ ନିଲାମକୁ ନେଇ ବିବାଦ'ଶୀର୍ଷକ

## ୫ ବର୍ଷ ପାଇଁ ନିଲାମ ହେଲା ପୋଖରୀ

ଖବର ଗତ ସେପ୍ଟେମ୍ବର ୨୬ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଏ ନେଇ ଏକ ଅଭିଯୋଗପତ୍ର ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ୍ ଅଧିକାରୀଙ୍କୁ ପ୍ରଦାନ କରାଯାଇ ଯଦି ପୋଖରୀକୁ ୫ବର୍ଷିଆ ନିଲାମ ନ କରାଯାଏ ତେବେ ଗତ ଅକ୍ଟୋବର ୧୧ରେ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ତେବେ ଅଭିଯୋଗ ପରେ ଗତ ସେପ୍ଟେମ୍ବର ୨୮ ତାରିଖରେ ଉକ୍ତ ପୋଖରୀକୁ ୫ ବର୍ଷ ପାଇଁ ନିଲାମ ଦିଆଯିବାକୁ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ଜନପ୍ରତିନିଧିମାନେ ଖଣ୍ଡପଡ଼ା ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବଡସେଟଙ୍କ ଉପସ୍ଥିତିରେ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏ ସମ୍ପର୍କୀତ '୫ ବର୍ଷିଆ ପୋଖରୀ ନିଲାମ ପାଇଁ ଜନ ପ୍ରତିନିଧିଙ୍କ ନିଷ୍ପତି' ଶୀର୍ଷକ ଏକ ଖବର ଗତ ସେପ୍ଟେମ୍ବର ୨୯ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା।

# ନିଖୋଜ କାଠ ବ୍ୟବସାୟୀଙ୍କ ମୃତଦେହ ସୁଙ୍କି ଘାଟିରୁ ଜବତ

**୪ ଅଟକ**

ପଟ୍ଟାଙ୍ଗି,୧୪।୧୧(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୁଙ୍କି ଘାଟରୁ ନିଖୋଜ କାଠ ବ୍ୟବସାୟୀଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। ବଳକା ଟଙ୍କା ଫେରାଇ ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ବଡ଼ଭାଇ ଅଭିଯୋଗ କରିଛନ୍ତି। ଏଥିରେ ୪ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଜୟପୁର ଅଞ୍ଚଳର ପାୱାର ହାଉସ ନିକଟ ପାଇଲସାହିର ରାଧାକୃଷ୍ଣ ମହାପାତ୍ର ରବିବାର ପଟ୍ଟାଙ୍ଗି ବ୍ଲକ୍ ଦେଓପଟ୍ଟାଙ୍ଗି ଗ୍ରାମକୁ ଗଛ କାଠ କିଣିବାକୁ ଆସି ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ସଦସ୍ୟ ଜୟପୁର ଥାନାରେ ନିଖୋଜ ଥିବା ଲିଖିତ ଅଭିଯୋଗ କରିଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ଏସ୍‌ଡିପିଓ ମନୋବ୍ରତା ଶତପଥୀଙ୍କ ନେତୃତ୍ୱରେ ୪ ଦିନ ପରେ ସୁଙ୍କି ଘାଟିରୁ ରାଧାକୃଷ୍ଣଙ୍କ ମୃତଦେହ ପୋଲିସ ଠାବ କରିଛି। ଏହି ଘଟଣାରେ ଜୟପୁର ଏବଂ ପଟ୍ଟାଙ୍ଗି ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସାଇଣ୍ଟିଫିକ୍ ଟିମ୍ ମୃତଦେହ ପଡ଼ିଥିବା ସ୍ଥାନରେ ପହଞ୍ଚି ହତ୍ୟାର ସୁରାକ୍ ଓ ଘଟଣାସ୍ଥଳରେ ପଡ଼ିଥିବା କେତେକ ଆସବାବପତ୍ର ସଂଗ୍ରହକରି ତଦନ୍ତ ଚଳାଇଛି। ସୁନାବେଡ଼ା ଏସ୍‌ଡିପିଓ ଶତପଥୀ ହତ୍ୟାର କାରଣ ଜାଣିବା ପାଇଁ ଅଟକ ୪ଜଣଙ୍କୁ ପଚରାଉଚରା କରିଥିଲେ। ରାଧାକୃଷ୍ଣ କାଠ ବ୍ୟବସାୟକୁ ନେଇ ଦୀର୍ଘ ମାସ ହେଲା କିଛି ଟଙ୍କା ବାକି ରଖିଥିଲେ ବୋଲି ସେମାନେ ପ୍ରାଥମିକ ତଦନ୍ତରେ କହିଛନ୍ତି।

# ସେଲିବ୍ରିଟିଙ୍କ ଫେକ୍ ଆଇଡିରେ ପ୍ରେମ ସମ୍ପର୍କ

**ଧରାପଡ଼ିଲେ ବଣ୍ଟି-ବବ୍‌ଲି ଯୋଡ଼ି**

ବାଲେଶ୍ୱର, ୧୪।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସାଇବର ଥାନା ପୋଲିସ ହାତରେ ବଣ୍ଟି-ବବ୍‌ଲି ଯୋଡ଼ି ଓ ସେମାନଙ୍କ ଗ୍ୟାଙ୍ଗ ଧରାପଡ଼ିଛନ୍ତି। ଏହି ଗ୍ୟାଙ୍ଗ ସେଲିବ୍ରିଟିଙ୍କ ଫେକ୍ ଆଇଡି ଦ୍ୱାରା ପ୍ରଥମେ ପ୍ରେମ ସମ୍ପର୍କ ଗଢୁଥିଲେ। ପରେ ବିଭିନ୍ନ ବାହାନା କରି ଲୁଟୁ ଥିଲେ ଟଙ୍କା। ଏପରି କି ଧରାପଡ଼ିଲେ ଜୀବନରୁ ମାରିଦେବାକୁ ଧମକ୍ ଦେଉଥିଲେ। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲାରେ। ଚାନ୍ଦିପୁର ଥାନା ଅଞ୍ଚଳର ଜଣେ ଯୁବତୀ ଏହି ସାଇବର ଠକଙ୍କ ଶିକାର ହୋଇ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ସାଇବର ଥାନା ପୋଲିସ ଏକ ମାମଲା (ନଂ. ୪୮/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଘଟଣାରୁ ପ୍ରକାଶ, ରିଲ୍ସ ଅଭିନେତା ଚିକୁ ଦାଶଙ୍କ ଫଟୋ ଲଗାଇ ଫେସବୁକ୍‌ରେ ଫେକ୍ ଆକାଉଣ୍ଟ ଖୋଲିଥିଲେ ବାଲେଶ୍ୱର ସହର ନୂଆବଜାର ଅଞ୍ଚଳର ଶପଥ ଦେ। ପରେ ଅଭିଯୋଗକାରିଣୀ ଯୁବତୀଙ୍କ ସହ ଫେସବୁକ୍ ମାଧ୍ୟମରେ ସମ୍ପର୍କ ବଢ଼ାଇବା ସହ ବିଶ୍ୱାସ ଜନ୍ମାଇଥିଲେ। ଏହାପରେ କେତେବେଳେ ନିଜ ବାଇକ୍ ଖରାପ କହି ଟଙ୍କା ମାଗିଲେ, ତ କେତେବେଳେ ବାପାଙ୍କୁ କ୍ୟାନ୍‌ସର ହୋଇଥିବା କହି ଟଙ୍କା ମାଗିଥିଲେ। ଏହିଭଳି ମୋଟ୍ ୨ଲକ୍ଷ ୫୭ହଜାର ୮୯୯ ଟଙ୍କା ଲୁଟିଥିବା ଏତଲାରେ ଦର୍ଶାଯାଇଛି। ଯୁବତୀଜଣକ ଟଙ୍କା ଫେରସ୍ତ ମାଗିବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ଶପଥ ଦେ, ଭାଇ ରଜତ ଦେ ଓ ରଜତଙ୍କ ଶଳା ମନୋଜ ମହାନ୍ତିଙ୍କ ଆକାଉଣ୍ଟକୁ ଉକ୍ତ ଟଙ୍କା ଟ୍ରାନ୍ସଫର ହୋଇଥିବା ଜାଣିବା ପରେ ସେ ସେମାନଙ୍କୁ ଫୋନ୍ କରି ଟଙ୍କା ଫେରସ୍ତ ମାଗିଥିଲେ। ସମସ୍ତେ ମିଶି ଯୁବତୀଙ୍କୁ ହତ୍ୟା ଧମକ ଦେବା ସହ ବ୍ଲାକମେଲ୍ କରିଥିଲେ। ମୋବାଇଲ ଟ୍ରାକିଂ କରାଯାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ତିନୋଟି ଟିମ୍ ସହରର ଏକ ହୋଟେଲରେ ଚଢ଼ାଉ କରି ଶପଥ ଓ ତାଙ୍କ ବାନ୍ଧବୀ, ଭାଇ ରଜତ ଓ ତାଙ୍କ ଶଳାଙ୍କୁ ହେପାଜତକୁ ଆଣିଥିଲେ। ସେମାନଙ୍କୁ ଅଟକ ରଖାଯାଇ ଏକ ଗୁପ୍ତ ସ୍ଥାନରେ ପୋଲିସ ପକ୍ଷରୁ ପଚରାଉଚରା ଜାରି ରହିଛି।

ତେବେ ଶପଥ ଫେସବୁକ୍ ମାଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଝିଅମାନଙ୍କ ସହ ପ୍ରେମ ସମ୍ପର୍କ ବଢ଼ାଇ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ବାନ୍ଧବୀ ମଧ୍ୟ ସମାନ ଭାବେ ପୁଅମାନଙ୍କୁ ପ୍ରେମ ଜାଲରେ ଫସାଇ ଟଙ୍କା ଲୁଟ୍ କରୁଥିଲେ। ଏହାର ଶିକାର ହୋଇଥିବା ଅନେକ ଯୁବତୀଯୁବକ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ନାବାଳିକା ଅପହରଣ ଓ ବଳାତ୍କାର ମାମଲା**

ସମ୍ବଲପୁର,୧୪।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ କୋର୍ଟରେ ଧମା ଥାନା ମାଳିତୀ ସୁବନପୁର ଅଞ୍ଚଳର ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ କୋର୍ଟ ଅତିରିକ୍ତ ଜିଲାଜଜ୍ ଆର୍.ଏଲ୍.ପଣ୍ଡା ୧୦ ଜଣ ସାକ୍ଷୀ ଓ ୭୩ ବିଭିନ୍ନ ତଥ୍ୟ ପ୍ରମାଣକୁ ଅନୁଧ୍ୟାନ ପୂର୍ବକ ତାଙ୍କ ରାୟରେ ଅଭିଯୁକ୍ତ ଅଶ୍ୱିନୀ ମହାକୁରଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୩୭୬(୨)(ଏନ୍) ଓ ପୋକ୍‌ସୋ ଆଇନ୍ ଦଫା ୬ ରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ଏବଂ ଦଫା ୩୬୬ରେ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଉଭୟ ମାମଲାରେ ପୃଥକ ଭାବେ ଅଧିକ ୬ମାସ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ମାଳତୀ ସୁବନପୁର ଗ୍ରାମରେ ପରିବାର ସହିତ ରହୁଥିବା ୧୭ ବର୍ଷ ବୟସ୍କା ନାବାଳିକାଙ୍କୁ ଅଭିଯୁକ୍ତ ଯୁଯୋମୁରା ଥାନା ହିରୋ ଗ୍ରାମର ଅଶ୍ୱିନୀ ମହାକୁର ୨୦୨୨ ନଭେମ୍ବର ୨୩ରେ ଅପହରଣ କରି ନେଇଥିଲେ। ଏହି ସମୟରେ ସେ ପୀଡ଼ିତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୋଲିସକୁ ନ ଜଣାଇବାକୁ ସେ ଫୋନରେ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ହେଲେ ପୀଡ଼ିତାଙ୍କ ପିତା ନଭେମ୍ବର ୨୫ରେ ଘଟଣା ସମ୍ପର୍କରେ ଧମା ଥାନାରେ ଏତଲା ଦେଇଥିଲେ। ଏହାକୁ ନେଇ ଥାନାରେ ଦଫା ୩୬୩, ୫୦୬ରେ ଏକ ମାମଲା(ନଂ.୨୦୧/୨୦୨୨)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାର କିଛିଦିନ ପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଧରି ନିଜ ଗ୍ରାମ ହିରୋକୁ ଫେରିଥିଲେ। ଖବର ପାଇ ଧମା ଥାନା ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବସନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

# ଲୁଟେରାଙ୍କ ପାଇଁ ମହିଳାଙ୍କ ଜୀବନ ଗଲା

**ଅଭିଯୁକ୍ତଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍**

ଭୁବନେଶ୍ୱର,୧୪।୧୧
(ସୂର୍ଯ୍ୟକାନ୍ତ ବେହେରା)

ଲୁଟେରାଙ୍କ ଉତ୍ପାତ ପାଇଁ ଦିନକୁ ଦିନ ଲୋକେ ଅସୁରକ୍ଷିତ ମନେ କରୁଛନ୍ତି। କେତେବେଳେ ଖଣ୍ଡାରେ ହାଣି ଲୁଟୁଛନ୍ତି ତ' ପୁଣି କେତେବେଳେ ଚଳନ୍ତା ଗାଡ଼ିରୁ ଲୋକଙ୍କ ଠାରୁ ଛିନ୍‌ତାଇ କରି ଫେରାର ହୋଇଯାଉଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଏଭଳି ଘଟଣା ବାରମ୍ବାର ଘଟୁଛି। ନିକଟରେ ଲୁଟେରାଙ୍କ ଯୋଗୁ ଜଣେ ମହିଳାଙ୍କ ଜୀବନ ଚାଲିଯାଇଛି। ମୃତା ମହିଳା ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୋତଣ୍ଡା ଅଞ୍ଚଳର ଯୁ ବିଷ୍ଣୁ ପାତ୍ର। ଏନେଇ ମହିଳାଙ୍କ ସ୍ୱାମୀ ପ୍ରତାପ ପାତ୍ରଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା ନଂ ୩୪୦/୨୦୨୪ ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଘଟଣାସ୍ଥଳରୁ ସିସିଟିଭି ଫୁଟେଜ ଆଧାରରେ ଗାଡ଼ିର ନମ୍ବରକୁ ଚିହ୍ନଟ କରିଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଅନ୍ୟପଟେ ଗାଡ଼ିରେ ଯାଉଥିବାବେଳେ ପିନ୍ଧିଥିବା ସୁନା ଚେନ ଘୋଡ଼ାଇ ରଖିବା ଏବଂ ହେଲମେଟ ଓ ନିଛାଟିଆ ଜାଗାରେ ସତର୍କତାର ସହ ଯାଆନ୍ତୁ ବୋଲି ସହରବାସୀଙ୍କୁ ଏସ୍‌ପି ପଲେଇ ଅପିଲ କରିଛନ୍ତି।



ଯୁ ବିଷ୍ଣୁ ପାତ୍ର

ସୂଚନାନୁସାରେ, ଗତ ୧୧ ତାରିଖରେ ବୋତଣ୍ଡାରୁ ପ୍ରତାପ ଓ ତାଙ୍କ ସ୍ତ୍ରୀ ବିଷ୍ଣୁ ସ୍କୁଟି ଯୋଗେ ଦିନ ବେଳା ହରିରାଜପୁରସ୍ଥିତ ସୋମନାଥ ମନ୍ଦିର ଯାଉଥିବା ବେଳେ ଏୟାରଫିଲ୍ଡ ଥାନାର ସୀମା ତଥା ପିପିଲି-ଜଟଣୀର ଲବଣଗିରି ପାହାଡ଼ ଛକ ପାଖରେ ହଠାତ୍ କଳା ପଲ୍‌ସରରେ ଦୁଇଜଣ ଦୁର୍ବୃତ୍ତ ଆସି ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଯାଇଥିଲେ। ଛିନ୍‌ତାଇର ଶିକାର ହୋଇ ମହିଳା ଜଣଙ୍କ ଚଳନ୍ତା ସ୍କୁଟିରୁ ତଳେ ପଡିଯିବାରୁ ତାଙ୍କ ମୁଣ୍ଡର ପଛ ପାର୍ଶ୍ୱରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଏନେଇ ତାଙ୍କ ସ୍ୱାମୀ ସ୍ଥାନୀୟ ଲୋକଙ୍କ ସହାୟତାରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରୁ ଉତ୍ତମ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା।

# ଲୁହାପଥର ବୋଝେଇ ହାଇୱା ଜବତ

ଯୋଡ଼ା,୧୪।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନ ପିଢ଼ପୋଖରୀ ଜଙ୍ଗଲରୁ ଏକ ଲୁହାପଥର ବୋଝେଇ ହାଇୱାକୁ ବନ ବିଭାଗ ଜବତ କରିଛି। ଚଢ଼ାଉ ବେଳେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିଲେ। ଗାଡ଼ି ଜବତ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ବାମେବାରି ବନପାଳ ରାଜେନ୍ଦ୍ର ଜେନା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ବିଭାଗୀୟ ପାଟ୍ରୋଲିଂ ସମୟରେ ପିଢ଼ପୋଖରୀ ଜଙ୍ଗଲ ମଧ୍ୟରୁ ବଡ଼ ବଡ଼ ଲୁହାପଥର ବୋଝେଇ କରି ଟ୍ରକ୍ (ନଂ. ଓଡି ୦୯ ପି ୯୭୩୪)ରେ ଚୋରାଚାଲାଣ ହେଉଥିଲା। ପାଟ୍ରୋଲିଂ ଟିମ୍ ହାଇୱାକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ସେଥିରେ ପ୍ରାୟ ୧୫ ମେଟ୍ରିକ ଟନ ବଡ଼ ଲୁହାପଥର ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ଜଣାପଡ଼ିଥିଲା। ପରେ ହାଇୱାକୁ ଜବତ କରାଯାଇ ଏକ ମାମଲା (ନଂ. ୧୨/୨୪)ରୁଜୁ କରାଯାଇଛି। ଜବତ ଗାଡ଼ିକୁ କାଳୀମାଟି ସେକ୍ସନ ଅଫିସରେ ରଖାଯାଇଥିବା ବନପାଳ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କଠାରୁ ଲାଞ୍ଚ ନେଇ ଧରାପଡ଼ିଲେ ଆର୍‌ଆଇ

**ଜମି କିସମ ପରିବର୍ତ୍ତନ ପାଇଁ ନେଉଥିଲେ ୫ ହଜାର**

ତିହିଡ଼ି,୧୪।୧୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ଗଦି ଆର୍‌ଆଇ(ରାଜସ୍ୱ ନିରୀକ୍ଷକ) ଭାଗବତ ଖଟୁଆ ଜମିର କିସମ ପରିବର୍ତ୍ତନ ପାଇଁ ଜଣେ ଦିବ୍ୟାଙ୍ଗଙ୍କଠାରୁ ଗୁରୁବାର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ତିହିଡ଼ି ତହସିଲ ଅଧୀନ ଜାମଯୋଡ଼ି ପଞ୍ଚାୟତ ନୂଆସାହି ଗ୍ରାମର ଦିବ୍ୟାଙ୍ଗ ବିଜୟ ମଳିକ ତାଙ୍କ ଚାଷଜମିକୁ ଘରବାରି କିସମ କରିବା ପାଇଁ ଆର୍‌ଆଇ ଖଟୁଆଙ୍କୁ ଭେଟିଥିଲେ। ଏହି କାର୍ଯ୍ୟ ପାଇଁ ଆର୍‌ଆଇ ତାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ାଇବା ସହ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବିଜୟ ଏ ସମ୍ପର୍କରେ ଭଦ୍ରକ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଆର୍‌ଆଇ ବିଜୟଙ୍କଠାରୁ ଟଙ୍କା ନେଉଥିବା ବେଳେ ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ଡି. କେ. ନାୟକଙ୍କ ନେତୃତ୍ୱରେ ପୂର୍ବରୁ ପ୍ରସ୍ତୁତ ଥିବା ଟିମ୍ ତାଙ୍କୁ ଧରିଥିଲା। ଆର୍‌ଆଇଙ୍କୁ ତହସିଲ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା ପରେ ଗିରଫ କରାଯାଇଛି।



# ନଦୀରୁ ମୁଣ୍ଡବିହୀନ ଗଳିତ ମୃତଦେହ ଜବତ

କାଳିମେଳା, ୧୪।୧୧(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଏମ୍‌ଭି ୫୭ ଗ୍ରାମ ନିକଟ ପୋଟେରୁ ନଦୀରୁ ବୁଧବାର ରାତିରେ ଅଖାରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କ ମୁଣ୍ଡବିହୀନ ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ ଏମ୍‌ଭି ୫୭ ନଦୀକୂଳରେ ଏକ ବସ୍ତା ଭିତରେ ମୃତଦେହ ବନ୍ଧାହୋଇ ଭାସୁଥିବା ଗ୍ରାମବାସୀ ଦେଖି କାଳିମେଳା ପୋଲିସକୁ ଖବର ଦେଇଥିଲେ। ପରେ ଥାନା ଅଧିକାରୀ ଚନ୍ଦ୍ରକାନ୍ତି ତାଣ୍ଡିଙ୍କ ନେତୃତ୍ୱରେ ଏକ ଟିମ୍ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଣି ଭିତରୁ ମୃତଦେହ ବାହାର କରିଥିଲେ। ଅଖା ଭିତରୁ ବାହାର କରିବା ପରେ ଯୁବକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ମୁଣ୍ଡ ନ ଥିବା ଦେଖିବାକୁ ମିଳିଥିଲା। ପୋଲିସ ବିଭିନ୍ନ ସ୍ଥାନକୁ ଫଟୋ ପଠାଇ ସନ୍ଧାନ ନେବାକୁ ଚେଷ୍ଟା ଚଳାଇଛି। ତେବେ ଯୁବକଙ୍କୁ କେହି ହତ୍ୟା ପରେ ଗଣ୍ଡିରୁ ମୁଣ୍ଡ ଅଲଗାକରି ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ଅଖା ଭିତରେ ଭର୍ତ୍ତିକରି ନଦୀକୁ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ସେ ଜଣେ ଆଦିବାସୀ ଯୁବକ ହୋଇଥିବା ଏବଂ ବୟସ ୩୦ ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ପ୍ରାୟ ୫ ରୁ ୬ ଦିନ ପୂର୍ବରୁ କେହି ହତ୍ୟାକରି ପାଣିରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି। ମୃତଦେହ ମାଲକାନଗିରି ମେଡିକାଲ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ୩ ଦିନ ଭିତରେ ତାଙ୍କ ପରିଚୟ ନ ମିଳିଲେ ନିୟମ ଅନୁସାରେ ପୋତି ଦିଆଯିବ।

# ଅଷ୍ଟମ ଫେଲ୍ ଆୟୁର୍ବେଦିକ ଡାକ୍ତର ଜେଲଗଲେ

ବ୍ରହ୍ମପୁର,୧୪।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଗେଟବଜାର ମିତ୍ରସାହିରେ ପାଇଲ୍ସ କ୍ଲିନିକ ଖୋଲି ନିଜକୁ ଆୟୁର୍ବେଦିକ ଡାକ୍ତର କହୁଥିବା ଜଣେ ଅଷ୍ଟମ ଫେଲ୍ ଯୁବକଙ୍କୁ ଟାଉନ ଥାନା ପୋଲିସ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରହ୍ମପୁର ରମ୍ଭା ସାହିରେ ରହୁଥିବା ପଶ୍ଚିମବଙ୍ଗ ହୁଗୁଳି ଜିଲା ପାଣ୍ଡୁଆ ଥାନା ଅନ୍ତର୍ଗତ ଚିନାନେତାଜୀପଲ୍ଲୀର ଉତ୍ପଳ ବଳ(୩୧)। ଉତ୍ପଳ କିଛିବର୍ଷ ପୂର୍ବରୁ ବିଶାଖାପାଟଣାରେ ଏକ ହୋଟେଲରେ ବୟ ଭାବେ କାମ କରୁଥିଲେ। ସେଠାରେ ସେ ସାର୍ଟିଫିକେଟ ନ ଥାଇ ଜଣେ ଡାକ୍ତର ହେବାର ସ୍ୱପ୍ନ ଦେଖିଥିଲେ। ୫ ବର୍ଷ ହେଲା ବ୍ରହ୍ମପୁର ଆସି ଡାକ୍ତର ସାଜି ରୋଗୀଙ୍କୁ ଚିକିତ୍ସା କରି ଆସୁଥିଲେ ବୋଲି ଜେରା ବେଳେ ସ୍ୱୀକାର କରିଛନ୍ତି। ତାଙ୍କୁ କୋର୍ଟ ନିର୍ଦ୍ଦେଶରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ କହିଛନ୍ତି। ପୋଲିସ ଏହି ନକଲି ଆୟୁର୍ବେଦିକ ଡାକ୍ତରଙ୍କ କ୍ଲିନିକରୁ ବିଭିନ୍ନ କମ୍ପାନୀର ଆୟୁର୍ବେଦିକ ଔଷଧ, ଚେରମୂଳି, ଷ୍ଟେଥୋସ୍କୋପ, ପାଇଲ୍ସ ଅପରେଶନ ବେଳେ ବ୍ୟବହୃତ ସରଞ୍ଜାମ, ତାଙ୍କ ନାମରେ ଥିବା ନୋଟପ୍ୟାଡ, କ୍ଲିନିକ ଓ ନକଲି ଡାକ୍ତର ନାଁରେ ଲଗାଯାଇଥିବା ସାଇନବୋର୍ଡ, ବଙ୍ଗଳି ଭାଷାରେ ଲେଖାଥିବା ୩ଟି ଆୟୁର୍ବେଦିକ ଚିକିତ୍ସା ବହି ଆଦି ଜବତ କରିଛି।



ଗିରଫ ନକଲି ଡାକ୍ତର।

କନ୍ଧମାଳ ଜିଲା କୋଟଗଡ ନିକଟ ସଲକିଗୁଡାବାଡର ଜଣେ ଯୁବକଙ୍କ ମଳକଣ୍ଟକ ରୋଗ ଥିବାରୁ ସେ ଗତମାସରେ କ୍ରିଷ୍ଣା ପାଇଲ୍ସ କ୍ଲିନିକକୁ ଆସିଥିଲେ। ନକଲି ଡାକ୍ତର ଉତ୍ପଳ ତାଙ୍କ ଚିକିତ୍ସା କରିବା ସହ ଔଷଧ ଦେଇଥିଲେ। ରୋଗୀଙ୍କ ଠାରୁ ସେ ୧୨ ହଜାର ଟଙ୍କା ନେଇଥିଲେ। ହେଲେ ମାସକ ପରେ ରୋଗ ଭଲ ନ ହେବାରୁ ଯୁବକ ଜଣଙ୍କ ୨ ଦିନ ତଳେ ପୁଣି ଏହି କ୍ଲିନିକକୁ ଆସିଥିଲେ। ଉତ୍ପଳ ରୋଗ ସମ୍ପୂର୍ଣ୍ଣ ଭଲ କରିଦେବାକୁ ପ୍ରତିଶ୍ରୁତି ଦେବା ସହ ପୁଣି ୧୨ ହଜାର ଟଙ୍କା ମାଗିଥିଲେ। ଏହାକୁ ନେଇ ସଂପୃକ୍ତ ଯୁବକଙ୍କ ସନ୍ଦେହ ହେବାରୁ ସେ ପୋଲିସରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଟାଉନ ଥାନା ପୋଲିସ କ୍ରିଷ୍ଣା ପାଇଲ୍ସ କ୍ଲିନିକରେ ଚଢାଉ କରିଥିଲା। ଚଢ଼ାଉ ବେଳେ ଉତ୍ପଳ ନିଜକୁ ବିଏଚଏମଏସ ଡାକ୍ତରୀ ଡିଗ୍ରୀ କରିଥିବା ଜଣେ ଡାକ୍ତର ଦର୍ଶାଇ ଶତାଧିକ ରୋଗୀଙ୍କ ଚିକିତ୍ସା କରିଥିବା ଜଣାପଡିଥିଲା। ଏ ନେଇ ନଂ. ୩୩୪/୨୪ରେ ମାମଲା ରୁଜୁ କରାଯାଇଛି।

# ଟଙ୍କା ପାଇଁ ସ୍ତ୍ରୀଙ୍କୁ କୁରାଢ଼ିରେ ପିଟି ହତ୍ୟା

ବାଙ୍ଗିରିପୋଷି,୧୪।୧୧
(ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ବ୍ରାହ୍ମଗାଁ ପଞ୍ଚାୟତର କଦମଡିହା ଗ୍ରାମ ନିକଟରେ ସାମାନ୍ୟ ଟଙ୍କା ପାଇଁ ସ୍ୱାମୀ କୁରାଢ଼ିରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିବା ଭଳି ଅଭାବନୀୟ ଘଟଣା ଘଟିଛି। ମୃତ ମହିଳା ଜଣକ ହେଲେ ଶାଳଘାଟି ଗ୍ରାମର କୌଶଲ୍ୟା ଦେହୁରୀ(୩୫)। ଅଭିଯୁକ୍ତ ସ୍ୱାମୀ ପଦନ ଦେହୁରୀ(୪୫)ଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ପଦନ ଓ କୌଶଲ୍ୟା କୌଣସି କାର୍ଯ୍ୟ ନେଇ ନିକଟସ୍ଥ କଦମଡିହା ଗ୍ରାମକୁ ଯାଇଥିଲେ। ସେଠାରେ ସାମାନ୍ୟ ଟଙ୍କା ପାଇଁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ପଦନ ଧରିଥିବା ଏକ କୁରାଢ଼ିରେ କୌଶଲ୍ୟାଙ୍କୁ ଆକ୍ରମଣ କରିବାରୁ ସେ ଟଳି ପଡ଼ିଥିଲେ। ମୃତଦେହ ନିକଟରେ ପଦନ ବସିରହିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ।

# ସ୍ତ୍ରୀ, ପୁଅଙ୍କ ସହ ସାନଭାଇ ଗିରଫ

**ଜମି ବିବାଦରୁ ଡବଲ ମର୍ଡର ଘଟଣା**

ଆସିକା,୧୪।୧୧(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଖଣ୍ଡଦେଉଳି ପଞ୍ଚାୟତ ସମେଇଗୁଡା ଗ୍ରାମରେ ବୁଧବାର ଜମି ବିବାଦରୁ ଡବଲ ମର୍ଡର ହୋଇଥିଲା। ବଡ଼ଭାଇ ରାଜୁ ପାତ୍ରଙ୍କ ତଣ୍ଟି କାଟିବା ପରେ ଓ ଭାଉଜଙ୍କୁ ବିଷ ପିଆଇ ହତ୍ୟା ଘଟଣାରେ ପୋଲିସ ଗୁରୁବାର ସାନଭାଇ, ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ଗିରଫ କରିଛି। ଅଭିଯୁକ୍ତ ଭୋବନି ପାତ୍ର, ତାଙ୍କ ସ୍ତ୍ରୀ ରଞ୍ଜିତା ଓ ପୁଅ ପୂର୍ଣ୍ଣଚନ୍ଦ୍ର ଓରଫ ପୁପୁନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର ଆସିକା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ କାତି ଓ ଗୋଟିଏ ବାଇକ ଜବତ କରାଯାଇଛି। ପୈତୃକ ଜମିବାଡି ବିବାଦକୁ ନେଇ ୨ ଭାଇଙ୍କ ମଧ୍ୟରେ ଦୀର୍ଘ ଦିନରୁ ରହିଥିବା ଅସନ୍ତୋଷ ହତ୍ୟାର କାରଣ ବୋଲି ଜଣାପଡିଛି।

ବୁଧବାର ସକାଳ ପ୍ରାୟ ୭ଟାରେ ରାଜୁ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଗ୍ରାମଠାରୁ ଅଳ୍ପ ଦୂର କନ୍ଦଗାଁ ନିକଟରେ ଥିବା ଜମିରେ କାମ କରୁଥିଲେ। ଏହି ସମୟରେ ଭୋବନି, ତାଙ୍କ ସ୍ତ୍ରୀ ଓ ପୁଅ ସେଠାରେ ପହଞ୍ଚି ରାଜୁଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ଭୋବନୀ ଓ ପୁଅ ପୁପୁନ କାତିରେ ରାଜୁଙ୍କ ଗଳା କାଟିଦେଇଥିଲେ। ହତ୍ୟାକାଣ୍ଡ ପରେ ପୁପୁନ କାତିକୁ ଏକ ବୁଦାରେ ଲୁଚାଇ ଫେରାର ହୋଇଯାଇଥିଲେ। ଭୋବନି ଓ ରଞ୍ଜିତା ଲକ୍ଷ୍ମୀଙ୍କୁ ଜୋରଜବରଦସ୍ତ କୀଟନାଶକ ପିଆଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଲକ୍ଷ୍ମୀଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ରାଜୁଙ୍କ ପୁଅ ସନ୍ତୋଷ ପାତ୍ର ଏ ନେଇ ଆସିକା ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଅଟକ ରଖିଥିବା ଭୋବନି ଓ ରଞ୍ଜିତା ଏବଂ ବଡଗଡ ଥାନା ଅଞ୍ଚଳରେ ଆତ୍ମଗୋପନ କରିଥିବା ତାଙ୍କ ପୁଅ ପୁପୁନଙ୍କୁ ଗିରଫ କରିଛି। ଖବରଦାତା ସମ୍ମିଳନୀରେ ଏସଡିପିଓ ମହାପାତ୍ରଙ୍କ ସମେତ ଆସିକା ଥାନା ଦାୟିତ୍ୱରେ ଥିବା କୋଦିନଡା ଥାନା ଅଧିକାରୀ କୃଷ୍ଣ ଶାହା, ମାମଲାର ତଦନ୍ତ ଅଧିକାରୀ ଅଜିତ କୁମାର ପରିଡା, ଏସ୍‌ଆଇ ଜ୍ଞାନରଞ୍ଜନ ସେଠୀ ଉପସ୍ଥିତ ଥିଲେ।



# ଦିଲ୍ଲୀ ବାଣିଜ୍ୟ ମେଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



## କନ୍ଧମାଳ ହଳଦୀ ସମ୍ପର୍କରେ ପଚାରି ବୁଝିଲେ

ଦାରିଙ୍ଗବାଡ଼ି,୧୪।୧୧(ଅରୁଣ ସାହୁ)

ଦିଲ୍ଲୀ ପ୍ରଗତି ମଇଦାନରେ ଗୁରୁବାରଠାରୁ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ମେଳାରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଓଡ଼ିଶା ପାଇଁ ମେଳାକୁ ଉଦଘାଟନ କରିବା ପରେ ସେଠାକୁ କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରୁ ଯାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ହଳଦୀ ବିକ୍ରି କେନ୍ଦ୍ର ବୁଲି ଦେଖିଥିଲେ। ଏଥିରେ ଦାରିଙ୍ଗବାଡ଼ିର ଲକ୍ଷପତି ଦିଦି ଝରଣା ସାହୁଙ୍କ ସହ କନ୍ଧମାଳ ହଳଦୀ ଗୁଣ୍ଡ ଓ ହଳଦୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜୈବିକ ତଥା ମସଲା ଜାତୀୟ ସାମଗ୍ରୀ ସମେତ ତେନ୍ତୁଳି, ଅଦା, ସୋରିଷ, ଆମ୍ବୁଲ, ଅଁଳା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଲପତି ଦିଦି ଝରଣା ଉପମୁଖ୍ୟମନ୍ତ୍ରୀଙ୍କୁ ହଳଦୀ ଓ ଅନ୍ୟ ସାମଗ୍ରୀ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ। ପ୍ରଗତି ମୈଦାନରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବାଣିଜ୍ୟ ମେଳାରେ ୧୧ଟି ଦେଶ ଓ ୩୩ଟି ରାଜ୍ୟ ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ମେଳା ବୁଲିବାକୁ ଆସୁଥିବା ବେଳେ କନ୍ଧମାଳରୁ ଯାଇଥିବା ହଳଦୀ ସମେତ ସମସ୍ତ ସାମଗ୍ରୀ ବହୁତ ଭଲ ବିକ୍ରି ହେଉଛି ବୋଲି ଲକ୍ଷପତି ଦିଦି ଝରଣା କହିଛନ୍ତି।

# ୩ ବର୍ଷର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

## 'ଶହୀଦ ରଘୁ ସର୍ଦ୍ଦାର', 'ଡାଲ୍‌ଚିନି', 'ପ୍ରତୀକ୍ଷା' ଏବଂ 'ଦମନ' ଶ୍ରେଷ୍ଠ ଚଳଚ୍ଚିତ୍ର

ଭୁବନେଶ୍ୱର,୧୪।୧୧(ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୩୨ତମ, ୩୩ତମ ଏବଂ ୩୪ତମ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୦୨୦, ୨୦୨୧ ଓ ୨୦୨୨ ପାଇଁ ଏହି ପୁରସ୍କାର ଘୋଷଣା କରିଛନ୍ତି। ଚଳଚ୍ଚିତ୍ର କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର' ସହ ୩ବର୍ଷ ଲାଗି ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀ, ଲେଖକ, ନିର୍ଦ୍ଦେଶକ, ନାଟ୍ୟକାର ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି। ଆସନ୍ତା ୧୭ ତାରିଖ ଅପରାହ୍ନ ୩ଟାରେ ମେ' ଫେୟାର ହୋଟେଲ୍‌ଠାରେ ପୁରସ୍କାର ବିତରଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

୨୦୨୦ ବର୍ଷ ପାଇଁ ଲେଖକ, ନିର୍ଦ୍ଦେଶକ ତଥା ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ' ପୁରସ୍କାର ପ୍ରଦାନ କରାଯିବ। ସେହିପରି ୨୦୨୧ ପାଇଁ ଚିତ୍ରୋଳନକାରୀ ଶ୍ରୀନିବାସ ମହାପାତ୍ର ଏବଂ ୨୦୨୨ ଲାଗି ବରିଷ୍ଠ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ଉପଢୌକନ, ମାନପତ୍ର, ଟ୍ରଫି ସହ ୫ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ୨୦୨୦ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ଶହୀଦ ରଘୁ ସର୍ଦ୍ଦାର' ମନୋନୀତ ହୋଇଛି। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ରାକେଶ ସାମଲ (ରୋମିଓ ରାଜା), ଶ୍ରେଷ୍ଠ ମୁଖ୍ୟ ଅଭିନେତା ଦେବାଶିଷ ପାତ୍ର (ଶହୀଦ ରଘୁ ସର୍ଦ୍ଦାର) ଓ ଅମ୍ଲାନ ଦାସ (ରୋମିଓ ରାଜା), ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ କାବ୍ୟା କିରଣ ଶୁକ୍ଲା (ଶହୀଦ ରଘୁ ସର୍ଦ୍ଦାର), ଶ୍ରେଷ୍ଠ କାହାଣୀକାର ଭାବେ ଡ. ବିଶ୍ୱନାଥ




■ ଅନନ୍ତ ମହାପାତ୍ର, ଶ୍ରୀନିବାସ ମହାପାତ୍ର ଓ ଜୟୀରାମ ସାମଲଙ୍କୁ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ' ପୁରସ୍କାର

ପଟ୍ଟନାୟକ (ଶହୀଦ ରଘୁ ସର୍ଦ୍ଦାର) ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ୨୦୨୧ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ପ୍ରତୀକ୍ଷା' ଏବଂ 'ଡାଲ୍‌ଚିନି' ଯୁଗ୍ମ ଭାବେ ମନୋନୀତ ହୋଇଥିବାବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁରେଶ ପଟ୍ଟନାୟକ (ତୃଷ୍ଣା), ଶ୍ରେଷ୍ଠ ମୁଖ୍ୟ ଅଭିନେତା ଅଙ୍କିତ କୁମାର (ଭୋକ), ଦୀପନ୍ୱିତ ଦାଶମହାପାତ୍ର (ପ୍ରତୀକ୍ଷା), ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର (ଡାଲ୍‌ଚିନି), ଶ୍ରେଷ୍ଠ କାହାଣୀକାର ଭାବେ ରଞ୍ଜନ ଦାସ (ଭୋକ) ପୁରସ୍କୃତ ହେବେ। ୨୦୨୨ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ଦମନ', ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁଧାଂଶୁ ମୋହନ ସାହୁ (ମାୟାବୀ), ଶ୍ରେଷ୍ଠ ମୁଖ୍ୟ ଅଭିନେତା ବାବୁଶାନ୍ ମହାନ୍ତି (ଦମନ), ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ଲୋପାମୁଦ୍ରା ମିଶ୍ର (ବୋଉର ହାତବାକ୍ସ) ଏବଂ ଶ୍ରେଷ୍ଠ କାହାଣୀକାର ଭାବେ ମିହିର ରଞ୍ଜନ ଆଚାର୍ଯ୍ୟ (ବାଘ ବଜାରୀ) ପାଇଁ ପୁରସ୍କୃତ ହେବେ। ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ବାବଦରେ ମାନପତ୍ର, ଟ୍ରଫି, ଉପଢୌକନ ସହ ୨ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ଓ ଶ୍ରେଷ୍ଠ କାହାଣୀକାରଙ୍କୁ ୫୦ହଜାର ଟଙ୍କା ପ୍ରଦାନ କରାଯିବ।

ପୁରସ୍କାର ପାଇବା ଲାଗି ୩ ବର୍ଷରେ ନିର୍ମିତ ତଥା ସେନ୍ସର ବୋର୍ଡ ସ୍ୱୀକୃତିପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକର କପି ସହିତ ଆନୁଷଙ୍ଗିକ କାଗଜପତ୍ର ଏବଂ ଓଡ଼ିଆ ଚଳଚ୍ଚିତ୍ର ପୁସ୍ତକଗୁଡ଼ିକୁ ଦାଖଲ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୩ ଅଗଷ୍ଟ ୨୩ରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ବିଭାଗ ପକ୍ଷରୁ ଚଳଚ୍ଚିତ୍ର, ଅଭିନୟ, କଳା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୬ଜଣ ସଦସ୍ୟଙ୍କୁ ନେଇ ଜୁରୀ କମିଟି ଗଠନ ହୋଇଥିଲା। ସବ୍ୟସାଚୀ ମହାପାତ୍ର ଏହି କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୩ ସେପ୍ଟେମ୍ବର ୨୨ ସୁଦ୍ଧା ମୋଟ୍ ୪୬ ଚଳଚ୍ଚିତ୍ର ଏବଂ ୨ଟି ପୁସ୍ତକ ବିଭାଗର ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ଜୁରୀ କମିଟି ଦ୍ୱାରା ଶ୍ରେଷ୍ଠ ବିବେଚିତ ବ୍ୟକ୍ତିବିଶେଷ ଏବଂ ଚଳଚ୍ଚିତ୍ରକୁ ପୁରସ୍କାର ପ୍ରଦାନ କରାଯିବା ନେଇ ଘୋଷଣା ହୋଇଛି।

**ଆଜି ଜନଜାତୀୟ ଗୌରବ ଦିବସ**

# ଆଭାସୀ ମାଧ୍ୟମରେ ଯୋଗଦେବେ ପ୍ରଧାନମନ୍ତ୍ରୀ

## ବିଭିନ୍ନ ଜିଲାରେ ଯୋଗଦେବେ ମନ୍ତ୍ରୀ, ଏମ୍‌ପି, ବିଧାୟକ

ଭୁବନେଶ୍ୱର,୧୪।୧୧(ଅନିଲ ଦାସ)

ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶୁକ୍ରବାର ଜନତା ମଇଦାନରେ ରାଜ୍ୟସ୍ତରୀୟ ଜନ ଜାତୀୟ ଗୌରବ ଦିବସ ପାଳିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଭାକୁ ସମ୍ବୋଧିତ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ରାଜ୍ୟସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ସମାରୋହ ପାଳନ କରାଯିବ। ଏଥିସହିତ ରାଜ୍ୟର ୨୭ଟି ଜିଲାର ଜିଲାସ୍ତରୀୟ କାର୍ଯ୍ୟକ୍ରମ ପାଳନ ଅବସରରେ ମନ୍ତ୍ରୀଗଣ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିବୃନ୍ଦ ଯୋଗ ଦେବେ। ସୁନ୍ଦରଗଡ଼ ଜିଲାରେ ମନ୍ତ୍ରୀ ସୁରେଶ ପୂଜାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାବେଳେ କଳାହାଣ୍ଡିରେ ମନ୍ତ୍ରୀ ରବି ନାରାୟଣ ନାଏକ, ଢେଙ୍କାନାଳରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କଟକରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମାଲକାନଗିରିରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଞ୍ଜାମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମୟୂରଭଞ୍ଜରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କଳାହାଣ୍ଡିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଯାଜପୁରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବାଲେଶ୍ୱରରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେବେ। ଅନ୍ୟାନ୍ୟ ଜିଲାରେ ସ୍ଥାନୀୟ ଏମ୍‌ପି ଓ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ପୁଣ୍ୟ ଜୟନ୍ତୀ ଅବସରରେ ୨୦୨୫ ମସିହାକୁ ଜନଜାତି ଗୌରବବର୍ଷ ରୂପେ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

ଏହି କ୍ରମରେ ଓଡ଼ିଶାର ୨୭ଟି ଜିଲାର ୨୩୪ଟି ବ୍ଲକରେ ଥିବା ୨୪୦୮ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୭୬୬୭ଟି ଆଦିବାସୀବହୁଳ ରାଜସ୍ୱ ଗ୍ରାମରେ ସ୍ୱତନ୍ତ୍ର ପଲ୍ଲିସଭା ଆୟୋଜନ କରାଯିବ। ଏଥିସହିତ ଜଙ୍ଗଲ ଅଧିକାର ଆଇନ ୱେବ୍ ପୋର୍ଟାଲର ଶୁଭାରମ୍ଭ କରାଯାଇ ପଟ୍ଟା ଆବଣ୍ଟନ କରାଯିବ। ଏହାଛଡ଼ା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ବର୍ଷ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଆଦିବାସୀ ହସ୍ତତନ୍ତ ଓ ହସ୍ତଶିଳ୍ପର ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ, ଆଦିବାସୀ ହସ୍ତଶିଳ୍ପୀମାନଙ୍କ ବିଭିନ୍ନ ଉତ୍ପାଦର ପ୍ରସାର ଓ ମାର୍କେଟିଂ ପାଇଁ କାର୍ଯ୍ୟକ୍ରମ, ସିକିଲ ସେଲ୍ ଆନେମିଆ ରୋଗ ସମ୍ପର୍କରେ ସଚେତନତା, ଆଦିବାସୀ କବି ଓ ଲେଖକମାନଙ୍କ ସମ୍ମିଳନୀ, ଜଙ୍ଗଲ ଅଧିକାର ଆଇନ ଉପରେ ୱାର୍କଶପ୍, ଆଦିବାସୀମାନଙ୍କ ପାରମ୍ପରିକ ସ୍ୱାସ୍ଥ୍ୟସେବା ଜ୍ଞାନର ପ୍ରଚାର ପାଇଁ ସମ୍ମିଳନୀ ଇତ୍ୟାଦିର ଆୟୋଜନ କରାଯିବ। ଏଥିସହିତ ବିଭିନ୍ନ ବିଭାଗ ପକ୍ଷରୁ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ମଧ୍ୟ ପ୍ରସ୍ତୁତ କରାଯିବ।

ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଭେଙ୍କଟେଶ ଯୋଶୀ, କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାଏକ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେବେ। ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି।

# ପୋଖରୀରେ ବୁଡ଼ିଗଲେ ୨ ଭାଇ

କାମାକ୍ଷାନଗର, ୧୪।୧୧
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଏକତାଳି ଗ୍ରାମରେ ଗୁରୁବାର ସକାଳେ ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇଙ୍କ ମୃତ୍ୟୁ ଘଟିଛି। ସମ୍ପର୍କରେ ଉଭୟ ଦାଦା ପୁଅ ଓ ବଡ଼ ବାପା ପୁଅ ହୋଇଥିବା ଜଣାପଡ଼ିଛି। ମୃତକ ଦ୍ୱୟ ହେଲେ ଗଣେଶ୍ୱର ବେହେରା (୯) ଓ ଶୁଭମ ବେହେରା (୬)। ବଡ଼ଓଷା ଉପଲକ୍ଷେ ଗୁରୁବାର ସକାଳେ ୨ ଭାଇ ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ବଶତଃ ସେଠାରେ ସେମାନଙ୍କର ଗୋଡ଼ ଖସିଯିବାରୁ ଦୁଇ ଭାଇ ପୋଖରୀରେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ସେମାନଙ୍କର ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ପୋଖରୀ ପାଖରେ ଉଭୟଙ୍କ ଚପଲ ପଡ଼ିଥିବା ଦେଖି କେତେଜଣ ଗ୍ରାମବାସୀ ପୋଖରୀରେ ପଶି ଖୋଜିବା ଆରମ୍ଭ କରିଥିଲେ। ଦୀର୍ଘ ସମୟ ପରେ ସେମାନଙ୍କ ମୃତଦେହ ମିଳିଥିଲା। ଖବର ପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

# ବୃଦ୍ଧାଙ୍କୁ ଝୁଣି ମାରିଦେଲା ପାଗଳା କୁକୁର

ଭୋଗରାଇ,୧୪।୧୧(ପ୍ରଦୀପ ଦାସ)

ବୃଦ୍ଧାଙ୍କୁ ଝୁଣି ମାରିଦେଲା ପାଗଳା କୁକୁର। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜୟରାମପୁର ଗ୍ରାମରେ। ଗୁରୁବାର ଜଣେ ୬୫ ବର୍ଷୀୟା ରୋଗାଗ୍ରସ୍ତା ବୃଦ୍ଧା ଘରେ ଏକୁଟିଆ ଖଟ ଉପରେ ଶୋଇଥିଲାବେଳେ ଏକ ପାଗଳା କୁକୁର ପଶି ଝୁଣି ପକାଇଥିଲା। ବୃଦ୍ଧାଜଣକ ଚିତ୍କାର କରିବାରୁ ପଡୋଶୀ ଦୌଡ଼ି ଆସି କୁକୁରକୁ ଛଡ଼ାଇବାକୁ ଯାଇ ଠେଙ୍ଗାରେ ପିଟି ପକାଇଥିଲେ। ଘର ଭିତରେ ବୃଦ୍ଧାଙ୍କ ଶରୀର ରକ୍ତ ଜୁଡୁବୁଡୁ ହୋଇଥିବା ବେଳେ ସ୍ଥାନୀୟ ଲୋକେ ପାଗଳା କୁକୁରକୁ ଠେଙ୍ଗାରେ ପିଟିପିଟି ମାରି ଦେଇଥିବା ସୂଚନା ମିଳିଛି। ମୃତା ମହିଳା ହେଲେ ଶ୍ରୀଧର ସାହୁଙ୍କ ସ୍ତ୍ରୀ ବାସନ୍ତୀ ସାହୁ (୬୫)।

ସୂଚନାନୁଯାୟୀ, କାର୍ତ୍ତିକ ମାସରେ ପଞ୍ଚକ ବ୍ରତ ଲାଗି ପରିବାର ଲୋକେ ଗ୍ରାମରେ ଥିବା ମନ୍ଦିରକୁ ଯାଇଥିବାବେଳେ ଏକ ପାଗଳା କୁକୁର ଘରେ ପଶି ଆକ୍ରମଣ କରିଥିଲେ। ଭୋଗରାଇର ଗାଁ, ହାଟ ବଜାର ଓ ଛକ ଗୁଡ଼ିକରେ ପଲପଲ କୁକୁର ପଥିକଙ୍କୁ କାମୁଡ଼ି କ୍ଷତାକ୍ତ କରୁଥିବାରୁ ଜଳେଶ୍ୱରପୁର ଓ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

# ଓଡ଼ିଶା ପ୍ରାକୃତିକ ସମ୍ପଦ ଦ୍ୱାରା ୫୦୦ ଗିଗାୱାଟ୍ ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲହେବ: କେନ୍ଦ୍ରମନ୍ତ୍ରୀ

## ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨ ଦିନିଆ ଚିନ୍ତନ ଶିବିର ଆୟୋଜିତ




ଭୁବନେଶ୍ୱର,୧୪।୧୧(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର। ଏହାର ପ୍ରାକୃତିକ ସମ୍ପଦକୁ ବ୍ୟବହାରକରି ଅକ୍ଷୟ ଶକ୍ତି ଦ୍ୱାରା ବିଦ୍ୟୁତ୍ ଉତ୍ପାଦନକରି ପ୍ରଧାନମନ୍ତ୍ରୀଙ୍କ ୫୦୦ ଗିଗାୱାଟ୍‌ର ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ କରାଯିବ। ବର୍ତ୍ତମାନ ସୁଦ୍ଧା ଭାରତ ୨୧୨ ଗିଗାୱାଟ୍‌ର ଅଣଜୀବାଶ୍ମ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଲକ୍ଷ୍ୟ ହାସଲ କରିସାରିଛି। ୨୦୩୨ ସୁଦ୍ଧା ଭାରତର ବିଦ୍ୟୁତ୍ ଚାହିଦା ୨ ଗୁଣ ବଢ଼ିଯିବ। ଏହାକୁ ମେଣ୍ଟାଇବା ପାଇଁ ଆମକୁ ଅଧିକ ମାତ୍ରାରେ ବିଦ୍ୟୁତ୍ ଉତ୍ପାଦନ କରିବାକୁ ହେବ। ଅକ୍ଷୟ ଶକ୍ତି, ସୋଲାର ପାୱାରର ବ୍ୟବହାର ବୃଦ୍ଧି କରିବାକୁ ହେବ। ଏଥିନିମନ୍ତେ ଭାରତ ସରକାର ୨୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଛନ୍ତି।

ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏକ ଘରୋଇ ହୋଟେଲଠାରେ ୨ ଦିନିଆ ଚିନ୍ତନ ଶିବିର-୨୦୨୪ର ଆୟୋଜନ କରାଯାଇଛି। ଏହି ଶିବିରରେ କେନ୍ଦ୍ରମନ୍ତ୍ରୀ ଜୋଷୀ, ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ର ଶକ୍ତି ବିଭାଗ ସଚିବ ପଙ୍କଜ ଅଗ୍ରୱାଲ, ଓଡ଼ିଶାର ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଯୋଗଦେଇଛନ୍ତି। ଶିବିରରେ ଯୋଗଦେଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ କହିଛନ୍ତି, ବର୍ତ୍ତମାନ ସମୟରେ ୫୦୦ ମେଟ୍ରିକ୍ ଟନ୍ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନର ମଧ୍ୟ ଲକ୍ଷ୍ୟ ରହିଛି। ଆବର୍ଜନାରୁ ଶକ୍ତି ଉତ୍ପାଦନକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଉଛି। ସାରା ଦେଶକୁ ଏକ ସ୍ଥାୟୀ ବିଦ୍ୟୁତ୍ ଭିତ୍ତିଭୂମି ପ୍ରଦାନ କରିବାକୁ ଜାତୀୟ ଗ୍ରୀଡ୍ ସ୍ଥାପନ କରାଯାଉଛି। କନକ ବର୍ଦ୍ଧନ କହିଛନ୍ତି, ରାଜ୍ୟର ଆଗାମୀ ଦିନରେ ପିଏସ୍‌ପି, ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଗାଣ ଆଦି ଯୋଜନା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଆହୁରି ମଧ୍ୟ ହୀରାକୁଦ ଜଳଭଣ୍ଡାରରେ ଭାସମାନ ସୋଲାର ଶକ୍ତି କାର୍ଯ୍ୟକ୍ଷମ ହେବା ଯୋଜନା ବିଷୟରେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୨ ଦିନ ପୂର୍ବରୁ କନକ ବର୍ଦ୍ଧନ ଦିଲ୍ଲୀରେ ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାର ବିଭିନ୍ନ ଯୋଜନା, ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ଜଣାଇଥିଲେ। ଶିବିରର ପ୍ରଥମ ଦିନରେ ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ସୌରଶକ୍ତିର ଉତ୍ପାଦନ ବୃଦ୍ଧି, ଭାରତ: ସୌରଶକ୍ତିର ବୈଶ୍ୱିକ ଉତ୍ପାଦକ, କୃଷିକ୍ଷେତ୍ରରେ ସୌରଶକ୍ତିର ବ୍ୟବହାର, ଅକ୍ଷୟ ଶକ୍ତିର କ୍ଷମତା ଇତ୍ୟାଦି ଶୀର୍ଷକରେ ଆଲୋଚନା ହୋଇଥିଲା। ଏହାପରେ କେନ୍ଦ୍ରମନ୍ତ୍ରୀ ଜୋଷୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକରିବା ସହ ଶ୍ରୀମନ୍ଦିରକୁ ୧୦ ଗୋଟି ବ୍ୟାଟେରିଚାଳିତ ଯାନ ପ୍ରଦାନ କରିଛନ୍ତି। ଆଇଆରଇଡିଏର ସିଏସ୍ଆର୍ ଯୋଜନା ଅଧୀନରେ ଏହି ଯାନ ପ୍ରଦାନ କରାଯାଇଛି। ଏହି ସମୟରେ ଆଇଆର୍‌ଇଡିଏର ସିଇଓ ତଥା ମ୍ୟାନେଜିଂ ଡାଇରେକ୍ଟର ପ୍ରଦୀପ କୁମାର ଦାସ, ନିର୍ଦ୍ଦେଶକ, ବିତ୍ତ ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଯମୁନା ପରେ ଆସିଲା ଗଙ୍ଗା

## ଶିମିଳିପାଳରେ ମହାରାଷ୍ଟ୍ରର ଦ୍ୱିତୀୟ ମହାବଳ ବାଘୁଣୀ

ବାରିପଦା,୧୪।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାରାଷ୍ଟ୍ରର ଅନ୍ୟ ଏକ ମହାବଳ ବାଘୁଣୀ 'ଗଙ୍ଗା' ଗୁରୁବାର ରାତିରେ ପହଞ୍ଚିଛି। ସ୍ୱତନ୍ତ୍ର ଟିମ୍ ଓ ଗାଡ଼ି ଯୋଗେ ଏହି ମହାବଳ ବାଘୁଣୀକୁ ସୁରକ୍ଷିତ ଭାବେ ଶିମିଳିପାଳରେ ପହଞ୍ଚାଯାଇଛି। ପ୍ରଥମ ବାଘୁଣୀ 'ଯମୁନା' ପରେ ଦ୍ୱିତୀୟ ବାଘୁଣୀ 'ଗଙ୍ଗା'ର ଆଗମନକୁ ନେଇ ପ୍ରାଣୀପ୍ରେମୀମାନେ ଖୁସିବ୍ୟକ୍ତ କରିଛନ୍ତି। ମହାବଳ ବାଘର ବଂଶ ବୃଦ୍ଧି ଲାଗି ଶିମିଳିପାଳ ଅଭୟାରଣ୍ୟ ପ୍ରକୃଷ୍ଟ ଅଞ୍ଚଳ। ବିସ୍ତୀର୍ଣ୍ଣ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ସାଙ୍ଗକୁ ଉତ୍ତମ ଜଳବାୟୁରେ ବାଘ ବଂଶବୃଦ୍ଧିକୁ ନେଇ ବନ ବିଭାଗ ପକ୍ଷରୁ ପ୍ରଚେଷ୍ଟା କରାଯାଉଛି। ଅନ୍ୟପକ୍ଷରେ ଦେଶରେ ବାଘ ସଂଖ୍ୟା ବୃଦ୍ଧି କ୍ଷେତ୍ରରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତମ ସ୍ଥାନ ବୋଲି ଏନ୍‌ଟିସିଏ ରିପୋର୍ଟ ଦେଇଥିଲା। ଏହାକୁ ଭିତ୍ତିକରି ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଯମୁନାକୁ ଅଣାଯାଇ ଶିମିଳିପାଳ କୋର୍ ଅଞ୍ଚଳରେ ଛଡ଼ାଯାଇଥିଲା। ଯମୁନା ଆସିବାର ୧୯ଦିନ ପରେ ଗଙ୍ଗାକୁ ସ୍ୱତନ୍ତ୍ର ଗାଡ଼ିରେ ଅଣାଯାଇ ଶିମିଳିପାଳ ଅଭୟାରଣ୍ୟର ଏକ ରେଞ୍ଜରେ ରଖାଯାଇଛି। ତା'ର ଚଳପ୍ରଚଳ



ଓ ଖାଦ୍ୟ ଗ୍ରହଣ ପ୍ରକ୍ରିୟା ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଭାଗୀୟ ନିର୍ଦ୍ଦେଶକ୍ରମେ କୋର୍ ଏରିଆରେ ଛଡ଼ାଯିବ। ଯମୁନା ଭଳି ଗଙ୍ଗା ଦେହରେ ମଧ୍ୟ ରେଡିଓ କଲାର ଲଗାଯାଇ ତା'ର ଗତିବିଧି ଟ୍ରାକିଂ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

# 'ଯମୁନା' ଆକ୍ରମଣରୁ ବର୍ତ୍ତିଲେ ପର୍ଯ୍ୟଟକ

ବାରିପଦା,୧୪।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରେ ଅବସ୍ଥିତ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଆଖପାଖ ସ୍ଥାନରେ ମହାବଳ ବାଘୁଣୀ 'ଯମୁନା'କୁ ନେଇ ଆତଙ୍କ ଖେଳିଯାଇଛି। ଜଣେ ପର୍ଯ୍ୟଟକ ଯମୁନାର ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପର୍ଯ୍ୟଟକମାନେ ମଧ୍ୟ ଜଙ୍ଗଲରେ ପ୍ରବେଶ କରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ସୂଚନା ଅନୁଯାୟୀ, ମହାରାଷ୍ଟ୍ରରୁ ମୟୂରଭଞ୍ଜ ଆସିଥିବା ଯମୁନାକୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରେ ଛଡ଼ାଯାଇଛି। ଗତ ୯ ତାରିଖରେ ଏନ୍‌କ୍ଲୋଜରରୁ ଯମୁନା ମୁକୁଳିବା ପରେ ଜଙ୍ଗଲ ମଧ୍ୟରେ ଚଳପ୍ରଚଳ ଆରମ୍ଭ କରିଥିଲା। ନିଜର ସୁରକ୍ଷିତ ସ୍ଥାନ ବାଛିବାକୁ ଯାଇ ପାହାଡ଼ ପରେ ପାହାଡ଼ ଚଢ଼ିବା ସହ ଏକ ପର୍ଯ୍ୟଟନସ୍ଥଳୀରେ ପହଞ୍ଚିଥିବା ନେଇ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଏହି ସମୟରେ ଯମୁନା ଜଣେ ପର୍ଯ୍ୟଟକଙ୍କ ଉପରୁ ଲମ୍ଫ ପ୍ରଦାନ କରିବା ବେଳେ ପାଟିତୁଣ୍ଡ କରିବାରୁ ସେଠାରୁ ସେ ପଳାଇଯାଇଥିଲା। ଫଳରେ ସେଠାରେ ଉପସ୍ଥିତ ପର୍ଯ୍ୟଟକମାନେ ବାଘୁଣୀ ଭୟରେ ଜଙ୍ଗଲ ମଧ୍ୟରୁ ବାହାରକୁ ପଳାଇ ଆସିଥିଲେ। ଉକ୍ତ ପର୍ଯ୍ୟଟନସ୍ଥଳୀ ନିକଟ ପାଦଚଲା ରାସ୍ତାରେ ବନ କର୍ମଚାରୀମାନେ ଉପସ୍ଥିତ ରହି ପର୍ଯ୍ୟଟକମାନଙ୍କୁ ସତର୍କ କରୁଥିବା ସୂଚନା ମିଳିଛି। ଯମୁନା ଦେହରେ ଲାଗିଥିବା ରେଡିଓ କଲାର ମାଧ୍ୟମରେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ତା'ର ଗତିବିଧି ଉପରେ ନଜର ରଖିଥିବା କହୁଥିବା ବେଳେ ସହଜ ଖାଦ୍ୟ ଅନ୍ୱେଷଣ ଭଳି ସ୍ଥାନ ଚିହ୍ନଟ କରିବା ପରିବର୍ତ୍ତେ ଯମୁନା ବିସ୍ତୀର୍ଣ୍ଣ ଜଙ୍ଗଲରେ ଏପଟସେପଟ ଘୂରି ବୁଲୁଛି। ଶିକାର କରି ନ ପାରି ଜନବସତି ମୁହାଁ ହେଉଥିବା ଜଣାପଡ଼ିଛି। ଯମୁନା ଗାଁ ଗଣ୍ଡାରେ ପ୍ରବେଶ କଲେ ତା'ର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# କମିଶନଙ୍କ ନିକଟରେ ହାଜର ହେଲେ ଆର୍ମି ଅଫିସର, ବାନ୍ଧବୀ

**ଭରତପୁର ଥାନାରେ ନିର୍ଯାତନା ମାମଲା**

**୧୯ରେ ଘଟଣାସ୍ଥଳ ଯିବେ କମିଶନ, ୩୦ରେ ପରବର୍ତ୍ତୀ ଶୁଣାଣି**

ଭୁବନେଶ୍ୱର,୧୪।୧୧
(ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିଶନଙ୍କ ନିକଟରେ ଗୁରୁବାର ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି। ଅପରପକ୍ଷରେ ନିଲମ୍ବିତ ପୂର୍ବତନ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର ଓ ୪ ପୋଲିସ ଅଧିକାରୀ ସେମାନଙ୍କ ଓକିଲଙ୍କ ଜରିଆରେ ପକ୍ଷ ରଖିଥିଲେ। ସେହିଭଳି ଗଣ୍ଡଗୋଳ କରିଥିବା ଛାତ୍ରଙ୍କ ପକ୍ଷରୁ କୌଣସି ସତ୍ୟପାଠ ଦାଖଲ ହୋଇ ନ ଥିବାବେଳେ ସେମାନଙ୍କ ଓକିଲ ହାଜର ହୋଇ ମତ ରଖିଛନ୍ତି। ଛାତ୍ରମାନେ କୌଣସି ବିଶୃଙ୍ଖଳା ଉଦ୍ଦେଶ୍ୟରେ ନୁହେଁ ବରଂ ଗାଡ଼ି ବାମଡାହାଣକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିବା କହିଥିଲେ। ତେବେ କମିଶନଙ୍କ ପାଖରେ ଅଭିଯୋଗ ଓ ପ୍ରତିଅଭିଯୋଗ ଉପରେ ମତ ରଖିବା ପାଇଁ କମିଶନ ପରବର୍ତ୍ତୀ ଶୁଣାଣିକୁ ନଭେମ୍ବର ୩୦କୁ ଘୁଞ୍ଚାଇଛନ୍ତି। ଅନ୍ୟପଟେ ଆସନ୍ତା ୧୯ ତାରିଖ ଅପରାହ୍ନ ୩ ଟାରେ ତଦନ୍ତ କମିଶନ ଉଭୟ ଘଟଣାସ୍ଥଳ ଭରତପୁର ଥାନା ଏବଂ ଛାତ୍ରମାନଙ୍କ ସହିତ ହୋଇଥିବା ଗଣ୍ଡଗୋଳସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିବେ ବୋଲି କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ତାରିଖ ରାତିରେ ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ରାସ୍ତାରେ କେତେଜଣ ଛାତ୍ର ଦୁର୍ବ୍ୟବହାର କରିଥିଲେ। ଏନେଇ ଅଭିଯୋଗ କରିବାକୁ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଆସିଥିଲେ। ହେଲେ ସେଠାରେ ପୋଲିସର ନିର୍ଯାତନାର ଶିକାର ହୋଇଥିଲେ। ଆକ୍ରମଣ ଶିକାର ହେବା ସହ ଥାନା ଆଇଆଇସିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଘଟଣାରେ ତତ୍କାଳୀନ ଥାନା ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଡୋମିନିକା ଦେବ ସର୍ବୋଚ୍ଚ ଜାତୀୟ ସମ୍ମାନ

ନୂଆଦିଲ୍ଲୀ, ୧୪।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କାରବିଆନ୍ ଦେଶ ଡୋମିନିକା ନିଜର ସର୍ବୋଚ୍ଚ ଜାତୀୟ ସମ୍ମାନ ପ୍ରଦାନ କରିବ ବୋଲି ଗୁରୁବାର ଘୋଷଣା କରିଛି। କୋଭିଡ୍-୧୯ ମହାମାରୀ ସମୟରେ ମୋଦିଙ୍କ ଦ୍ୱାରା ଦେଶର ଜନସାଧାରଣଙ୍କ ପାଇଁ କରାଯାଇଥିବା ସହାୟତାକୁ ଦୃଷ୍ଟିରେ ରଖି ଡୋମିନିକା ପକ୍ଷରୁ ଏହି ଘୋଷଣା କରାଯାଇଛି। ଆସନ୍ତା ୧୯ରୁ ୨୧ ତାରିଖ ମଧ୍ୟରେ ଗୁଏନାର ଜର୍ଜ ଟାଉନ୍‌ରେ ହେବାକୁ ଥିବା ଇଣ୍ଡିଆ-କାରିକୋମ ସମ୍ମିଳନୀରେ ଡୋମିନିକା ରାଷ୍ଟ୍ରପତି ସିଲ୍‌ଭେନି ବର୍ଟନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବେ। ପ୍ରକାଶ ଯେ, ୨୦୨୧ ଫେବୃଆରୀରେ ପ୍ରଧାନମନ୍ତ୍ରୀ ମୋଦି ଡୋମିନିକାକୁ ଆଷ୍ଟ୍ରାଜେନେକା କୋଭିଡ-୧୯ ଟିକାର ୭୦ ହଜାର ଡୋଜ୍ ପଠାଇଥିଲେ।

### 'ଏଚ୍‌ଏନ୍‌ଏଲ୍‌ସି' ଉପରେ କେନ୍ଦ୍ରର କଟକଣା

ନୂଆଦିଲ୍ଲୀ, ୧୪।୧୧

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୁରୁବାର ମେଘାଳୟର ଉଗ୍ରବାଦୀ ସଙ୍ଗଠନ ହାଇନିଓ୍ବ୍ରେପ ନ୍ୟାଶ୍‌ନାଲ ଲିବରେଶନ କାଉନ୍‌ସିଲ(ଏଚ୍‌ଏନ୍‌ଏଲ୍‌ସି) ଉପରେ ୫ ବର୍ଷ ପାଇଁ କଟକଣା ଲଗାଇଛି। ଦେଶ ବିରୋଧୀ ଗତିବିଧିରେ ଲିପ୍ତ ଥିବାରୁ ଏଚ୍‌ଏନ୍‌ଏଲ୍‌ସି ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। 'ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ, ୧୯୬୭'ର ଧାରା ୩କୁ ବ୍ୟବହାର କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କୀୟ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୧୬ ତାରିଖରୁ ୫ ବର୍ଷ ପାଇଁ ଏଚ୍‌ଏନ୍‌ଏଲ୍‌ସି ଉପରେ ଏହି କଟକଣା ଜାରି ରହିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ମେଘାଳୟର ବିଭିନ୍ନ ଅଞ୍ଚଳରେ ଭାରତର ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଉପରେ ବିପଦ ସୃଷ୍ଟି କରୁଥିବା ବହୁ ଗତିବିଧିରେ ଏଚ୍‌ଏନ୍‌ଏଲ୍‌ସି ସଙ୍ଗଠନ ସାମିଲ ହେଉଥିଲା।

### କୁହୁଡ଼ି ଯୋଗୁ ୮ ଗାଡ଼ି ମଧ୍ୟରେ ଧକ୍କା

ନୂଆଦିଲ୍ଲୀ, ୧୪।୧୧

ହରିୟାଣାରେ ଗୁରୁବାର ସକାଳେ ଘନ କୁହୁଡ଼ି ଯୋଗୁ ୯ ନମ୍ବର ଜାତୀୟ ରାଜପଥରେ ସିରିଜ୍ ଦୁର୍ଘଟଣା ହୋଇଛି। କୁହୁଡ଼ି ଯୋଗୁ ଅଧିକ ଦୂର ପର୍ଯ୍ୟନ୍ତ ଦୃଶ୍ୟ ହେଉ ନ ଥିବାରୁ ୮ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଆହତମାନଙ୍କୁ ଚିକିତ୍ସା ପାଇଁ ପଠାଇଥିଲା। ରାସ୍ତାକୁ ଅବରୋଧ କରାଯାଇ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ମେଶିନ୍ ସହାୟତାରେ ଉଠାଇ ନିଆଯାଇଥିଲା।

# ଆଜିଠୁ ଦିଲ୍ଲୀରେ ଜିଆର୍‌ଏପି ତୃତୀୟ ପର୍ଯ୍ୟାୟ

## ବାୟୁ ପ୍ରଦୂଷଣର ଗମ୍ଭୀର ସ୍ଥିତି
## ୫ମ ଶ୍ରେଣୀରେ ଅନ୍‌ଲାଇନ ପାଠପଢ଼ା

ନୂଆଦିଲ୍ଲୀ, ୧୪।୧୧



ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ପହଞ୍ଚିଥିବାବେଳେ ଶୁକ୍ରବାର ସକାଳ ୮ରୁ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ ଲାଗୁ କରିବା ପାଇଁ ନିଷ୍ପତ୍ତି ହୋଇଛି। ବାୟୁ ଗୁଣବତ୍ତା ପରିଚାଳନା କମିଶନ ଗୁରୁବାର ଏହା ଘୋଷଣା କରିଛନ୍ତି। ତେବେ ଏହି ଯୋଜନା କାର୍ଯ୍ୟକାରୀ ନ କରି ବାୟୁମାନରେ ଉନ୍ନତି ଅଣାଯାଇପାରିବ ବୋଲି ଦିଲ୍ଲୀ ସରକାର ପୂର୍ବରୁ କହୁଥିଲେ। ବାୟୁ ପ୍ରଦୂଷଣ ଯେତେବେଳେ ଗମ୍ଭୀର ସ୍ଥିତିରେ ପହଞ୍ଚେ, ସେତେବେଳେ ଜିଆର୍‌ଏପି-୩ ଲାଗୁ କରାଯାଇଥାଏ। ଏହି ଯୋଜନାରେ ପ୍ରଦୂଷଣ ରୋକିବାକୁ କେତେକ କଠୋର ପଦକ୍ଷେପ ଗ୍ରହଣ କରାଯିବ। ତଦନୁଯାୟୀ ଯାନବାହନଜନିତ ପ୍ରଦୂଷଣ ରୋକିବା ପାଇଁ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ରାଜ୍ୟଗୁଡ଼ିକରୁ ଆନ୍ତଃରାଜ୍ୟ ବସ୍‌ଗୁଡ଼ିକ ଦିଲ୍ଲୀକୁ ଗଡ଼ିବ ନାହିଁ। ତେବେ ଇଲେକ୍ଟ୍ରିକ ଯାନ, ସିଏନ୍‌ଜି ଚାଳିତ ବସ୍ ଏବଂ ବିଏସ୍-୬ ଡିଜେଲ ବସ୍‌ଗୁଡ଼ିକୁ ଏଥିରୁ ବାଦ୍ ଦିଆଯିବ। ନିର୍ମାଣ ଏବଂ ଘର ଭାଙ୍ଗିବା କାର୍ଯ୍ୟ ସମ୍ପୂର୍ଣ୍ଣ ନିଷେଧ ହେବ। ଖଣି ଖନନ ସମ୍ପର୍କିତ ସମସ୍ତ କାର୍ଯ୍ୟ ବନ୍ଦ ରହିବ। ଛୋଟ ପିଲାମାନଙ୍କ ଉପରେ ପ୍ରଦୂଷଣର ଅଧିକ ପ୍ରଭାବ ପଡୁଥିବାରୁ ଶୁକ୍ରବାରଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ବନ୍ଦ ରଖାଯାଇ ପିଲାଙ୍କ ପାଇଁ ଅନ୍‌ଲାଇନ ପାଠପଢ଼ା ବ୍ୟବସ୍ଥା ହେବ। ଦିଲ୍ଲୀ ରାସ୍ତାରେ ଧୂଳି ନିୟନ୍ତ୍ରଣ ପାଇଁ ନିୟମିତ ଜଳ ସିଞ୍ଚନ କରାଯିବ। ଦିଲ୍ଲୀ ସମେତ ଗୁରୁଗ୍ରାମ, ଫରିଦାବା, ଗାଜିଆବାଦ ଏବଂ ଗୌତମବୁଦ୍ଧ ନଗର ଜିଲାରେ ବିଏସ୍-୩ ପେଟ୍ରୋଲ ଏବଂ ବିଏସ୍-୪ ଡିଜେଲ ଯାନ ଉପରେ କଟକଣା ଲାଗିବ।

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତ୍ୟନ୍ତ ଉତ୍କଟ ସ୍ଥିତିରେ ପହଞ୍ଚିଛି। ଗୁରୁବାର ସକାଳେ ଧୂମକୁହୁଡ଼ିର ଘନ ଆସ୍ତରଣ ରାଜଧାନୀକୁ ଘୋଡ଼ାଇ ରଖିଥିଲା। ରାଜଧାନୀର ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ୪୨୫ ରେକର୍ଡ କରାଯାଇଛି। ମଙ୍ଗଳବାର ଏହି ସ୍ତର ୩୩୪ଥିବାବେଳେ ବୁଧବାର ୪୨୯କୁ ବୃଦ୍ଧି ପାଇଥିଲା। ଦିଲ୍ଲୀର ସମୁଦାୟ ୩୬ ଷ୍ଟେଶନ ମଧ୍ୟରୁ ୩୨ଟି ଷ୍ଟେଶନ୍‌ର ପ୍ରଦୂଷଣର ସ୍ତର ଗମ୍ଭୀର ଶ୍ରେଣୀରେ ଥିବା ନେଇ ସିପିସିବି ସୂଚନା ଦେଇଛି। ଦୀପାବଳିଠାରୁ ଦିଲ୍ଲୀ ଅତ୍ୟଧିକ ପ୍ରଦୂଷିତ ହୋଇଛି।

### ତୁଲସୀ ଗବାର୍ଡ ହେବେ ଆମେରିକା ନ୍ୟାଶ୍‌ନାଲ ଇଣ୍ଟେଲିଜେନ୍ସର ଡାଇରେକ୍ଟର



ୱାଶିଂଟନ, ୧୪।୧୧

ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ହିନ୍ଦୁ ଆମେରିକୀୟ ତଥା ପୂର୍ବ ଡେମୋକ୍ରାଟ୍ ନେତା ତୁଲସୀ ଗବାର୍ଡଙ୍କୁ ଆମେରିକା ନ୍ୟାଶ୍‌ନାଲ ଇଣ୍ଟେଲିଜେନ୍ସର ଡାଇରେକ୍ଟର ଭାବେ ଚୟନ କରିଛନ୍ତି। ଆସନ୍ତାବର୍ଷ ଜାନୁଆରୀରେ ଟ୍ରମ୍ପ୍ ଆମେରିକା ରାଷ୍ଟ୍ରପତି ଭାବେ ତାଙ୍କର ଦ୍ୱିତୀୟ କାର୍ଯ୍ୟାଳୟ ଆରମ୍ଭ କରିବା ପରେ ତୁଲସୀ ଦେଶର ସର୍ବୋଚ୍ଚ ଗୋଇନ୍ଦା ଅଧିକାରୀ ଭାବେ କାର୍ଯ୍ୟଭାର ନେବେ। ସେ ୨୦୨୨ରେ ଡେମୋକ୍ରାଟିକ୍ ପାର୍ଟି ଛାଡ଼ିଥିଲେ। ସମ୍ପ୍ରତି ନ୍ୟାଶ୍‌ନାଲ ଇଣ୍ଟେଲିଜେନ୍ସର ଡାଇରେକ୍ଟର ଥିବା ଅଭରିଲ୍ସ ହେନ୍ସଙ୍କର ସ୍ଥାନ ତୁଲସୀ ନେବେ।

# ବୋମା ଧମକ: ବିମାନର ଜରୁରୀ ଅବତରଣ

## ଜଣେ ଗିରଫ



ରାୟପୁର, ୧୪।୧୧

ଇଣ୍ଡିଗୋ ଏୟାରଲାଇନ୍ସର '୬ଇ୮୧୨' ବିମାନକୁ ବୋମାରେ ଉଡ଼ାଇଦେବାକୁ ଗୁରୁବାର ଧମକ ମିଳିଛି। ଧମକ ମିଳିବା ପରେ ୬ ଜଣ କ୍ରିଉ ସଦସ୍ୟଙ୍କ ସହ ୧୮୭ ଜଣ ଯାତ୍ରୀଙ୍କୁ ଧରି ନାଗପୁରରୁ କୋଲକାତା ଅଭିମୁଖେ ଯାଉଥିବା ଏହି ବିମାନକୁ ରାୟପୁରର ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଥିଲା। ରାୟପୁରର ବରିଷ୍ଠ ଆରକ୍ଷୀ ଅଧୀକ୍ଷକ(ଏସ୍‌ଏସ୍‌ପି) ସନ୍ତୋଷ ସିଂ ଏହି ସୂଚନା ଦେଇଛନ୍ତି। ବିମାନରୁ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଏହାପରେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ଏବଂ ରାୟପୁର ପୋଲିସର ଟିମ୍ ଅନେକ ଘଣ୍ଟା ଧରି ଉକ୍ତ ବିମାନକୁ ଯାଞ୍ଚ କରିଥିଲେ। ତେବେ ବିମାନ ମଧ୍ୟରୁ କୌଣସି ସନ୍ଦିଗ୍ଧ ଉପକରଣ ମିଳି ନ ଥିଲା। ଫଳରେ ପୁନର୍ବାର ଯାତ୍ରୀମାନଙ୍କୁ ନେଇ କୋଲକାତା ଯିବା ପାଇଁ ଉକ୍ତ ବିମାନକୁ ଅନୁମତି ପ୍ରଦାନ କରାଯାଇଥିଲା। ତେବେ ଏହି ବୋମା ଧମକକୁ ନେଇ ନିଲେଶ ମଣ୍ଡଲ(୪୦) ନାମକ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଥିବା ନେଇ ରାୟପୁର ପୋଲିସ ସୂଚନା ଦେଇଛି। ନିଲେଶ ଏହି ବୋମା ଧମକ ଦେଇଥିବା ନେଇ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ରାୟପୁରର ମାନା ଥାନାରେ ତାଙ୍କୁ ପଚରାଉଚରା ଜାରି ରହିଛି।

### ଫଡ଼ନବିସ୍‌ଙ୍କ ସ୍ତ୍ରୀ ଇନ୍‌ଷ୍ଟାଗ୍ରାମ ରିଲ୍ କରୁଛନ୍ତି: କହ୍ନେୟା କୁମାର



ଅମୃତା ଫଡ଼ନବିସ୍

ନୂଆଦିଲ୍ଲୀ, ୧୪।୧୧

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ସ୍ତ୍ରୀ ଅମୃତାଙ୍କୁ ଟାର୍ଗେଟ କରି କଂଗ୍ରେସ ନେତା କହ୍ନେୟା କୁମାରଙ୍କ ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ଫଡ଼ନବିସ୍‌ଙ୍କ ଧର୍ମଯୁଦ୍ଧ ମନ୍ତବ୍ୟକୁ ସମାଲୋଚନା କରି କହ୍ନେୟା କହିଛନ୍ତି, ଧର୍ମରକ୍ଷା ଦାୟିତ୍ୱ ସମସ୍ତଙ୍କର ହେବା ଆବଶ୍ୟକ। କେତେଜଣ ଧର୍ମର ରକ୍ଷା ପାଇଁ କାର୍ଯ୍ୟ କରୁଥିବାବେଳେ ଫଡ଼ନବିସ୍‌ଙ୍କ ସ୍ତ୍ରୀ ଇଷ୍ଟାଗ୍ରାମରେ ରିଲ୍ କରୁଥିବା ସେ କହିଛନ୍ତି।

# ମଣିପୁରର ୬ ଥାନା ଅଞ୍ଚଳରେ ଏଏଫ୍‌ଏସ୍‌ପିଏ ପୁଣି ଲାଗୁ ହେଲା

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

ମଣିପୁରର ହିଂସାପ୍ରଭାବିତ ଜିରିବାମ୍ ସମେତ ୬ ଥାନା ଅଞ୍ଚଳରେ କେନ୍ଦ୍ର ସରକାର ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ) ପୁଣିଥରେ ଲାଗୁ କରିଛନ୍ତି। ରାଜ୍ୟ ସରକାର ହିଂସାପ୍ରବଣ ଅଞ୍ଚଳକୁ ନିୟନ୍ତ୍ରଣରେ ରଖିବାରେ ବିଫଳ ହେଲେ ଏଏଫ୍‌ଏସ୍‌ପିଏ ଆଇନ ବଳରେ ଉକ୍ତ ଅଞ୍ଚଳ ବା ଜିଲାକୁ ବିଶୃଙ୍ଖଳିତ ଭାବେ ବିଜ୍ଞପିତ କରାଯାଇ ସେଠାରେ ସଶସ୍ତ୍ର ବଳକୁ ଅଭିଯାନ ପାଇଁ ସୁଯୋଗ ଦିଆଯାଇଥାଏ। ସଶସ୍ତ୍ର ଯବାନମାନେ ଉକ୍ତ ଅଞ୍ଚଳରେ ତଲାସି କରିବା ସହ ଗିରଫ କରିବାକୁ କ୍ଷମତା ପାଇଥାନ୍ତି। ଏପରିକି ଆବଶ୍ୟକ ପଡ଼ିଲେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ସେମାନଙ୍କୁ ଗୁଳି ଚଳାଇବାର କ୍ଷମତା ମଧ୍ୟ ଦିଆଯାଇଥାଏ। ମଣିପୁରରେ ଜାତିଆଣ ହିଂସା ଲାଗି ରହିଥିବାବେଳେ ଅସ୍ଥିର ସ୍ଥିତିକୁ ନେଇ ୬ଟି ଥାନା ଅଞ୍ଚଳରେ ଏଏଫ୍‌ଏସ୍‌ପିଏ ଲାଗୁ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଉକ୍ତ ଥାନାଗୁଡ଼ିକ ହେଲା ଇମ୍ଫାଲ ୱେଷ୍ଟର ସେକ୍‌ମାଇ ଏବଂ ଲାମ୍‌ସାଙ୍ଗ୍, ଇମ୍ଫାଲ ଇଷ୍ଟର ଲାମଲାଇ, ଜିରିବାମ୍ ଜିଲାର ଜିରିବାମ୍, କାଙ୍ଗ୍‌ପୋକ୍‌ପି ଜିଲାର ଲେଇମାଖୋଙ୍ଗ୍ ଏବଂ ବିଷ୍ଣୁପୁରର ମୋଇରାଙ୍ଗ ଥାନା। ମଣିପୁର ସରକାର ଗତ ଅକ୍ଟୋବର ୧ରେ ଉପରୋକ୍ତ ୬ ଥାନା ସମେତ ମୋଟ ୧୯ଟି ଥାନା ଅଞ୍ଚଳକୁ ବାଦ୍ ଦେଇ ସମଗ୍ର ରାଜ୍ୟରେ ଏଏଫ୍‌ଏସ୍‌ପିଏ ଲାଗୁ କରିଥିଲେ।

ଗତ ସୋମବାର ଉଗ୍ରପନ୍ଥୀମାନେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ସହ ଜିରିବାମ୍ ଜିଲାର ଏକ ଥାନା ଏବଂ ସିଆର୍‌ପିଏଫ୍ କ୍ୟାମ୍ପ୍ ଉପରେ ଆକ୍ରମଣ କରିଥିଲେ। ସୁରକ୍ଷା ବଳ ସହ ଗୁଳିବିନିମୟ ବେଳେ ୧୧ ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ମୃତ୍ୟୁ ଘଟିଥିଲା। ଏହା ପରଦିନ ଜଣେ ମହିଳା ଓ ଶିଶୁଙ୍କ ସମେତ ୬ ଜଣ ସାଧାରଣ ନାଗରିକଙ୍କୁ ଉଗ୍ରପନ୍ଥୀ ଅପହରଣ କରିନେଇଥିଲେ।

# ରାଜସ୍ଥାନ ସ୍ୱାଧୀନ ପ୍ରାର୍ଥୀ ନରେଶ ମୀନା ଗିରଫ

## ଏସ୍‌ଡିଏମ୍‌ଙ୍କୁ ଚାପୁଡ଼ା ମାରିବା ଘଟଣା

ଟୋଙ୍କ (ରାଜସ୍ଥାନ), ୧୪।୧୧(ପି.ଟି.)

ରାଜସ୍ଥାନର ଟୋଙ୍କ ଜିଲା ଅନ୍ତର୍ଗତ ଦେଓଲି-ଉନିଆରା ଆସନ ପାଇଁ ବୁଧବାର ଉପନିର୍ବାଚନ ଚାଲିଥିବାବେଳେ ଏକ ବୁଥ୍ ବାହାରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ଏସ୍‌ଡିଏମ୍)ଙ୍କୁ ଚାପୁଡ଼ା ମାରିଥିବା ସ୍ୱାଧୀନ ପ୍ରାର୍ଥୀ ନରେଶ ମୀନାଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ଏହା ପୂର୍ବରୁ ଉକ୍ତ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଓ ହିଂସାକାଣ୍ଡ ଦେଖାଯାଇଥିଲା। ଉତ୍ୟକ୍ତ ଲୋକେ ପିଟିଆଇର ଜଣେ ରିପୋର୍ଟର ଓ ଭିଡିଓ କ୍ୟାମେରାମ୍ୟାନଙ୍କୁ ମାଡ଼ ମାରିବା ସହ କ୍ୟାମେରା ପୋଡ଼ିଦେଇଥିଲେ। ବିଦ୍ରୋହୀ କଂଗ୍ରେସ ନେତା ନରେଶ ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ୁଥିବାବେଳେ ପୋଲିଂ ବୁଥ୍ ବାହାରେ ଶତାଧିକ ଲୋକଙ୍କ ଆଗରେ ମାଲପୁରାର ଏସ୍‌ଡିଏମ୍ ଅମିତ୍ ଚୌଧରୀଙ୍କୁ ଚାପୁଡ଼ା ମାରିଥିଲେ। ପିଟିଆଇ ପ୍ରତିନିଧିମାନେ ଏହା ପରବର୍ତ୍ତୀ ବିକ୍ଷୋଭର ଖବର ସଂଗ୍ରହ କରୁଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଏହାର ଖବରଦାତା ଅଜିତ ଶେଖାୱତ୍ ଏବଂ କ୍ୟାମେରାମ୍ୟାନ୍ ଧର୍ମେନ୍ଦ୍ର କୁମାର ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ନରେଶଙ୍କ ସମର୍ଥକମାନଙ୍କୁ ଧାରଣାରୁ ଓହରିଯିବା ପାଇଁ ବୁଧବାର ସନ୍ଧ୍ୟାରେ ପୋଲିସ ଉଦ୍ୟମ କରୁଥିବାବେଳେ ହିଂସାକାଣ୍ଡ ଆରମ୍ଭ ହୋଇଥିଲା।

# କପ୍୨୯: ଧନୀ ରାଷ୍ଟ୍ର ଜଳବାୟୁ ଫାଇନାନ୍ସ ପ୍ରତିଶ୍ରୁତିକୁ ସମ୍ମାନ ଦିଅନ୍ତୁ

ବକୁ, ୧୪।୧୧(ପି.ଟି.)




ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ବିକଶିତ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଉତ୍ତରଦାୟିତ୍ୱରୁ ଓହରି ନ ଯାଇ ପାଣ୍ଠି ଯୋଗାଇଦେବା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ସମ୍ମାନ ଦିଅନ୍ତୁ ବୋଲି ଭାରତ ସମେତ ବେସିକ୍ ଦେଶଗୁଡ଼ିକ ଦାବି କରିଛନ୍ତି। ଆଜରବୈଜାନ୍ ବକୁଠାରେ ଚାଲିଥିବା ଜାତିସଂଘ ଜଳବାୟୁ ସମ୍ମିଳନୀ (କପ୍୨୯)ରେ ଧନୀ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଆର୍ଥିକ ଉତ୍ତରଦାୟିତ୍ୱ ବଦଳାଇବା ପାଇଁ କରିଥିବା ଉଦ୍ୟମକୁ ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ଭାରତ ଏବଂ ଚାଇନା (ବେସିକ) ରାଷ୍ଟ୍ରଗୁଡ଼ିକ ଗୁରୁବାର ନାପସନ୍ଦ କରିଛନ୍ତି। ୨୦୧୫ର ପାରିସ୍ ଚୁକ୍ତିନାମା ପୂର୍ଣ୍ଣ ରୂପରେ ଏବଂ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ ହେବା ଆବଶ୍ୟକ ବୋଲି ସେମାନେ ଦୋହରାଇଛନ୍ତି। ବୈଶ୍ୱିକ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରି ତାପମାତ୍ରା ବୃଦ୍ଧିକୁ ୨ ଡିଗ୍ରୀ ସେଲ୍‌ସିୟସ୍‌ରୁ କମ୍ କରିବା ଏବଂ ଏହାକୁ ଶିଳ୍ପବିପ୍ଳବର ପୂର୍ବସ୍ଥିତିଠାରୁ ଅଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ନିମନ୍ତେ ଉଦ୍ୟମ କରାଯିବାକୁ ପ୍ୟାରିସ୍ ଚୁକ୍ତିନାମାରେ ଲକ୍ଷ୍ୟ ରଖାଯାଇଥିଲା। ପାଣ୍ଠି ଯୋଗାଣ ପ୍ରତିଶ୍ରୁତିକୁ ବାଧ୍ୟତାମୂଳକ ଯୋଗଦାନ ଚୁକ୍ତିନାମାରେ ପରିବର୍ତ୍ତନ କରାଯିବାକୁ ଭାରତ, ଇଜିପ୍ଟ, ଲାଟିନ୍ ଆମେରିକା ଏବଂ କାରବିଆନ୍ ପକ୍ଷରୁ ଆହ୍ୱାନ ଦିଆଯାଇଛି।

ବିଶ୍ୱ ତାପନର ମୁକାବିଲାରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ସହାୟତା କରିବା ନିମନ୍ତେ ୨୦୩୦ ସୁଦ୍ଧା ବାର୍ଷିକ ୧ ଟ୍ରିଲିୟନ ଡଲାର ପାଣ୍ଠି ଯୋଗାଡ଼ କରିବା ଉପରେ ଜାତିସଂଘ ଜଳବାୟୁ ସମ୍ମିଳନୀର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଜଳବାୟୁ ଫାଇନାନ୍ସ ଉପରେ ଉଚ୍ଚସ୍ତରୀୟ ବିଶେଷଜ୍ଞ ଗ୍ରୁପ୍ ରିପୋର୍ଟରେ କୁହାଯାଇଛି। ସରକାରୀ ଏବଂ ଘରୋଇ ଉତ୍ସରୁ ଏହି ଅର୍ଥ ଆସିବା ଆବଶ୍ୟକ। ପଦକ୍ଷେପ ନେବାରେ ବିଳମ୍ବ ବିପଦକୁ ଅଧିକ ବଢ଼ାଇବ ବୋଲି ରିପୋର୍ଟରେ ସତର୍କ କରାଇଦିଆଯାଇଛି। ୨୦୩୦ ପୂର୍ବରୁ ଅର୍ଥ ବ୍ୟବସ୍ଥା ହୋଇ ନ ପାରିଲେ, ଏହା ପରବର୍ତ୍ତୀ ବର୍ଷଗୁଡ଼ିକ ଉପରେ ଅଧିକ ଚାପ ପକାଇବ ଏବଂ ଜଳବାୟୁରେ ସ୍ଥିରତା ଆଣିବା ଅଧିକ କଷ୍ଟକର ହୋଇପଡ଼ିବ। ୨୦୩୦ ସୁଦ୍ଧା ବୈଶ୍ୱିକ ଜଳବାୟୁ କାର୍ଯ୍ୟାନୁଷ୍ଠାନ ପାଇଁ ୬.୩ରୁ ୬.୭ ଟ୍ରିଲିୟନ ଡଲାର ଆବଶ୍ୟକ ହେବ ବୋଲି ରିପୋର୍ଟରେ କୁହାଯାଇଛି।

## ଫୁର୍‌ସତ୍

# ବିଶ୍ୱର ସର୍ବବୃହତ୍ ପ୍ରବାଳ ଆବିଷ୍କୃତ

ୱାଶିଂଟନ୍



ପ୍ରଶାନ୍ତ ମହାସାଗରର ସୋଲୋମନ ଦ୍ୱୀପପୁଞ୍ଜ ନିକଟରେ ବୈଜ୍ଞାନିକମାନେ ବିଶ୍ୱର ସର୍ବବୃହତ୍ ପ୍ରବାଳର ଆବିଷ୍କାର କରିଛନ୍ତି। ଏହି ବିଶାଳ ପ୍ରବାଳର ଲମ୍ବ ୩୨ ମିଟର(୧୦୫ ଫୁଟ) ହୋଇଥିବାବେଳେ ଏହାର ଚଉଡ଼ା ୩୪ ମିଟର (୧୧୧ ଫୁଟ) ରହିଛି। ତେବେ ଆବିଷ୍କୃତ ହୋଇଥିବା ଏହି ବିଶାଳ ପ୍ରବାଳଟି ୩୦୦ ବର୍ଷ ପୁରୁଣା ହୋଇଥିବାନେଇ ନ୍ୟାଶ୍‌ନାଲ ଜିଓଗ୍ରାଫିକ୍ ସୋସାଇଟି ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ପ୍ରବାଳର ପରିଧି ୧୮୩ ଫୁଟ(୬୦୦ ମିଟର) ରହିଛି। କ୍ଷୁଦ୍ର ଜୀବମାନଙ୍କୁ ନେଇ ଗଠିତ ନେଟ୍‌ୱର୍କ 'କୋରାଲ ପଲିପ୍ସ' ଦ୍ୱାରା ଏହି ପ୍ରବାଳ ନିର୍ମିତ। 'ନ୍ୟାଶନାଲ ଜିଓଗ୍ରାଫିକ୍ ପ୍ରିଷ୍ଟିନ୍ ସିଜ୍'ର ବୈଜ୍ଞାନିକଙ୍କ ଦଳ ଦ୍ୱାରା ଏହି ସର୍ବବୃହତ୍ ପ୍ରବାଳର ଆବିଷ୍କାର କରାଯାଇଛି। ଏହି ବୈଜ୍ଞାନିକ ଦଳର ସଦସ୍ୟମାନେ ଗତ ଅକ୍ଟୋବରରୁ ଦକ୍ଷିଣ-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଗବେଷଣା ପାଇଁ ଉଦ୍ଦିଷ୍ଟ ଏକ ଜାହାଜରେ ବିଭିନ୍ନ ଅନୁସନ୍ଧାନମୂଳକ କାର୍ଯ୍ୟରେ ନିୟୋଜିତ ଥିଲେ। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁ ଧୀରେ ଧୀରେ ସମୁଦ୍ରଗୁଡ଼ିକ ଉଷ୍ମ ହେବାରେ ଲାଗିଛି ଫଳରେ ବହୁ ସଂଖ୍ୟାରେ ପ୍ରବାଳଙ୍କ ଜୀବନ ନଷ୍ଟ ହେଉଛି। ଏହାରି ମଧ୍ୟରେ ଗଭୀର ଜଳ ଭିତରେ ଏକ ବୃହତ୍ ସୁସ୍ଥ ପ୍ରବାଳର ଆବିଷ୍କାର ଆଶାର କିରଣ ଯୋଗାଇଛି ବୋଲି 'ନ୍ୟାଶନାଲ ଜିଓଗ୍ରାଫିକ୍ ପ୍ରିଷ୍ଟିନେ ସିଜ୍'ର ସଦସ୍ୟ ସାଲା କହିଛନ୍ତି। ସମୁଦ୍ର ମଧ୍ୟରେ ଖାଲି ଆଖିରେ ଦେଖିବାବେଳେ ଏହି ପ୍ରବାଳ ଏକ ବିଶାଳ ପଥର ସଦୃଶ ଦେଖାଯାଉଥିବା ସେ କହିଛନ୍ତି। ସାଲା ଆହୁରି କହିଛନ୍ତି, ଯେତେବେଳେ ବୈଜ୍ଞାନିକମାନେ ପ୍ରଥମେ ଏହି ପ୍ରବାଳ ଦେଖିଥିଲେ, ବିଶାଳ ଆକାର ହେତୁ ଏହା ଏକ ଜାହାଜର ଭାଙ୍ଗିଯାଇଥିବା ଅବଶିଷ୍ଟାଂଶ ହୋଇଥାଇପାରେ ବୋଲି ଅନୁମାନ କରିଥିଲେ। ପରେ ନିକଟକୁ ଯାଇ ନମୁନା ସଂଗ୍ରହ କରି ପରୀକ୍ଷାନିରୀକ୍ଷା କରିବାରୁ ଏହା ସର୍ବବୃହତ୍ ପ୍ରବାଳ ହୋଇଥିବା ନେଇ ଜଣାପଡ଼ିଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ଆବିଷ୍କାର ହୋଇଥିବା ସେ କହିଛନ୍ତି। ପୂର୍ବରୁ ଦକ୍ଷିଣ ଆମେରିକାର 'ଆମେରିକାନ ସାମୋଆର୍' ଅଞ୍ଚଳରେ ଥିବା ନ୍ୟାଶ୍‌ନାଲ ମାରାଇନ ସାଞ୍ଚୁଆରି ମଧ୍ୟରୁ 'ବିଗ୍ ମୋମା' ନାମରେ ଏକ ବିଶାଳ ପ୍ରବାଳ ଆବିଷ୍କୃତ ହୋଇଥିଲା। ସେତେବେଳେ 'ବିଗ୍ ମୋମା'କୁ ବିଶ୍ୱର ସର୍ବବୃହତ୍ ପ୍ରବାଳ ଭାବେ ଘୋଷଣା କରାଯାଇଥିଲା।

# କୋଟିପତି ବ୍ୟବସାୟୀଙ୍କ ପ୍ରେମରେ ଅମୀଷା

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଅମୀଷା ପଟେଲ ପ୍ରାୟତଃ ନିଜର ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ସମ୍ପ୍ରତି ସେ ପୁଣିଥରେ ନିଜର ଡେଟିଂ ଲାଇଫ୍‌କୁ ନେଇ ଆଲୋଚନାର ପରିସରକୁ ଆସିଛନ୍ତି। ୪୯ ବର୍ଷୀୟା ଏହି ଅଭିନେତ୍ରୀଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଫଟୋରେ କୋଟିପତି ବ୍ୟବସାୟୀ ନିର୍ବାନ ବିର୍ଲା(୩୦)ଙ୍କ ସହ ଅମୀଷାଙ୍କୁ ଏକ ପାର୍ଟିରେ ଦେଖିବାକୁ ମିଳିଛି। ଏହି ଫଟୋରେ ଉଭୟ ଅମୀଷା ଓ ନିର୍ବାନ ଅନ୍ତରଙ୍ଗତାର ସହ ପାର୍ଟିକୁ ଉପଭୋଗ କରୁଥିବା ନେଇ ନଜରକୁ ଆସୁଛନ୍ତି। ଏହି ଫଟୋ ଭାଇରାଲ ହେବା ପରେ ଅମୀଷା ନିର୍ବାନଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ତେବେ ନିର୍ବାନ ଅମୀଷାଙ୍କଠାରୁ ୧୯ ବର୍ଷ ସାନ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ନେଇ ବହୁ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଉଭୟଙ୍କ ବୟସରେ ଯଥେଷ୍ଟ ତାରତମ୍ୟ ଥିବାରୁ ବହୁ ୟୁଜର୍ସ ଅମୀଷାଙ୍କୁ ସମାଲୋଚନା କରିଛନ୍ତି।

# ଆଇପିଏଲ୍ ମେଗା ଅକ୍‌ଶନକୁ ଅପେକ୍ଷା



ନିର୍ମଳ କୁମାର ମିଶ୍ର



**ଆଇପିଏଲ୍‌ର ମେଗା ଅକ୍‌ଶନ ୨୪ ଓ ୨୫ ତାରିଖରେ ସାଉଦି ଆରବର ଜେଦାହଠାରେ ଅନୁଷ୍ଠିତ ହେବ। ୧୦ଟି ଫ୍ରାଞ୍ଚାଇଜ୍ ମଧ୍ୟରୁ ୪ଟି ଫ୍ରାଞ୍ଚାଇଜ୍ କେକେଆର, ଦିଲ୍ଲୀ, ଆରସିବି ଓ ଲକ୍ଷ୍ମୌ ଅଧିନାୟକ ପରିବର୍ତ୍ତନ କରିଛନ୍ତି...**

ବିଶ୍ୱର ସବୁଠାରୁ ଧନୀ ଲିଗ୍ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ପାଇଁ ବିସିସିଆଇ ପ୍ରସ୍ତୁତି ଆରମ୍ଭ କରିଛି। ଏଥିମଧ୍ୟରେ ସମସ୍ତ ଫ୍ରାଞ୍ଚାଇଜ୍ ସେମାନଙ୍କର ଖେଳାଳି ରିଟେନ୍‌ସନ ଓ ରିଲିଜ୍ ପ୍ରକ୍ରିୟା ସମାପ୍ତ କରିଛନ୍ତି। ଚଳିତ ମାସ ଶେଷ ସପ୍ତାହର ୨୪ ଓ ୨୫ ତାରିଖରେ ଏହା ସାଉଦି ଆରବର ଜେଦାହଠାରେ ଅନୁଷ୍ଠିତ ହେବ। ଦ୍ୱିତୀୟଥର ପାଇଁ ଏହା ଦେଶ ବାହାରେ ଅନୁଷ୍ଠିତ ହେବାକୁଯାଉଛି। ୨୦୨୩ରେ ଏହା ମଧ୍ୟ ଦୁବାଇଠାରେ ଅନୁଷ୍ଠିତ ହୋଇଥିଲା। ବିସିସିଆଇ ଏହି ମେଗା ଅକ୍‌ଶନ ପାଇଁ ଫ୍ରାଞ୍ଚାଇଜ୍‌ମାନଙ୍କ ପାଇଁ ରଖିଥିବା କେତେଗୁଡ଼ିଏ ସର୍ତ୍ତ ମଧ୍ୟରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଅତି ବେଶିରେ ୬ ଜଣ ଖେଳାଳିଙ୍କୁ ରିଟେନ୍ କରିପାରିବେ। ଏଥିମଧ୍ୟରୁ ୫ଜଣ କ୍ୟାପ୍‌ଡ ଓ ୨ଜଣ ଅନ୍‌କ୍ୟାପ୍‌ଡ ଖେଳାଳି ରହିପାରିବେ। ଫ୍ରାଞ୍ଚାଇଜ୍‌ମାନେ ଖେଳାଳିମାନଙ୍କୁ ସିଧାସଳଖ ରିଟେନ କରିପାରିବେ କିମ୍ବା ରାଇଟ୍ ଟୁ ମ୍ୟାଚ୍(ଆରଟିଏମ୍) କାର୍ଡସ୍ ନିୟମ ଅନୁସାରେ ରଖିପାରିବେ। ଅନ୍‌କ୍ୟାପ୍‌ଡ ରିଟେନ୍ ଖେଳାଳିଙ୍କ ପାଉଣା ୪ କୋଟି ହୋଇପାରିବ, ଯାହାଫଳରେ ଦୀର୍ଘ ୧ମାସ ଧରି ଅନେକ ନାମୀଦାମୀ ଓ ଗତ ସଂସ୍କରଣରେ ଖରାପ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଯେଉଁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଦୂର ହୋଇଛି। ୧୦ଟି ଫ୍ରାଞ୍ଚାଇଜ୍ ମଧ୍ୟରୁ ୪ଟି ଫ୍ରାଞ୍ଚାଇଜ୍ ସେମାନଙ୍କ ଅଧିନାୟକ ପରିବର୍ତ୍ତନ କରିଛନ୍ତି। ଏଥିମଧ୍ୟରେ ଗତ ସଂସ୍କରଣର ଚାମ୍ପିୟନ ଟିମ୍ କୋଲ୍‌କତା ନାଇଟ୍ ରାଇଡର୍ସର ଅଧିନାୟକ ଶ୍ରେୟସ ଆୟର, ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରିଷଭ ପନ୍ତ ଓ ଲକ୍ଷ୍ମୌ ସୁପର ଜାଏଣ୍ଟ୍ସର ଅଧିନାୟକ କେଏଲ ରାହୁଲ ରହିଛନ୍ତି। ଟ୍ରଫିଶୂନ୍ୟ ରହିଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଫାଫ୍ ଡୁ ପ୍ଲେସି ମଧ୍ୟ ରହିଛନ୍ତି। କେ.ଏଲ. ରାହୁଲ ଓ ରିଷଭ ପନ୍ତଙ୍କ ଫ୍ରାଞ୍ଚାଇଜ୍‌ମାନଙ୍କ ସହ କଥା କଟାକଟିର ଦୃଶ୍ୟ ଦେଖିବାକୁ ମିଳିଥିଲା। ମାତ୍ର ରୋହିତ୍ ଶର୍ମା, ରିଷଭ ପନ୍ତ, ଲୋକେଶ ରାହୁଲ, ବିରାଟ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଚର୍ଚ୍ଚା ବେଶ୍ ଜୋର୍ ଧରିଥିଲା। ମହେନ୍ଦ୍ର ସିଂ ଧୋନିଙ୍କ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ୫ ବର୍ଷରୁ ଅଧିକ ହୋଇଯାଇଥିବା ବେଳେ ସେ ଅନ୍‌କ୍ୟାପ୍‌ଡ ଖେଳାଳି ରହିବେ। ତାଙ୍କୁ ନେଇ ବିସିସିଆଇର ନିୟମକୁ ନେଇ ସୋସିଆଲ ମିଡିଆ ବେଶ୍ ସକ୍ରିୟ ହୋଇଥିଲା। ସ୍ପଷ୍ଟ ଯେ, କୋହଲି, ରୋହିତ, ଧୋନିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ରିଟେନ୍ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ସେମାନଙ୍କର ଫ୍ୟାନ୍ ଫଲୋଅର୍ସ ସର୍ବାଧିକ। ସେମାନେ ନ ରହିଲେ ଫ୍ରାଞ୍ଚାଇଜ୍‌ମାନଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିବ।

ଏଥିମଧ୍ୟରେ ଅନେକ ନାମୀଦାମୀ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ସେମାନଙ୍କ ଦଳରୁ ରିଲିଜ୍ କରିବା ମଧ୍ୟ ଦେଖାଯାଇଛି। ସେମାନଙ୍କ ଦେଶ ପାଇଁ ଖେଳିବା ଅଧାରୁ ଛାଡ଼ିବା ଯୋଗୁ ଦଳ ହେଉ, ଖରାପ ପ୍ରଦର୍ଶନ ପାଇଁ ହେଉ କିମ୍ବା ଆଘାତଜନିତ ସମସ୍ୟା ପାଇଁ ହେଉ। ଫାଫ୍ ଡୁ ପ୍ଲେସି, କାମେରୁନ ଗ୍ରୀନ୍, ଜନି ବେୟାରଷ୍ଟୋ, ଗ୍ଲେନ ମ୍ୟାକ୍ସୱେଲ, ଜୋସ୍ ବଟଲର, କାଗିସୋ ରାବାଡା, ଡେଭିଡ୍ ୱାର୍ନର, ଲିଆମ ଲିଭିଙ୍ଗଷ୍ଟୋନ, ଟିମ୍ ଡେଭିଡ୍, ଆନ୍‌ରିଚ୍ ନୋର୍ଜେ, ମହମ୍ମଦ ସିରାଜ, ମିଚେଲ ଷ୍ଟାର୍କ, ଫିଲ ସଲଟ୍, ଅର୍ଶଦୀପ ସିଂ, ମିଚେଲ ମାର୍ଶଙ୍କ ପରି ଷ୍ଟାର ଖେଳାଳିମାନଙ୍କୁ ରିଲିଜ୍ ହେବାକୁ ପଡ଼ିଛି। ଏହା ସତ୍ୟ ଯେ ଆଇପିଏଲ୍‌ର ସଫଳତା ଆଗରେ ବିଶ୍ୱର ସମସ୍ତ ପ୍ରଫେସନାଲ ଟି-୨୦ ଲିଗ୍ ଫିକା ପଡ଼ିବା ସହିତ ସଫଳତା ପାଇପାରିନାହାନ୍ତି, ଯାହା ବିସିସିଆଇକୁ ବେଶ୍ ଉତ୍ସାହିତ କରିବା ସହିତ ଧନଶାଳୀ କରିପାରିଛି। ଜାତୀୟ ଦଳ ପାଇଁ ବେଞ୍ଚ୍ ଷ୍ଟ୍ରେଙ୍ଗଥ ବୃଦ୍ଧି ପାଇଛି। ଅନେକ ପ୍ରତିଭାବାନ୍ ଯୁବ ଖେଳାଳି ସୃଷ୍ଟି ହୋଇଛନ୍ତି। ଜାତୀୟ ଦଳରେ ସେମାନଙ୍କ ସ୍ଥାନ ପକ୍କା କରିବାକୁ ସକ୍ଷମ ହୋଇପାରିଛନ୍ତି। ବର୍ତ୍ତମାନ ୩ଟି ଫର୍ମାଟ୍ ପାଇଁ ଆମପାଖରେ ପର୍ଯ୍ୟାପ୍ତ ଖେଳାଳି ରହିଛନ୍ତି। ଆଘାତ ସମସ୍ୟା କମିଛି। ଭାରତୀୟ କ୍ରିକେଟ୍‌କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସୃଷ୍ଟି କରାଯାଇଥିବା ଆଇପିଏଲ୍ ବର୍ତ୍ତମାନ ପଇସାର ଖେଳ ପାଲଟିଛି। ଗତ ସଂସ୍କରଣରେ ଅଷ୍ଟ୍ରେଲିଆ ଖେଳାଳିମାନେ ଅକ୍‌ଶନରେ ଡୋମିନେଟ୍ କରିଥିଲେ। କେତେକ ଫ୍ରାଞ୍ଚାଇଜ ଭାରତୀୟ ଯୁବ ଖେଳାଳିଙ୍କୁ ଅଧିକ ପ୍ରୋତ୍ସାହିତ କରିବା ସହିତ ଦଳରେ ସାମିଲ କରିଥିଲେ। ରିଟେନ୍‌ସନ ପ୍ରକ୍ରିୟା ଦେଖିଲେ ରାଜସ୍ଥାନ ରୟାଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜ ବାଙ୍ଗାଲୋର ସର୍ବାଧିକ ଭାରତୀୟ ଖେଳାଳିଙ୍କୁ ରିଟେନ୍ କରିଛନ୍ତି। ଚଳିତ ଆଇପିଏଲ ଅକ୍‌ଶନ ପାଇଁ ପଞ୍ଜାବ କିଙ୍ଗ୍‌ସ ପାଖରେ ସର୍ବାଧିକ ପର୍ସ ୧୧୦.୫ କୋଟି ରହିଛି। ଦଳ ମାତ୍ର ୨ ଜଣ ଖେଳାଳି ଶଶାଙ୍କ ସିଂ, ପ୍ରଭାସିମରନ ସିଂଙ୍କୁ ରିଟେନ କରିଛି। ରୋହିତ, ବୁମ୍‌ରା, ହାର୍ଦ୍ଦିକ, ସୂର୍ଯ୍ୟକୁମାର ଓ ତିଲକ ବର୍ମାଙ୍କ ପାଇଁ ପ୍ରାୟ ୭୫ କୋଟି ଖର୍ଚ୍ଚ କରିଛି ମୁମ୍ବାଇ।

ଚଳିତ ସଂସ୍କରଣରେ ମୋଟ ୧୫୭୪ ଖେଳାଳି ପଞ୍ଜୀକରଣ କରିଥିବା ବେଳେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ୨୫ ଜଣ ଖେଳାଳିଙ୍କୁ ନେଇ ପାରିବେ। ୧୦ ଫ୍ରାଞ୍ଚାଇଜ୍ ଏଥର ମୋଟ ୪୬ ଖେଳାଳିଙ୍କୁ ରିଟେନ୍ କରିଛନ୍ତି। ରିଟେନ୍‌ଡ ଖେଳାଳିଙ୍କ ପାଇଁ ମୋଟ ୫୫୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଫ୍ରାଞ୍ଚାଇଜ୍। କେକେଆର ଓ ରାଜସ୍ଥାନ ସର୍ବାଧିକ ୬ ଖେଳାଳିଙ୍କୁ ରିଟେନ କରିଥିବା ବେଳେ ପଞ୍ଜାବ କିଙ୍ଗ୍‌ସ ମାତ୍ର ୨ଜଣଙ୍କୁ ରିଟେନ କରିଛି। ଏହି ମେଗା ଅକ୍‌ଶନ ପାଇଁ ୪୮ ଜଣ ଭାରତୀୟ କ୍ୟାପ୍‌ଡ ଖେଳାଳି ରହିଛନ୍ତି। ୧୫୨ ଜଣ ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳି ଏହି ଅକ୍ସନର ଅଂଶ ରହିବେ। ଅଷ୍ଟ୍ରେଲିଆର ସର୍ବାଧିକ ୭୬ ଖେଳାଳି ରହିଥିବା ବେଳେ ଇଂଲଣ୍ଡର ୫୨ ଜଣ ଖେଳାଳି ଏଥର ଅକ୍‌ଶନରେ ଭାଗନେବେ। ଇଟାଲି ଓ ୟୁଏଇରୁ ଜଣେ ଲେଖାଏ ରହିଥିବା ବେଳେ ସ୍କଟ୍‌ଲାଣ୍ଡରୁ ୨ଜଣ ଖେଳାଳି ରହିଛନ୍ତି। ଶ୍ରୀଲଙ୍କାରୁ ୨୯, ନ୍ୟୁଜିଲାଣ୍ଡରୁ ୩୯ ଓ ୱେଷ୍ଟଇଣ୍ଡିଜରୁ ୩୩ ଜଣଙ୍କ ସମେତ ଟି-୨୦ ବିଶ୍ୱକପ୍‌ର ଆୟୋଜକ ଦେଶ ଆମେରିକାର ୧୦ ଖେଳାଳି ଏହି ମେଗା ଅକ୍‌ଶନର ଅଂଶ ପାଲଟିବେ

ସମସ୍ତ କ୍ରିକେଟ୍ ଜଗତର ଲକ୍ଷ୍ୟ ଏହି ମେଗା ଅକ୍‌ଶନ ଉପରେ ରହିଛି। ଗତ ସଂସ୍କରଣରେ ମିଚେଲ ଷ୍ଟାର୍କ ସବୁଠାରୁ ଦାମୀ ଖେଳାଳି ରହିଥିବା ବେଳେ ଚଳିତ ସଂସ୍କରଣର ସବୁଠାରୁ ଦାମୀ ରିଟେନ ଖେଳାଳି ରୂପେ ହେନ୍‌ରିଚ କ୍ଲାସେନଙ୍କୁ ୨୩ କୋଟି ଟଙ୍କାରେ ରିଟେନ୍ କରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ଆଇପିଏଲ ରିଟେନ୍ ପ୍ଲେୟର ହିସାବରେ ଏକ ରେକର୍ଡ। ଗତ ସଂସ୍କରଣର କୋଲ୍‌କତା ନାଇଟ ରାଇଡର୍ସ ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ୨୦ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହି ପ୍ଲେ ଅଫ୍‌କୁ ଯାଇଥିବା ବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ଚାମ୍ପିୟନ ହୋଇଥିଲା। ତାରକା ଖେଳାଳିରେ ଭର୍ତ୍ତି ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ୪ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ତଳେ ରହିଥିଲା। ରାଜସ୍ଥାନ ରୟାଲ୍ସ ବେଶ୍ ଶକ୍ତିଶାଳୀ ଥିବାବେଳେ ତୃତୀୟ ସ୍ଥାନରେ ରହିଥିଲା। ଏଥର ମେଗା ଅକ୍‌ଶନରେ ସମସ୍ତ ଟିମ୍‌ର ସମୀକରଣ ବଦଳିବାର ସମ୍ଭାବନା ରହିଛି। ପୁଣି ଖେଳାଳି ନିଲାମ ପ୍ରକ୍ରିୟାକୁ ନେଇ ଫ୍ରାଞ୍ଚାଇଜ୍‌ମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହେବାର ସମ୍ଭାବନା ରହିଛି। ସମସ୍ତଙ୍କ ନଜର ଏହି ମେଗା ଅକ୍‌ଶନ ଉପରେ ହିଁ ରହିଛି। ଅନ୍ୟପକ୍ଷରେ ଘରୋଇ ଟେଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡର ହ୍ୱାଇଟ ୱାଶ୍ ପରେ ଭାରତର ଡବ୍ଲୁଟିସି ଫାଇନାଲ ଖେଳିବାର ସମ୍ଭାବନା କ୍ଷୀଣ ରହିଛି। ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ଚାଲିଥିବାବେଳେ ଏହି ମେଗା ଅକ୍‌ଶନ ଚାଲିଥିବ। ରିଲିଜ୍ ଭାରତୀୟ ଖେଳାଳିଙ୍କୁ କେଉଁ ଦଳ କେତେ ଟଙ୍କାରେ କିଣିବେ, ତାହା ମଧ୍ୟ ବେଶ୍ ଉପଭୋଗ୍ୟ ହେବ।



ମହେନ୍ଦ୍ର ସିଂ ଧୋନୀ

ରିଷଭ ପନ୍ତ

ବିରାଟ କୋହଲି

ରୋହିତ ଶର୍ମା

# କୃଷକଙ୍କ ଝିଅ ଜାତୀୟ ଫୁଟ୍‌ବଲର

**୧୩ ବର୍ଷ ବୟସରେ ଖେଳ ଆରମ୍ଭକରି ସେ ବିଭିନ୍ନ ବୟସ ବର୍ଗରେ ଭାରତ ପାଇଁ ଖେଳିଛନ୍ତି ମଣିପୁରରେ ଜନ୍ମିତ ଲିଣ୍ଡା କମ୍। ଭୁବନେଶ୍ୱରରେ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଖେଳିଥିବା ଲିଣ୍ଡାଙ୍କ ସହ ଆଲୋଚନା।**

ସାକ୍ଷାତ: ସରୋଜ ଜେନା



ଲିଣ୍ଡା କମ୍

ବର୍ତ୍ତମାନ ଓଡ଼ିଶା ଏଫ୍‌ସି ମହିଳା ଦଳ ପାଇଁ ଖେଳୁଛନ୍ତି ମଣିପୁରରେ ଜନ୍ମିତ ଲିଣ୍ଡା କମ୍। । ପୂର୍ବରୁ ଭାରତୀୟ ଦଳ ପାଇଁ ବିଭିନ୍ନ ବୟସ ବର୍ଗରେ ଖେଳି ସାରିଥିବା ବେଳେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଖେଳିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିବା ପରି ୧୩ ବର୍ଷ ବୟସରେ ଖେଳ ଆରମ୍ଭକରି ସେ ବିଭିନ୍ନ ବୟସ ବର୍ଗରେ ଭାରତ ପାଇଁ ଖେଳିଛନ୍ତି।

**ପ୍ରଶ୍ନ:** କେଉଁଠୁ ଆସନ୍ତି ଓ ପରିବାରରେ କିଏ କିଏ ଅଛନ୍ତି ?

**ଉତ୍ତର:** ମୋ ନାଁ ଲିଣ୍ଡା କମ୍। ମଣିପୁରରେ ମୋର ଜନ୍ମ। ବାପା ଅଚୁଙ୍ଗ ଜଣେ କୃଷକ ଓ ମା' ଜନନୀ ଏକ ଷ୍ଟେଶନେରି ଦୋକାନ ଚଳାଇଥାନ୍ତି।

**ପ୍ରଶ୍ନ:** ଫୁଟ୍‌ବଲ ପ୍ରତି ଭଲପାଇବା କେଉଁଠୁ ଆସିଲା ?

**ଉତ୍ତର:** ପିଲାବେଳୁ ଫୁଟ୍‌ବଲ ପ୍ରତି ସେମିତି ଖାସ୍ ଦୁର୍ବଳତା ନ ଥିଲା। ମୋ ସାଙ୍ଗମାନେ ଫୁଟ୍‌ବଲ ଖେଳୁଥିବା ବେଳେ ୨୦୧୬ରେ ମୁଁ ପ୍ରଥମଥର ପୁଅ ପିଲାଙ୍କ ସହ ଫୁଟ୍‌ବଲ ଖେଳିଥିଲି। ପରବର୍ତ୍ତୀ ସମୟରେ ୨୦୧୭ରେ ମୋତେ ୧୫ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ମିଳିଥିଲା।

**ପ୍ରଶ୍ନ:** କେଉଁ ଫୁଟ୍‌ବଲରଙ୍କୁ ନିଜର ଆଦର୍ଶ ମାନନ୍ତି ?

**ଉତ୍ତର:** ଫୁଟ୍‌ବଲ କ୍ୟାରିୟର ଆରମ୍ଭରୁ ମୁଁ କାହାରିକୁ ଆଦର୍ଶ ଭାବେ ଗ୍ରହଣ କରି ନ ଥିଲି। ତେବେ ସମୟକ୍ରମେ ଲିଓନେଲ ମେସି ମୋର ପସନ୍ଦର ଖେଳାଳି ରହିଛନ୍ତି।

ପ୍ରଶ୍ନ: ମଣିପୁରରେ ଫୁଟ୍‌ବଲ କଲ୍‌ଚର କିଭଳି ରହିଛି ?

**ଉତ୍ତର:** ମଣିପୁରରେ ଛୋଟ ଛୋଟ ଗାଁର କ୍ଲବଗୁଡ଼ିକରେ ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥାଏ। ଏଠାରେ ସ୍ୱାଭାବିକ ଭାବେ ଖେଳାଳିମାନେ ବେଶ୍ ପ୍ରତିଭାଶାଳୀ ରହିଥାନ୍ତି। ଏହାର ପ୍ରଭାବ ଭାରତୀୟ ଫୁଟ୍‌ବଲରେ ମଧ୍ୟ ଦେଖିବାକୁ ମିଳିଥାଏ।

**ପ୍ରଶ୍ନ:** କାହା ସହ ଖେଳିବାରେ ମଜା ଆସିଥାଏ ?

ଉତ୍ତର: ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ର ପ୍ରସ୍ତୁତି ଗୋଆରେ ହେଉଥିଲା। ଏହି ସମୟରେ ରାଇଟ୍ ୱିଙ୍ଗ୍‌ରେ ଅମିତା ଓ ଲେଫ୍ଟ ୱିଙ୍ଗ୍‌ରେ ସୁମତିଙ୍କ ସହ ଖେଳିବାକୁ ମୁଁ ବେଶ୍ ଉପଭୋଗ କରିଥିଲି। ସମାନ ଭାବେ ଓଡ଼ିଶା ଏଫ୍‌ସିରେ ପ୍ୟାରୀ ଖାଖା ଓ ୱିନ୍‌ଙ୍କ ଖେଳ ମୋତେ ପ୍ରଭାବିତ କରିଛି।

**ପ୍ରଶ୍ନ:** କେଉଁ ଡିଫେଣ୍ଡରଙ୍କୁ ପରାସ୍ତ କରିବା କଷ୍ଟସାଧ୍ୟ ?

**ଉତ୍ତର:** ଭାରତରେ କୌଣସି ଡିଫେଣ୍ଡରଙ୍କ ବିପକ୍ଷରେ ଏତେଟା କଷ୍ଟସାଧ ଲାଗି ନ ଥାଏ। ତେବେ ପ୍ରଥମଥର ଏଏଫ୍‌ସି କପ୍ ଖେଳିବା ସମୟରେ ଜାପାନ ବିପକ୍ଷରେ ଆମକୁ ବେଶ୍ ଅସୁବିଧା ହୋଇଥିଲା।

**ପ୍ରଶ୍ନ:** ଓଏଫ୍‌ସି ପ୍ରଥମଥର ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ହାସଲର ଅନୁଭବ କେମିତି ଥିଲା ?

**ଉତ୍ତର:** ପ୍ରଥମ ଭାରତୀୟ କ୍ଲବ ଭାବରେ ଆମେ ଯୋଗ୍ୟତା ଅର୍ଜନକରି ଇତିହାସ ରଚିଥିବା ବେଳେ ମୁଖ୍ୟ ଗ୍ରୁପ୍‌ରେ ମଧ୍ୟ ସାମିଲ ହୋଇଥିଲୁ। ଏହା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଥିଲା।

ପ୍ରଶ୍ନ: ଏଏଫ୍‌ସି କପ୍‌ରେ ପ୍ରଦର୍ଶନ କାହିଁକି ଖରାପ ରହିଥିଲା ?

**ଉତ୍ତର:** ଏଏଫ୍‌ସି କପ୍ ପାଇଁ ଆମେ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଥିଲୁ। ଅନ୍ୟପକ୍ଷରେ ବିଦେଶୀ ଦଳଗୁଡ଼ିକରେ ଅଭିଜ୍ଞ ଖେଳାଳି ରହିଥିବା ବେଳେ ଆମର ଏକ ସମ୍ପୂର୍ଣ୍ଣ ଯୁବଦଳ ରହିଥିଲା। ପ୍ରଦର୍ଶନ ଖରାପ ରହିଥିଲେ ହେଁ ଖେଳାଳିମାନେ ଅଭିଜ୍ଞତାର ସହ ପ୍ରତ୍ୟାବର୍ତ୍ତନ କରିଥିଲେ।

**ପ୍ରଶ୍ନ:** ଓଏଫ୍‌ସିରେ ମାହୋଲ କିଭଳି ରହିଛି ?

**ଉତ୍ତର:** ଏଠାରେ ଯୁବ ଖେଳାଳିମାନଙ୍କୁ ସିନିୟର ଖେଳାଳି ଓ ମ୍ୟାନେଜମେଣ୍ଟ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିଥାଏ। ଏକ ପରିବାର ଭଳି ଚଳୁଥିବାରୁ ଏହା ବେଶ୍ ଖୁସି ପ୍ରଦାନ କରିଥାଏ।

**ପ୍ରଶ୍ନ:** ବିଦେଶର ଫୁଟ୍‌ବଲ ଓ ଭାରତୀୟ ଫୁଟ୍‌ବଲ ମଧ୍ୟରେ କ'ଣ ଫରକ ରହିଛି ?

**ଉତ୍ତର:** ବିଦେଶରେ ଫୁଟ୍‌ବଲକୁ ଗମ୍ଭୀରତାର ସହ ନେଇଥାନ୍ତି। ସେଠାରେ ଫୁଟ୍‌ବଲର କଲ୍‌ଚର ରହିଥିବା ବେଳେ ଭବିଷ୍ୟତ ପାଇଁ ଚିନ୍ତା କରିଥାନ୍ତି। ଭାରତରେ ୨୦୧୪ ପରଠାରୁ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖିବାକୁ ମିଳିଛି। ଆଗାମୀ ଦିନରେ ଅନେକ ନୂତନ ଖେଳାଳି ସୃଷ୍ଟି ହେବାର ଆଶା ରହିଛି।

**ପ୍ରଶ୍ନ:** ମହିଳା ଖେଳାଳି ଭାବରେ କ'ଣ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ ?

**ଉତ୍ତର:** ପୁରୁଷ ଖେଳାଳିଙ୍କ ଭଳି ଆମେ ସମାନ ପରିଶ୍ରମ କରୁଥିଲେ ମଧ୍ୟ ସ୍ୱୀକୃତି କମ୍ ମିଳିଥାଏ। ପୁରୁଷ ଖେଳାଳିଙ୍କ ତୁଳନାରେ ମହିଳା ଖେଳାଳିଙ୍କୁ କମ୍ ପାରିଶ୍ରମିକ ମିଳିବା ଏହାର ଆଉ ଏକ ବଡ଼ ଉଦାହରଣ।

**ପ୍ରଶ୍ନ:** କୋଚ୍ ଭାବେ କ୍ରିସ୍ପିନ୍ ଛେତ୍ରୀ କିଭଳି ଦଳ ପରିଚାଳନା କରନ୍ତି ?

**ଉତ୍ତର:** କୋଚ୍ ଭାବରେ କ୍ରିସ୍ପିନ୍ ଛେତ୍ରୀ ସମସ୍ତଙ୍କୁ ଉତ୍ସାହିତ କରିଥାନ୍ତି। ସ୍କୋର କରିବା ନ କରିବା ନେଇ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାନ୍ତି। ତେବେ ପଡ଼ିଆରେ ନିଜ ଦାୟିତ୍ୱ ଠିକ୍ ଢଙ୍ଗରେ ନିଭାଇବା ଉପରେ ସେ ଗୁରୁତ୍ୱ ଦେଇଥାନ୍ତି। ଏଏଫ୍‌ସି କପ୍‌ରେ ଖରାପ ପ୍ରଦର୍ଶନ ପରେ ସମସ୍ତ ଖେଳାଳି ନିରାଶ ହୋଇଥିବା ବେଳେ କୋଚ୍ ହିଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

## ରିଅଲ ଫ୍ରେଣ୍ଡ

ତେର ହଜାର କି.ମି.
ସାଇକେଲ ଚଳାଇ
ଶେଷେ ରୋନାଲ୍ଡୋଙ୍କୁ ଭେଟି
ଚାଇନାର ଯୁବ ଫ୍ୟାନ୍
ଗୋଙ୍ଗ ମନ
ଆନନ୍ଦରେ ଯାଏ ଫାଟି
ସାତ ମାସ ଗଲା କଟି
ଆମ ଯୁବଶକ୍ତି ଉଇକ୍
ଆଣ୍ଡ ଡ୍ୟାମେଜ
ବାଇକ୍ ଚଢ଼ି, ଲେଟ୍ ଉଠି।

ଇଂଲଣ୍ଡର କିମ୍ବଦନ୍ତୀ କ୍ରିକେଟର
ମୋୟଲ ନଦୀରେ ମାଛ
ଧରିବାକୁ ଯାଇ ଖସିଗଲା ଗୋଡ
ବୋଟ ହେଲା ଆଗପଛ
କଥା ସତ ଲାଗେ ମିଛ
ଅଥଳ ଜଳରେ
ବୋଥାମ ଆଗରେ
କୁମ୍ଭୀର ହଲାଏ ପୁଛ।

ଆଖି ସାମନାରେ
ଏ ଘଟଣା ଦେଖି
ଅଷ୍ଟ୍ରେଲୀୟ କ୍ରିକେଟର
ମର୍ଭି ହ୍ୟୁଗ୍ସ ସହଯୋଗୀଙ୍କ
ସହିତ
ଉଦ୍ଧାରିଲେ ନାହିଁ ଡର
ସେ ରିଅଲ ଫ୍ରେଣ୍ଡ ସୁର
ଶତ୍ରୁ ହୋଇ ବିପଦରେ
ସାହା ହୁଅ
ହଉ ସାଧୁ କିମ୍ବା ଚୋର।

-ସୁବାଷ ଚନ୍ଦ୍ର ପ୍ରଧାନ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବଦ୍ରିନାଥ
ପରିବାରବର୍ଗ


ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସପ୍ତାହେ ମଧ୍ୟରେ ସୁନା ୩୪୦୦ଟଙ୍କା ହ୍ରାସ

**ନୂଆଦିଲ୍ଲୀ,୧୪।୧୧**

### ୩୨୦୦ ଟଙ୍କା କମିଲା ରୁପା ଦର



କ୍ରମାଗତ ଭାବେ ଘରୋଇ ବଜାରରେ ଉଭୟ ସୁନା ଓ ରୁପା ମୂଲ୍ୟରେ ପରିବର୍ତ୍ତନ ହେଉଛି। ଏପରିକି ଡଲାର ସୂଚକାଙ୍କରେ କ୍ରମାଗତ ବୃଦ୍ଧି ଏବଂ ଆମେରିକୀୟ ବଣ୍ଡ ଆୟ ସୁନା ଓ ରୁପା ଦରରେ ବଡ ଧରଣର ହ୍ରାସ ଘଟାଉଛି। ଫଳରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ମଧ୍ୟ ସୁନା ଓ ରୁପା ଦରରେ ସୁଧାର ଦେଖିବାକୁ ମିଳିଛି। ଅପରପକ୍ଷରେ ଡୋନାଲ୍ଡ ଟ୍ରମ୍ପ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଜିତିବା ଯୋଗୁ ସୁନା ଦରରେ ବଡ଼ ପରିବର୍ତ୍ତନ ହୋଇଚାଲିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଗୁରୁବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ମଧ୍ୟ ସୁନା ମୂଲ୍ୟ ହ୍ରାସ ପାଇଛି। ଏପରିକି ଏମ୍‌ସିଏକ୍ସରେ ଡିସେମ୍ବର ଡେଲିଭରି ପାଇଁ ସୁନା ଦର ୧୦ ଗ୍ରାମ ପିଛା ୬୧୫ ଟଙ୍କା ହ୍ରାସ ପାଇ ୭୨,୮୬୭ ଟଙ୍କାକୁ ଖସି ଆସିଥିଲାବେଳେ ରୁପା କିଲୋଗ୍ରାମ ଉପରେ ୧୧୬୫ ଟଙ୍କା କମି ୮୮୦୩୨ ଟଙ୍କାରେ ପହଞ୍ଚିଛି। ଗତ ୧ ସପ୍ତାହ ମଧ୍ୟରେ ସୁନା ୧୦ ଗ୍ରାମ ଉପରେ ୩୪୦୦ ଟଙ୍କା ଏବଂ ରୁପା କେଜି ପିଛା ୩୨୦୦ ଟଙ୍କା ହ୍ରାସ ପାଇଛି। ସେହିପରି କୋମେକ୍ସରେ ମଧ୍ୟ ସୁନା ଦର ୨୫୬୭ ଡଲାରକୁ ଖସି ଆସିଛି। ଏପରିକି ଫ୍ୟୁଚର ବଜାରରେ ବି ସୁନା ଦର କମିଥିବାବେଳେ ସ୍ପଟ୍ ବଜାରରେ ସୁନା ଦର ହ୍ରାସ ପାଇ ୨୨ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୩,୬୪୮ ଟଙ୍କାରେ ରହିଛି।

ଅପରପକ୍ଷରେ ଅନ୍ତଃରାଷ୍ଟ୍ରୀୟ ବଜାର ମୂଲ୍ୟ ହ୍ରାସର ପ୍ରଭାବ ଘରୋଇ ବଜାରରେ ପଡିଛି। ଗୁରୁବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୭୭,୦୧୩ ଟଙ୍କା ଥିଲାବେଳେ ରୁପା କେଜି ପିଛା ୯୪,୦୦୦ ଟଙ୍କାରେ କାରବାର ହେଉଛି। ଏପରିକି ଚେନ୍ନାଇ, ମୁମ୍ବାଇ ଓ କୋଲକାତା ଭଳି ମହାନଗରରେ ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୭୬,୮୬୧ ଟଙ୍କା, ୭୬୮୬୭ ଟଙ୍କା ଏବଂ ୭୬ ୮୬୫ ଟଙ୍କା ହୋଇଥିଲାବେଳେ ଉପରୋକ୍ତ ମହାନଗରରେ ରୁପା କେଜି ପିଛା ୧,୦୩,୮୦୦ ଟଙ୍କା, ୯୩,୩୦୦ ଟଙ୍କା ଏବଂ ୯୪,୮୦୦ ଟଙ୍କାରେ କାରବାର ହେଉଛି।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଦିନିକିଆ କର୍ମଶାଳା



**ଭୁବନେଶ୍ୱର,୧୪।୧୧**

ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆ ପକ୍ଷରୁ ଗୁରୁବାର ବଡ଼ବିଲଠାରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏପରିକି ଲୁହାପଥରର ଉପକାରିତା ଏବଂ ଖଣି କ୍ଷେତ୍ରରେ ସ୍ଥାୟୀ ଉତ୍ପାଦକତା ପାଇଁ ଏହାର ବିକାଶ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି ଅବସର (ଫୋରମ)ରେ ଅନେକ କ୍ଷେତ୍ର ବିଶେଷଜ୍ଞ ଲୁହାପଥର ସମ୍ପଦର ହ୍ରାସ ପାଉଥିବା ଗ୍ରେଡ୍ ଉପଯୋଗ କରିବାରେ ଖଣି କମ୍ପାନୀଗୁଡିକ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିଭଳି ଏହି କର୍ମଶାଳାକୁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନିର୍ଦ୍ଦେଶକ (ଖଣି ଓ ପ୍ରକଳ୍ପ) ଆଲୋକ କୁମାର ମେହେଟ୍ଟା ସମ୍ମାନିତ ଅତିଥି ଭାବେ ଯୋଗଦେବା ସହ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନକରି ଭାରତ ଭଳି ବିକାଶଶୀଳ ଦେଶ ପାଇଁ ଲୁହାପଥରର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଲୁହାପଥର ସମ୍ପଦର ଉପଯୋଗ ସହ ଆଧୁନିକ ଉପକାରୀ କୌଶଳ ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏପରିକି ସେ ଏଚ୍‌ପିଜିଆର୍ (ହାଇ ପ୍ରେସର ଗ୍ରାଇଣ୍ଡିଂ ରୋଲ୍ସ) ଭଳି ଆଧୁନିକ ଉପକାର କୌଶଳର କାର୍ଯ୍ୟକଳାପ ବିଷୟରେ ମଧ୍ୟ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ,ଯାହା ମିଲିଂରେ ସାହାଯ୍ୟ କରୁଥିବା ଚୟନମୂଳକ କ୍ରସିଂ ଏବଂ ଷ୍ଟିରିଂ ମିଲ୍‌ଗୁଡିକରେ ସାହାଯ୍ୟ କରିଥାଏ। ଉକ୍ତ କର୍ମଶାଳାରେ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ପୂର୍ବତନ ବୈଜ୍ଞାନିକ ଡ. ଡି.ଏସ୍. ରାଓ, ବେଙ୍ଗାଲୁରୁର ଖଣିଜ ପ୍ରକ୍ରିୟାକରଣ ବିଶେଷଜ୍ଞ ପ୍ରଫେସର ବି.ପି. ରବି, ବେଙ୍ଗାଲୁରୁର ଡେଲକୋର ଡ. ଭେଙ୍କୋବା ରାଓ, ଖଣ୍ଡବନ୍ଧ ସ୍ଥିତ ଟାଟା ଷ୍ଟିଲ୍‌ର ଖଣି ମୁଖ୍ୟ ଜି.ଭି.ସତ୍ୟନାରାୟଣ ପ୍ରମୁଖ ଲୁହାପଥରର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ଆଧୁନିକ ଉପକାର କୌଶଳ ଅବଲମ୍ବନ କରିବା ଉପରେ ସେମାନଙ୍କର ମୂଲ୍ୟବାନ ଜ୍ଞାନ ଓ ମତ ଉପସ୍ଥାପନ କରିଥିଲେ, ଯାହା ବ୍ଲାଷ୍ଟ ଫର୍ନେସ୍ ଉତ୍ପାଦକତା ବୃଦ୍ଧି ଏବଂ ଏଫ୍‌ଇ ବିଷୟବସ୍ତୁ ବୃଦ୍ଧି କରିବ। ଭବିଷ୍ୟତର ଅଭିବୃଦ୍ଧି ପାଇଁ ଅଭିନବତା ଉପରେ ଗୁରୁତ୍ୱ ଦେଇ କର୍ମଶାଳାରେ ସୂଚନା ଏବଂ ସମାଧାନ ଦେଶର ଲୁହାପଥର କ୍ଷେତ୍ରରେ ଥିବା ଆହ୍ୱାନର ସମାଧାନ କରିବାରେ ଗୁରୁତ୍ୱାରୋପ ଦିଆଯିବ।

# ବିଶ୍ୱର ଶ୍ରେଷ୍ଠ ୧୦୦ ଶିଳ୍ପପତିଙ୍କ ମଧ୍ୟରେ ମୁକେଶ

**ମୁମ୍ବାଇ,୧୪।୧୧ (ଅଭୟ ଦାଶ)**


ମୁକେଶ ଅମ୍ବାନୀ

### ଫର୍ଚୁନ୍ ତାଲିକାର ଦ୍ୱାଦଶ ସ୍ଥାନରେ ଅମ୍ବାନୀ ଏକମାତ୍ର ଭାରତୀୟ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ପୁଣି ଥରେ କେବଳ ଦେଶରେ ନୁହେଁ, ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଉଦ୍ୟୋଗପତି ଭାବେ ଫର୍ଚୁନ୍ ମାଗାଜିନର ଶକ୍ତିଶାଳୀ ବ୍ୟବସାୟୀ-୨୦୨୪ ତାଲିକାରେ ସ୍ଥାନ ପାଇଛନ୍ତି । ଉଲ୍ଲେଖଯୋଗ୍ୟ, ଫର୍ଚୁନ୍ ମାଗାଜିନ ପକ୍ଷରୁ ବିଶ୍ୱର ଶ୍ରେଷ୍ଠ ୧୦୦ ଶକ୍ତିଶାଳୀ ଶିଳ୍ପପତିଙ୍କ ତାଲିକା ନିକଟରେ ପ୍ରକାଶ ପାଇଛି। ଏଥିରେ ଏଲନ୍ ମସ୍କ ପ୍ରଥମ ସ୍ଥାନରେ ଥିଲାବେଳେ ମୁକେଶ ଅମ୍ବାନୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ମୁକେଶ ଅମ୍ବାନୀଙ୍କ ବ୍ୟତୀତ ଫର୍ଚୁନ୍ ପାୱାରଫୁଲ୍ ବିଜ୍‌ନେସ୍ ଲିଷ୍ଟ-୨୦୨୪ରେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ପ୍ରଥମ ସ୍ଥାନ ଏବଂ ଏନ୍‌ଭିଡିଆ ସିଇଓ ଜେନ୍‌ସେନ୍ ହୁଆଙ୍ଗ ୨ୟ ସ୍ଥାନରେ ରହିଛନ୍ତି। ସେହିଭଳି ସତ୍ୟ ନାଡେଲା ଉକ୍ତ ତାଲିକାର ତୃତୀୟ ସ୍ଥାନରେ ଥିଲାବେଳେ ୱାରେନ୍ ବଫେଟ୍ ୪ର୍ଥ,ଜେମି ଡିମନ୍ ୫ମ, ଟିମ୍ କୁକ୍ ୬ଷ୍ଠ, ମାର୍କ ଜୁକରବର୍ଗ ୭ମ, ସାମ୍ ଅଲ୍ଟମ୍ୟାନ୍ ୮ମ, ମେରି ବାରା ୯ମ ଏବଂ ସୁନ୍ଦର ପିଚାଇ ୧୦ମ ସ୍ଥାନରେ ରହିଥିବା ବେଳେ ଜେଫ୍ ବେଜୋସ୍ ୧୧ତମ ସ୍ଥାନରେ ରହିଛନ୍ତି। ଆର୍‌ଆଇଏଲ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ ଦେଶର ପ୍ରମୁଖ ଉଦ୍ୟୋଗପତିମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଥିଲାବେଳେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ନୂତନ ଉତ୍କର୍ଷରେ ପହଞ୍ଚାଇ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏପରିକି ଜିଓର ଶୁଭାରମ୍ଭକରି ସେ ଦେଶର ଟେଲିକମ୍ କ୍ଷେତ୍ରର ଚେହେରା ବଦଳାଇଛନ୍ତି। ଡିଜିଟାଇଜେଶନ ଜରିଆରେ ଦେଶର ବିକାଶ ମଧ୍ୟ ତ୍ୱରାନ୍ୱିତ ହୋଇଛି। ରିଟେଲ କ୍ଷେତ୍ରରେ କମ୍ପାନୀ ପ୍ରତିଦିନ ନୂଆ ନୂଆ ରେକର୍ଡ ସୃଷ୍ଟି କରୁଛି। ସବୁଜ ଶକ୍ତି କ୍ଷେତ୍ରରେ ମଧ୍ୟ କମ୍ପାନୀ ଜୋର୍‌ଦାର କାର୍ଯ୍ୟ ଜାରି ରଖିଛି। ମୁକେଶ ଅମ୍ବାନୀ ହେଉଛନ୍ତି ଏକମାତ୍ର ଭାରତୀୟ ଯିଏକି ଫର୍ଚୁନ୍ ମାଗାଜିନର ଶକ୍ତିଶାଳୀ ବ୍ୟବସାୟୀ-୨୦୨୪ ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି।

# ୧୩୬ ନିୟୁତ ଲୋକ ପ୍ରାକ୍-ମଧୁମେହ ରୋଗୀ

**ନୂଆଦିଲ୍ଲୀ,୧୪।୧୧**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଶ୍ୱ ମଧୁମେହ ଦିବସ ସର୍ବଭାରତୀୟ ସ୍ତରରେ ପାଳିତ ହୋଇଯାଇଛି। ପ୍ରତି ବର୍ଷ ନଭେମ୍ବର ୧୪ରେ ପାଳନ କରାଯାଉଥିବା ବିଶ୍ୱ ମଧୁମେହ ଦିବସ ମଧୁମେହ ବିଷୟରେ ବିଶ୍ୱସ୍ତରୀୟ ସଚେତନତା ସୃଷ୍ଟିକରେ ଏବଂ ସୁଲଭ ଯତ୍ନର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ। ସେହିଭଳି ବିଶ୍ୱର ମଧୁମେହ ରାଜଧାନୀ ଭାବେ ଜଣାଶୁଣା ଭାରତ ଏକ ବର୍ଦ୍ଧମାନ ଆହ୍ୱାନର ସମ୍ମୁଖୀନ ହୋଇଛି। ଏପରିକି ୧୦୧ ନିୟୁତ ଭାରତୀୟଙ୍କର ମଧୁମେହ ଥିବାବେଳେ ୧୩୬ ନିୟୁତ ଲୋକ ପ୍ରାକ୍-ମଧୁମେହ ରୋଗୀ ବୋଲି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଦ୍ୱାରା ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି। ବିଶେଷକରି ଖାଦ୍ୟପେୟ ପରିବର୍ତ୍ତନ ଏବଂ ଆମେ ଖାଉଥିବା ଖାଦ୍ୟ ମାଧ୍ୟମରେ ପ୍ରଭାବଶାଳୀ ମଧୁମେହ ପରିଚାଳନା ରଣନୀତି ଗ୍ରହଣ କରିବାର ଗୁରୁତ୍ୱ ଉପରେ ଏହା ବିସ୍ତୃତ ଆଲୋକପାତ କରିଥାଏ। ଏଥିପାଇଁ ରକ୍ତ ଶର୍କରା ସ୍ତର ବଜାୟ ରଖିବାରେ ସାହାଯ୍ୟ କରୁଥିବା ତଥା ପ୍ରୋଟିନ, ଅସଂତୃପ୍ତ ଚର୍ବି ଏବଂ ଆହାରୀୟ ତନ୍ତୁ ଆଦି ୧୫ଟି ଜରୁରୀ ପୋଷକ ତତ୍ତ୍ୱ ରହିଥିବା ଆଲମଣ୍ଡ ପରି ପୌଷ୍ଟିକ ଖାଦ୍ୟକୁ ସବୁ ବର୍ଗର ଲୋକ ଖାଦ୍ୟରେ ସାମିଲ କରିପାରିବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଫର୍ଟିସ-ସି-ଡକ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ନୂଆଦିଲ୍ଲୀର ଚେୟାରମ୍ୟାନ ତଥା ପ୍ରଫେସର (ମଧୁମେହ, ଚୟାପୋଚୟୀ ରୋଗ ଏବଂ ଏଣ୍ଡୋକ୍ରିନୋଲୋଜି) ଡା. ଅନୁପ ମିଶ୍ରାଙ୍କ ନେତୃତ୍ୱରେ ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି, ଭୋଜନ ପୂର୍ବରୁ ଆଲମଣ୍ଡ ସ୍ନାକ୍ସ କରିବା ଦ୍ୱାରା ଏସୀୟ ଭାରତୀୟଙ୍କ ରକ୍ତ ଶର୍କରା ନିୟନ୍ତ୍ରଣରେ ବିଶେଷ ଉନ୍ନତି ହୋଇଥାଏ। ଏପରିକି ୧୨ ସପ୍ତାହ ମଧ୍ୟରେ ପ୍ରାୟ ଏକ ଚତୁର୍ଥାଂଶ ଅଂଶଗ୍ରହଣକାରୀଙ୍କ ପ୍ରିଡାଇବେଟିସ୍ ବଦଳାଇ ଦେଇଥିଲେ। ଏ ସମ୍ପର୍କରେ ପୌଷ୍ଟିକ ଏବଂ ସୁସ୍ଥତା ପରାମର୍ଶଦାତା ଶୀଲା କୃଷ୍ଣସ୍ୱାମୀ କହିଛନ୍ତି, ଦୈନନ୍ଦିନ ଆହାରରେ ଆଲମଣ୍ଡ ଏକ ଉତ୍କୃଷ୍ଟ ଅନ୍ତର୍ଭୁକ୍ତ। କାରଣ ଏଥିରେ କିଛି ପୋଷକ ତତ୍ତ୍ୱ ରହିଥାଏ।


# Classified Everyday
0674-2580101, 2549949


REAL ESTATE
SALE

ତ୍ରିନାଥ ବଜାର ମହୀଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 7978874990, 9777554170.** D-1961

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-1960

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

Triplex in gated society, 3000sqft. Carpet area at Bomikhal for resale. Call- 8917520527. D-1932

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

Road side plot 100 decimal available for sale at Janla near Bhuasuni Temple suitable for residential/ commercial purpose. No middle man. Only buyers are invited. Contact No.- 8249760208. D-1928

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

Ready to move 4 BHK Duplex bungalow at Botanda, Sundarpada, Bhubaneswar near Saivilla, ranging 94 Lakhs. Contact: 9040521173 / 9861125539. D-76030




Newly open health benefits SPA special offer @ 799 Bapujinagar. 8018429809. D-76168

Newly open Jyoti SPA positively health benefits (Expert therapist). 8458067955. D-76166

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## AFFIDAVIT

By virtue of an affidavit sworn before the Executive Magistrate, Cuttack dated 04.11.2024, I, Smt. Dipti Khuntia, legal married wife of J.C-752518P Ex-Subedar- Bijay Kumar Khuntia of Kunjabihari Lane, Nuapada, P.O.- Nayabazar, P.S.- Madhupatna, Dist.- Cuttack- 753004, Odisha declare that my name is Dipti Khuntia but my name has wrongly mentioned as Depti Rekha Khuntia in my Husband's PPO account bearing PPO No.-204200402036. I further declare that I am same person in this name of Dipti Khuntia as well as Depti Rekha Khuntia. Henceforth, I may be known as DIPTI KHUNTIA for all purposes. D-1963

I, Annapurna Sasmal, W/o- Sudarshan Sasmal, resident of Plot No. 53/A, Keshpur, CRRI, Dist-Cuttack-753006, Odisha declare by this Affidavit No. 8918 Dt. 14.11.24 that now onwards I shall be known as **ANNAPURNA PRADHAN** for all future purposes. D-75828

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Smt. Patana Hema, Wife of Pottana Murtaya, resident of Gopalpalli, P.O.-Khambarigam, Dist.- Ganjam, Pin-761004, Odisha declare by this Affidavit No.-659, dated 12.11.24 after marriage change my surname from Potti to Patana. That now onwards I shall be known as PATANA HEMA for all future Purpose. D-1967

I, PUSPANJALI MOHANTY, aged about 39 years, W/o-Ajit Kumar Pattanayak, resident of AT/P.O.-Kishorganj, P.S.- Handapa, Dist.-Angul, Pin-759127, Aadhaar No.- 752651558785 do hereby declare that affidavit No.- 3718, dtd-12.11.2024 my name PUSPANJALI MOHANTY and JYOTSNA KUMARI PATTANAYAK is same and one person, there is no such other person, PUSPANJALI MOHANTY IS RIGHT. Mother of AYUSMAN PATTANAYAK and ANUDHYA PATTANAYAK for all future purpose. D-1965

By virtue of an affidavit before the Executive Magistrate, Kanika that I Sukanta Kumar Sahoo (father) and Banita Sahoo (mother) of our daughter Suchismita Sahoo. But it has wrongly written in Aadhaar Card No.- xxxx xxxx 1762 as Biswalaxmi Sahoo instead of Suchismita Sahoo. Henceforth she will be known as Suchismita Sahoo for all official purposes. D-1959

## ମନେ ପଡ଼ନ୍ତି

**WE MISS YOU KUNU**



DOB: 04/06/2013
DOD: 14/11/2016
Nikirai, Kendrapara

A day spent away from you is as good as a day not worth being alive ...
We Miss You Kunu
With Loving Memory:
Felu & Family
ଧ-୭୫୫୭୭

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଏପୁଷ୍ପଶ୍ରୀ ସିଂହ (କୁନି)
ସ୍ୱାମୀ: ନନ୍ଦ କିଶୋର ସିଂହ
ଗ୍ରାମ: ପାଞ୍ଚଗାଁ, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୮।୧୯୬୭
ତିରୋଧାନ: ୦୪।୧୧।୨୦୨୪

ତୁମେ ଦେଇଥିବା କଥା ରଖି ତୁମେ ଆଗ ଚାଲିଗଲ। ତୁମର ମିଷ୍ଟଭାଷୀ କଥା, ସମସ୍ତଙ୍କୁ ନିଜର କରିବା ଦକ୍ଷତାକୁ ମନେ ପକାଉଛୁ। ଯେଉଁଠି ଥାଅ ଭଲରେ ଥାଅ। ତୁମ ଆତ୍ମାର ସଦ୍‌ଗତି ପାଇଁ ଜଗନ୍ନାଥ ମହାପ୍ରଭୁଙ୍କଠାରେ ପ୍ରାର୍ଥନା।

ଶୋକସନ୍ତପ୍ତ- ପୁତ୍ର: ହାପି, ଲୁପି, ଚିଣ୍ଟୁ, କାଳିଆ, ବଳିଆ, ରକି, କନ୍ୟା: ରିଙ୍କି, ଏଲି, ମିକି, ରୁବୁଲ, ବୁବୁଲ, ରିଙ୍କୁ, ପାପୁଲ, ରଫି, ପୁତ୍ରବଧୂ: ଲାଲି, ଲିପ୍ସା ଏବଂ ସିଂହ ପରିବାର ସଦସ୍ୟବୃନ୍ଦ।
ଧ-୧୯୬୮

**ଅଷ୍ଟମ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ- ୨୩।୧୦।୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା ୧୪।୧୧।୨୦୧୬

ଆଜିକୁ ଆଠ ବର୍ଷ ତଳେ ଏହି ପୁଣ୍ୟ ତିଥିରେ ତୁ ଆମ୍ଭ ସମସ୍ତଙ୍କୁ ଶୋକସାଗରରେ ବୁଡ଼ାଇ ଚିରଦିନ ପାଇଁ ପରମାରାଧ୍ୟଙ୍କ ଆଶ୍ରିତ ହୋଇଗଲୁ। ତୋର ସ୍ଥାନ ଆମ୍ଭ ପରିବାର ପାଇଁ ଅପୂରଣୀୟ। ତୋର ଅଧ୍ୟବସାୟ, କର୍ମନିଷ୍ଠା, ସ୍ନେହପ୍ରବଣତା ଆମ୍ଭ ସମସ୍ତଙ୍କ ପାଇଁ ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲା। ପରମେଶ୍ୱର ପରିବାରର ସମସ୍ତଙ୍କୁ ତୋର ଆଦର୍ଶରେ ଅନୁପ୍ରାଣିତ କରନ୍ତୁ, ଏତିକି ମାତ୍ର ପ୍ରାର୍ଥନା।
ପରିବାର ଏବଂ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୧୯୭୭

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୧୪।୧୧**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୧୧୧ (୧୧୦.୬୪) ପଏଣ୍ଟ କମି ପ୍ରାୟ ୭୭,୫୮୦ (୭୭,୫୮୦.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୬ (୨୬.୩୫) ପଏଣ୍ଟ ହ୍ରାସ ଘଟି ୨୩,୫୩୩ (୨୩,୫୩୨.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# 'ଆପ୍‌କା ଅଙ୍ଗ୍‌ରକ୍ଷକ' କ୍ୟାମ୍ପେନିଂର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୪।୧୧**

ଡାବର ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ 'ଆପ୍‌କା ଅଙ୍ଗ୍‌ରକ୍ଷକ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଡାବର ଚୱନପ୍ରକାଶ ସୁଗାର ଫ୍ରି ପକ୍ଷରୁ ବିଶ୍ୱ ମଧୁମେହ ଦିବସ ଅବସରରେ 'ଆପ୍‌କା ଅଙ୍ଗ୍‌ରକ୍ଷକ' ଶୀର୍ଷକ ନାମକ ଏକ ସ୍ୱାସ୍ଥ୍ୟ ସଚେତନତା କ୍ୟାମ୍ପେନିଂର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନିଂ ଜଣେ ମଧୁମେହ ରୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକର ସୁସ୍ଥତା ବଜାୟ ରଖିବା ଓ ପ୍ରତିରୋଧକ ଶକ୍ତିର ଆବଶ୍ୟକତା ସମେତ ରକ୍ତ ଶର୍କରା ସ୍ତର ଉନ୍ନତ ରଖିବା, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଓ ସୁସ୍ଥ ରହିବାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟିକରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ନୂତନ ଟିଭିସି ଡାବର ଚୱନପ୍ରକାଶ କିଭଳି ଫ୍ରି ରାଡିକାଲ୍ସକୁ ନ୍ୟୁଟ୍ରାଲାଇଜ କରିବାରେ ସାହାଯ୍ୟ ଓ ହିତାଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ, ତାହାକୁ ସୁନ୍ଦର ଭାବେ ବର୍ଣ୍ଣନା (ହାଇଲାଇଟ୍) କରୁଛି। ଏ ସମ୍ପର୍କରେ ଡାବର ଇଣ୍ଡିଆର ମାର୍କେଟିଂ ହେଡ୍ (ହେଲ୍‌ଥ ସପ୍ଲିମେଣ୍ଟସ୍ ବିଭାଗ) ଅମିତ ଗର୍ଗ କହିଛନ୍ତି, ଆମେ ଆମର ନୂତନ ଅଭିଯାନର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏକ ଆୟୁର୍ବେଦିକ ବ୍ରାଣ୍ଡ ଭାବେ ଆମେ ସର୍ବଦା ହିତାଧିକାରୀଙ୍କ ହିତ ସାଧନ ପାଇଁ ପ୍ରୟାସ କରିଥାଉ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋରସ ଆମିଷ,**
**ଏକାଠେଇଁ ବିଷ।**

ଗୋରସର ଅର୍ଥ କ୍ଷୀର ବା ଦୁଗ୍ଧ। କ୍ଷୀର ସହିତ ଆମିଷ ଖାଦ୍ୟ ବିଷ ସଦୃଶ ହୋଇଥିବାବେଳେ ଏପରି ଖାଦ୍ୟ ଖାଇବା ନେଇ ଏଠାରେ ବାରଣ କରାଯାଇଛି।

**ଗାଁ ପରିମଳ ଧୋବାତୁଠରୁ ଦିଶେ,**
**ବନ୍ଧୁ ପରିଗୁଣ ଅଧ ବାଟରୁ ହସେ,**
**ବୋହୂ ପରିଗୁଣ ନିତି ପରଷେ,**
**ପୁଅ ପରିଗୁଣ ବାପକୁ ପୋଷେ।**

ଧୋବା ତୁଠରୁ ଗାଁର ପରିଚ୍ଛନ୍ନତା ବିଷୟରେ ସମ୍ୟକ ଧାରଣା ସୃଷ୍ଟି ହୁଏ। ବନ୍ଧୁର ମହତ୍ତ୍ୱ ତା'ର ପ୍ରାରମ୍ଭିକ ଆଚରଣରୁ ହିଁ ଜଣାପଡ଼ିଯାଏ। ସମସ୍ତଙ୍କୁ ମିଠା କଥା କହି ଆପଣାର କରିବା ସହ ସମସ୍ତଙ୍କ ମନ ଜାଣି ନିତି ରାନ୍ଧିବାଢ଼ି ପରଷି ଦେଉଥିବା ବୋହୂ ଉତ୍ତମ ବୋହୂର ମାନ୍ୟତା ପାଇଥାଏ। ସେହିପରି ବୃଦ୍ଧ ମାତାପିତାଙ୍କ ଭରଣପୋଷଣ ତଥା ସେବା ଯତ୍ନ ନେଉଥିବା ପୁତ୍ର ହିଁ ଶ୍ରେଷ୍ଠ ପୁତ୍ରର ଆଖ୍ୟା ପାଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ପୁରୀ ବେଳାଭୂମିରେ ନିର୍ମିତ ଦେଶର ସବୁଜ ଶକ୍ତି ଯାତ୍ରା ସମ୍ପର୍କିତ ବାଲୁକାକଳା। ୨୦୦ ଗିଗାୱାଟ ଅକ୍ଷୟଶକ୍ତି ମାଇଲଖୁଣ୍ଟ ଅତିକ୍ରମ କରିବାରେ ଭାରତର ସଫଳତା ପାଳନ ଅବସରରେ ଏହି ବାଲୁକା କଳା ପ୍ରଦର୍ଶନ କରାଯାଉଛି।

# ବାହ୍ୟ ଚାପର ବଶବର୍ତ୍ତୀ ନ ହୁଅନ୍ତୁ ନ୍ୟାୟିକ ଅଧିକାରୀ: ବାଚସ୍ପତି

**ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀ (ଶିକ୍ଷାନବୀସ)ଙ୍କ ଜ୍ଞାନସଂସ୍କାର କାର୍ଯ୍ୟକ୍ରମ**

ଭୁବନେଶ୍ୱର,୧୪।୧୧(ଅନିଲ ଦାସ)

ବିଧାନ ପାଳିକା ଓ ନ୍ୟାୟପାଳିକା ପରସ୍ପର ପରିପୂରକ। ଗ୍ରାମସ୍ତରୀୟ ନ୍ୟାୟାଳୟଠାରୁ ଆରମ୍ଭ କରି ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଜନସାଧାରଣ କିପରି ଠିକ୍ ନ୍ୟାୟ ପାଇପାରିବେ ସେଥିପ୍ରତି ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେବା ଉଚିତ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ବିଧାନସଭା ସମ୍ମିଳନୀ କକ୍ଷରେ ଆୟୋଜିତ ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀ, ଶିକ୍ଷାନବୀସଙ୍କ ନିମନ୍ତେ ଜ୍ଞାନସଂସ୍କାର କାର୍ଯ୍ୟକ୍ରମରେ ଅଧକ୍ଷତା କରି ବାଚସ୍ପତି କହିଛନ୍ତି, ସମାଜରେ ସାଧାରଣ ଲୋକଟିଏ ପାଖରେ ନ୍ୟାୟ ପହଞ୍ଚି ପାରିଲେ ତା' ମୁହଁରେ ହସ ଫୁଟିପାରିବ। ବିଚାର ବିଭାଗୀୟ ଅଧିକାରୀମାନେ ନ୍ୟାୟିକ ପ୍ରକ୍ରିୟାରେ କୌଣସି ବାହ୍ୟ ଚାପର ବଶବର୍ତ୍ତୀ ନ ହୋଇ ସମ୍ବେଦନଶୀଳ ହୋଇ ସକାରାତ୍ମକ ଭାବଧାରାରେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ପାଇଁ ଆଗେଇ ଆସିବା ଉଚିତ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ତଥା ପରିବର୍ତ୍ତନ ଆଣିବା ପାଇଁ ସରକାର ସଂକଳ୍ପବଦ୍ଧ। ରାଜ୍ୟରେ ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରି ନାରୀମାନଙ୍କ କ୍ଷେତ୍ରରେ ଯେଉଁ ଅପରାଧ ସଂଗଠିତ ହେଉଛି ସେ କ୍ଷେତ୍ରରେ ଦୋଷୀକୁ ତୁରନ୍ତ ଦଣ୍ଡ ପ୍ରଦାନ ପାଇଁ ସରକାର ଉଦ୍ୟମ କରୁଛନ୍ତି। ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା ସହ ଆଇନ କମିଶନ୍ ବସାଇ ଆବଶ୍ୟକ ପଡୁଥିବା ଆଇନର ସଂସ୍କାର ଓ ସଂଶୋଧନ ଅଣାଯିବ। ଦୁର୍ଗମ ଅଞ୍ଚଳ ତଥା ନିରକ୍ଷର ଲୋକମାନଙ୍କୁ ନ୍ୟାୟିକ ପ୍ରକ୍ରିୟାରେ ସହାୟତା କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ଜ୍ଞାନସଂସ୍କାର କାର୍ଯ୍ୟକ୍ରମରେ ଯୋଗଦେଇ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ କହିଛନ୍ତି, ଗଣତନ୍ତ୍ରର ୩ ପ୍ରମୁଖ ଅନୁଷ୍ଠାନ ମଧ୍ୟରୁ ବିଧାନସଭା ନିଷ୍ଠାପର ଭାବେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ବ୍ୟବସ୍ଥାର ରକ୍ଷକ ଭାବେ କାର୍ଯ୍ୟକରି ଆସୁଅଛି। ଠିକ୍ ନ୍ୟାୟ ନିର୍ଣ୍ଣୟ କରିବା, ନ୍ୟାୟିକ ବ୍ୟବସ୍ଥାର ସୁପରିଚାଳନା ସହ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା ଦିଗରେ ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀମାନେ ବ୍ରତୀ ହେବା ଉଚିତ।

ଏହି ଅବସରରେ ଓଡ଼ିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ସାହୁ, ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର, ଓଡ଼ିଶା ଜୁଡ଼ିସିଆଲ୍ ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ୍ କୁମାର ମିଶ୍ର, ବିଧାନସଭାର ଯୁଗ୍ମ ସଚିବ ସତୀଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀ, ଶିକ୍ଷାନବୀସମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ୫୪ ଜଣ ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀ, ଶିକ୍ଷାନବୀସ ବିଧାନସଭାର ବିଭିନ୍ନ କାର୍ଯ୍ୟପଦ୍ଧତି ଓ କାର୍ଯ୍ୟଧାରା ବିଷୟରେ ଅବଗତ ହୋଇଥିଲେ।

# ତ୍ରିବିକ୍ରମ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୧୪।୧୧(ଅଜିତ୍ କୁମାର ମହାନ୍ତି)

ପବିତ୍ର କାର୍ତ୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ବା ପଞ୍ଚୁକର ତୃତୀୟ ଦିବସ ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଆଡ଼କିଆ ବା ତ୍ରିବିକ୍ରମ ବେଶ ସମ୍ପନ୍ନ ହୋଇଛି। ଏହି ଦୁର୍ଲଭ ବେଶ ଦର୍ଶନ କରିବା ନିମନ୍ତେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଦାରୁବିଗ୍ରହମାନଙ୍କ ଅବକାଶ ନୀତି ଶେଷ ହେବା ପରେ ତ୍ରିବିକ୍ରମ ବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ବେଶ ସମ୍ପାଦନ କରିଥିଲେ। ଆଡ଼କିଆ ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ମସ୍ତକରେ ଚୂଳ ଲାଗି କରାଯାଇଥିଲା। ଦୁଇଟି ସୋଲ, କନା, ବେତ, ଜମ୍ବୁରା, କଇଁଥ ଅଠା ଇତ୍ୟାଦିରେ ଚୂଳ ତିଆରି ହୋଇଥିଲା। ଏହି ଚୂଳରେ ସ୍ୱର୍ଣ୍ଣ ନିର୍ମିତ କିଆ ଆଡ଼ବାଗରେ ଖୋସାଯାଇଥିଲା। ଦେବୀ ସୁଭଦ୍ରା ଓ ଦୁଇଠାକୁରଙ୍କ ମସ୍ତକ ଶୀର୍ଷଭାଗରେ ସ୍ୱର୍ଣ୍ଣଚନ୍ଦ୍ରିକା ଖଞ୍ଜାଯାଇଥିଲା। ଏଥିସହିତ ପୂର୍ବଦିନ ପରି ଅନ୍ୟାନ୍ୟ ସ୍ୱର୍ଣ୍ଣ ଅଳଙ୍କାର ଓ ହଳ, ମୂଷଳ, ଶଙ୍ଖ, ଚକ୍ର ଏବଂ ପାଟବସ୍ତ୍ର ଇତ୍ୟାଦିରେ ଠାକୁରମାନଙ୍କୁ ଆଡ଼କିଆ ବା ତ୍ରିବିକ୍ରମ ବେଶରେ ଭୂଷିତ କରାଯାଇଥିଲା।







ଧରିତ୍ରୀ 50 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫/୨୦୨୪ Bhubaneswar, Friday, November 15/ 2024

# ସ୍ୱସ୍ତିକଙ୍କ ଶତକ ସମ୍ମାନ ରଖିଲା

**ଭୁବନେଶ୍ୱର, ୧୪।୧୧ (ତପନ ସ୍ୱାଇଁ)**

ଯୁବ ଓପନର ସ୍ୱସ୍ତିକ ସାମଲଙ୍କ ଶତକ ଓଡ଼ିଶାର ସମ୍ମାନ ରଖିଛି। କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ମହାରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ନିଜ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳି ଓଡ଼ିଶାକୁ ପ୍ରଥମ ଇନିଂସ ଅଗ୍ରଣୀ କରିଛନ୍ତି ଏହି ଯୁବ ଓପନର। ଭଲ ଆରମ୍ଭ ସତ୍ତ୍ୱେ ଅନ୍ୟ ବ୍ୟାଟରଙ୍କ ଖରାପ ପ୍ରଦର୍ଶନ ଯୋଗୁ ଓଡ଼ିଶା ପ୍ରଥମ ଇନିଂସ ୨୦୦ ରନରେ ସୀମିତ ରହି ଯାଇଥିଲା। ତେବେ ମହାରାଷ୍ଟ୍ର ପ୍ରଥମ ଇନିଂସରେ

**ରଣଜୀ ଟ୍ରଫି**

୧୬୨ ରନ କରିଥିବାରୁ ଓଡ଼ିଶାକୁ ମୂଲ୍ୟବାନ ୩୮ ରନର ଅଗ୍ରଣୀ ମିଳି ଯାଇଥିଲା। ଗୁରୁବାର ଷ୍ଟମ୍ପ ବେଳକୁ ମହାରାଷ୍ଟ୍ର ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୭୮ ରନ କରିଛି। ଫଳରେ ୭ ଉଇକେଟ ଥାଇ ଏହି ଦଳ ୪୦ ରନରେ ଆଗୁଆ ହୋଇଛି। ଆହୁରି ୨ ଦିନ ବାକିଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ନିଶ୍ଚିତ ହୋଇଛି।


ଶତକ ହାସଲ ପରେ ଓଡ଼ିଶାର ସ୍ୱସ୍ତିକ ସାମଲ।

## ସ୍ମରଣୀୟ ଇନିଂସ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୯୯/୧ରୁ ଓଡ଼ିଶା ଖେଳ ଆରମ୍ଭ କରିଥିଲା। ତେବେ ସ୍ୱସ୍ତିକଙ୍କ ସହ ଅପରାଜିତ ରହିଥିବା ସନ୍ଦୀପ ପଟ୍ଟନାୟକ ଦ୍ୱିତୀୟ ଦିବସର ପ୍ରଥମ ବଲ୍‌ରେ ପୂର୍ବଦିନର ସ୍କୋର ୪୧ ରନରେ ଆଉଟ ହୋଇଯିବାରୁ ଓଡ଼ିଶାର ବଡ଼ ସ୍କୋର ଆଶାରେ ବ୍ରେକ୍ ଲାଗିଥିଲା। କାରଣ ମିଡିଲ ଅର୍ଡର ବ୍ୟାଟରମାନେ ଅତି ଆଶ୍ଚର୍ଯ୍ୟଜନକ ଭାବେ ମହାରାଷ୍ଟ୍ର ବୋଲରଙ୍କୁ ମୁକାବିଲା କରିବାରେ ବିଫଳ ହେଲେ। ଗୋଟିଏ ପଟରେ ସ୍ୱସ୍ତିକ ଲଢ଼େଇ ଜାରି ରଖିଥିବାବେଳେ ଅନ୍ୟପଟରେ ଆଶୀର୍ବାଦ ସ୍ୱାଇଁ ୧୫, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧, ରାଜେଶ ଧୂପର ୧୧, ସୁନୀଲ ରାଉଳ ୩ ରନ କରି ଏବଂ କାର୍ତ୍ତିକ ବିଶ୍ୱାଳ, ସୂର୍ଯ୍ୟକାନ୍ତ ପ୍ରଧାନ ଓ ତରନୀ ସା ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ସତ୍ତ୍ୱେ ଧୈର୍ଯ୍ୟ ନ ହରାଇ ନିଜ ଇନିଂସକୁ ସ୍ମରଣୀୟ କରିଥିଲେ ସ୍ୱସ୍ତିକ। ସେ ପ୍ରଥମଶ୍ରେଣୀ କ୍ରିକେଟରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ପୂର୍ବରୁ ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବାଧିକ ସ୍କୋର ଥିଲା ୩୮ ରନ। ଚଳିତବର୍ଷ ଫେବୃଆରୀରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ସେ ପ୍ରଥମ ଇନିଂସରେ ଏହି ୩୮ ରନ ସଂଗ୍ରହ କରିଥିଲେ। ବାରବାଟୀରେ ୨୪୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ୱସ୍ତିକ ୯ ଚୌକା ଓ ୨ ଛକା ସହାୟତାରେ ୧୧୮ ରନ କରିଥିଲେ। ମହାରାଷ୍ଟ୍ର ବାମହାତୀ ସ୍ପିନର ହିତେଶ ୱାଲୁଞ୍ଜଙ୍କ ବଲ୍‌ରେ ବୋଲ୍ଡ ହେବାସହ ତାଙ୍କର ଏହି ମୂଲ୍ୟବାନ ଇନିଂସର ପରିସମାପ୍ତି ଘଟିଥିଲା। ମହାରାଷ୍ଟ୍ର ବୋଲରଙ୍କ ମଧ୍ୟରେ ରଜନିଶ ଗୁରବାନି ଓ ରାମକୃଷ୍ଣ ଘୋଷ ୩ଟି ଲେଖାଏ, ସତ୍ୟଜିତ ବଚଭ ୨ଟି ଏବଂ ହିତେଶ ଓ ପ୍ରଶାନ୍ତ ସୋଲାଙ୍କି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମହାରାଷ୍ଟ୍ର ପ୍ରଥମ ଇନିଂସ: ୧୬୨। ଓଡ଼ିଶା ପ୍ରଥମ ଇନିଂସ: ୨୦୦/ଅଲ୍‌ଆଉଟ (ସ୍ୱସ୍ତିକ ସାମଲ-୧୧୮, ସନ୍ଦୀପ ପଟ୍ଟନାୟକ-୪୧, ରଜନିଶ ଗୁରବାନି-୩/୩୮, ରାମକୃଷ୍ଣ ଘୋଷ-୩/୫୦, ସତ୍ୟଜିତ ବଚଭ-୨/୫୦, ହିତେଶ ୱାଲୁଞ୍ଜ-୧/୩୨, ପ୍ରଶାନ୍ତ ସୋଲାଙ୍କି-୧/୨୨)। ମହାରାଷ୍ଟ୍ର ଦ୍ୱିତୀୟ ଇନିଂସ: ୭୮/୩ (ସଚିନ ଧସ-୩୮, ତରନୀ ସା-୨/୨୭, ଗୋବିନ୍ଦ ପୋଦ୍ଦାର-୧/୧୭)।

# କୌଥାଙ୍କର-ବାକ୍‌ଲେଙ୍କ ରଣଜୀ ରେକର୍ଡ

**ପୋର୍ଭୋରିମ୍, ୧୪।୧୧ (ପି.ଟି.):** ଗୋଆର ସ୍ନେହାଲ କୌଥାଙ୍କର ଓ କାଶ୍ୟପ ବାକ୍‌ଲେ ତ୍ରିଶତକ ହାସଲ କରିବା ସହ ରଣଜୀ ଟ୍ରଫିରେ ସର୍ବାଧିକ ପାର୍ଟନରଶିପ୍ ଗଢ଼ିବାରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଦୁହିଁଙ୍କ ୬୦୬ ରନର ଭାଗୀଦାରି ବଳରେ ଗୋଆ ରଣଜୀ ଟ୍ରଫିର ପ୍ଲେଟ ଗ୍ରୁପ୍ ମ୍ୟାଚରେ ଏକ ଇନିଂସ ଓ ୫୫୧ ରନରେ ଅରୁଣାଚଳ ପ୍ରଦେଶକୁ ହରାଇ ଦେଇଛି। କୌଥାଙ୍କର ୩୧୪ ଓ ବାକ୍‌ଲେଙ୍କ ୩୦୦ ରନ ବଳରେ ଗୋଆ ୭୨୭/୨ରେ ଇନିଂସ ଘୋଷଣା କରିଥିଲା। ଅନ୍ୟପକ୍ଷରେ ପ୍ରଥମ ଇନିଂସରେ ୮୪ ରନ କରିଥିବା ଅରୁଣାଚଳ ପ୍ରଦେଶ ଦ୍ୱିତୀୟ ଇନିଂସରେ ୯୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ପାର୍ଟନରଶିପ୍ ଅବସରରେ କୌଥାଙ୍କର ଓ ବାକ୍‌ଲେ ଅନେକ ରେକର୍ଡର ଅଧିକାରୀ ହୋଇଥିଲେ। ପୂର୍ବରୁ ୨୦୧୬ରେ ଦିଲ୍ଲୀ ବିପକ୍ଷରେ ମହାରାଷ୍ଟ୍ରର ଏସ.ଏମ. ବାଘଲେ ଓ ଏ.ଆର. ବାୱ୍ନେ ୫୯୪ ରନ ଭାଗୀଦାରି ଗଢ଼ି ରେକର୍ଡର ଅଧିକାରୀ ଥିଲେ। ରଣଜୀ ଟ୍ରଫିର ଗୋଟିଏ ଇନିଂସରେ ୨ ବ୍ୟାଟର ତ୍ରିଶତକ ହାସଲ କରିବା ଏହାଥିଲା ଦ୍ୱିତୀୟ ଦୃଷ୍ଟାନ୍ତ। ପୂର୍ବରୁ ୧୯୮୯ରେ ଗୋଆ ବିପକ୍ଷରେ ତାମିଲନାଡୁର ଡବ୍ଲ୍ୟୁ.ଭି. ରମଣ ଓ ଅର୍ଜୁନ କ୍ରିପାଲ ସିଂ ଯଥାକ୍ରମେ ୩୧୩ ଓ ୩୦୨ ରନ ସ୍କୋର କରିଥିଲେ। ୬୦୬ ରନ ପାର୍ଟନରଶିପ୍ ଉପରକୁ କେବଳ ଥରେ ୨୦୦୬ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ରେ ଶ୍ରୀଲଙ୍କାର କୁମାର ସଙ୍ଗକାରା ଓ ମାହେଲା ଜୟବର୍ଦ୍ଧନେ ୬୨୪ ରନ କରିବାର ରେକର୍ଡ ରଖିଛନ୍ତି। ଗୋଆର ୭୨୭ ରନ ପ୍ଲେଟ ଡିଭିଜନରେ ଦ୍ୱିତୀୟ ସର୍ବାଧିକ ସ୍କୋର। ୨୦୧୮ରେ ସିକିମ ବିପକ୍ଷରେ ମେଘାଳୟ ୮୨୬ ରନକରି ରେକର୍ଡର ଅଧିକାରୀ ଅଛି।

# ସେମିଫାଇନାଲରେ ଭାରତ

**ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

## ଦୀପିକାଙ୍କ ୫ ଗୋଲ, ଥାଇଲାଣ୍ଡକୁ ୧୩-୦ରେ ହରାଇଲା

**ରାଜଗିର, ୧୪।୧୧**

ବିହାରର ରାଜଗିରଠାରେ ଚାଲିଥିବା ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ତୃତୀୟ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ମାଲେସିଆକୁ ୪-୦ ଓ ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ କୋରିଆକୁ ୩-୨ରେ ହରାଇଥିବା ଭାରତ ଗୁରୁବାର ଥାଇଲାଣ୍ଡକୁ ସମ୍ପୂର୍ଣ୍ଣ ଏକପାଖିଆ ଖେଳରେ ୧୩-୦ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ତାରକା ଫରୱାର୍ଡ ଦୀପିକା ସେରାୱତ ୩, ୧୯, ୪୩ ଏବଂ ୪୫ତମ ମିନିଟରେ ୨ଟି ଏହିପରି ମୋଟ ୫ ଗୋଲ ସ୍କୋର କରିଛନ୍ତି। ପ୍ରୀତି ଦୁବେ ୯ ଓ ୪୦, ଲାଲରେମସିଆମି ୧୨ ଓ ୫୬, ବିୟୁଟି ଡୁଙ୍ଗଡୁଙ୍ଗ ୩୦ ଓ ୫୩ତମ ମିନିଟରେ ୨ଟି ଲେଖାଏ ଏବଂ ଈଶିକା ଚୌଧାରୀ ୫୫ ଓ ଶର୍ମିଳା ଦେବୀ ୫୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଭାରତ ୩ ମ୍ୟାଚରୁ ୯ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟତମ ସେମିଫାଇନାଲିଷ୍ଟ ଚାଇନା ମଧ୍ୟ ୯ ପଏଣ୍ଟ ପାଇଛି। ତେବେ ଗୋଲ ବ୍ୟବଧାନରେ ଚାଇନା ଶୀର୍ଷସ୍ଥାନ ଅଧିକାର କରିଛି। ୩ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ମାଲେସିଆ ୩, ଜାପାନ ୨ ଏବଂ ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ ୧ ପଏଣ୍ଟ ଲେଖାଏ ପାଇଛନ୍ତି। ଶୀର୍ଷ ୪ ଦଳ ସେମିଫାଇନାଲ ଖେଳିବା ନିୟମ ରହିଥିବାରୁ ଭାରତ ଥୁ କରିବା ନିଶ୍ଚିତ ହୋଇଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୧୬ ତାରିଖରେ ଚାଇନାକୁ ଭେଟିବ। ଏହି ମ୍ୟାଚ ପରେ କେଉଁ ଦଳ ଟେବୁଲର ଶୀର୍ଷରେ ରହି ସେମିଫାଇନାଲ ଖେଳିବ ତାହା ସ୍ପଷ୍ଟ ହେବ।


ଥାଇଲାଣ୍ଡ ବିପକ୍ଷରେ ୫ ଗୋଲ ଦେଇଥିବା ଭାରତର ଦୀପିକା ସେରାୱତ।

### ଚାଇନାର ତୃତୀୟ ବିଜୟ

ଭାରତ ପରି ଚାଇନା ମଧ୍ୟ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଗୁରୁବାର ଏହି ଦଳ ଜାପାନକୁ ୨-୧ ଗୋଲରେ ହରାଇ ସେମିଫାଇନାଲ ଖେଳିବା ନିଶ୍ଚିତ କରିଛି। ଚାଇନା ଏହା ପୂର୍ବରୁ ଥାଇଲାଣ୍ଡକୁ ୧୫-୦ ଓ ମାଲେସିଆକୁ ୫-୦ରେ ପରାସ୍ତ କରିଥିଲା। ଅନ୍ୟଏକ ମ୍ୟାଚରେ ମାଲେସିଆ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ପ୍ରଥମ ବିଜୟ ସ୍ୱାଦ ଚାଖିଛି।

# ଶ୍ରେୟଂସ, ମୋକ୍ଷିତଙ୍କ ଶତକ

**ବରଗଡ଼, ୧୪।୧୧**
**(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଚାଲିଥିବା ମେଘାଳୟ ବିପକ୍ଷ ୧୯ବର୍ଷରୁ କମ୍ କୁଚ ବିହାର ଟ୍ରଫିର ଗୁରୁବାର ଦ୍ୱିତୀୟ ଦିବସରେ ଓଡ଼ିଶା ଦଳ ବୁଧବାରର ଅସମାପ୍ତ ସ୍କୋର ୧୮୬/୩ ରନରୁ ଖେଳ ଆରମ୍ଭ

**କୁଚ୍‌ବିହାର ଟ୍ରଫି**

**■ ୪୨୪/୯ରେ ଓଡ଼ିଶାର ପ୍ରଥମ ପାଳି ଘୋଷଣା**

କରି ଗୁରୁବାର ୪୨୪/୯ ରନରେ ପାଳି ସମାପ୍ତି ଘୋଷଣା କରିଛି। ୫୩ ରନରେ ଅପରାଜିତ ଥିବା ଅଧିନାୟକ ଶ୍ରେୟଂସ ଭରଦ୍ୱାଜ ୧୧ ଚୌକା, ୧ ଛକା ସହ ୧୦୩ ଓ ପାଙ୍କାଲା ମୋକ୍ଷିତ ୧୩ ଚୌକା, ୩ ଛକା ସହ ୧୧୬ ରନ କରିଛନ୍ତି। ମେଘାଳୟ ଦଳ ପକ୍ଷରୁ ଏମ.ଗୁପ୍ତା ୫ ଉଇକେଟ ସଫଳତା ପାଇଥିବାବେଳେ ସାବିଆନ ଓ ଜି.ଜେ. ଠାକୁରିଆ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ମେଘାଳୟ ଦଳ ତା'ର ଦ୍ୱିତୀୟ ପାଳି ଆରମ୍ଭ କରି ଗୁରୁବାର ଦ୍ୱିତୀୟ ଦିବସର ଖେଳ ଶେଷ ସୁଦ୍ଧା ୨ଉଇକେଟ ହରାଇ ୮୪ ରନ କରିଛି। ଦଳ ପକ୍ଷରୁ ଶୁଭମ୍ ୩୭ ରନ ଓ ଜି. ନାର୍ଲେଂ ୨୨ ରନ କରି ଅପରାଜିତ ରହିଛନ୍ତି। ଦଳ ଓଡ଼ିଶାର ପ୍ରଥମ ପାଳିଠାରୁ ଆହୁରି ୨୪୪ ରନ ପଛରେ ରହିଛି।


ପାଙ୍କାଲା ମୋକ୍ଷିତ


ଶ୍ରେୟଂସ ଭରଦ୍ୱାଜ

**ରାଜ୍ୟ ର୍‍ୟାଙ୍କିଙ୍ଗ୍ ସ୍ନୁକର**

# ସୁବ୍ରତ-ଆଶୁତୋଷ ଫାଇନାଲ

**ଭୁବନେଶ୍ୱର, ୧୪।୧୧ (ତପନ ସ୍ୱାଇଁ):** ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଚାଲିଥିବା ୩୦ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ସିନିୟର ସ୍ନୁକର ପ୍ରତିଯୋଗିତାର ଫାଇନାଲ ଗୁରୁ-ଶିଷ୍ୟ ସୁବ୍ରତ ଦାସ ଓ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସୁବ୍ରତ ୫-୪ ଫ୍ରେମ୍‌ରେ ଚିରାଗ ଆରୋରାଙ୍କୁ ପରାସ୍ତ କରିଛନ୍ତି। ମୁକାବିଲା ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ସୁବ୍ରତ ନିଜ ଅଭିଜ୍ଞତାର ଉପଯୋଗକରି ବିଜୟ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ସେମିରେ ଆଶୁତୋଷ ୫-୨ରେ ରାକେଶ ରୋଶନ ପ୍ରଧାନଙ୍କୁ ହରାଇ ଦେଇଛନ୍ତି।

# ଶୁଭେନ୍ଦୁ ଓଡ଼ିଶାର ପ୍ରଥମ ପ୍ରୋ-ଲାଇସେନ୍ସ କୋଚ୍

**ଭୁବନେଶ୍ୱର, ୧୪।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଫୁଟବଲ ପାଇଁ ଗୁରୁବାର ଆସିଛି ଏକ ଭଲ ଖବର। ରାଜ୍ୟର ପ୍ରଥମ କୋଚ୍‌ଭାବେ ଏଏଫ୍‌ସି ପ୍ରୋ-ଲାଇସେନ୍ସ ହାସଲ କରିଛନ୍ତି ଶୁଭେନ୍ଦୁ ପଣ୍ଡା। ସେ ପୂର୍ବରୁ ୫ ବର୍ଷ ଧରି ଭାରତୀୟ ୧୫, ୧୭ ଓ ୧୯ ବର୍ଷରୁ କମ୍ ଫୁଟବଲ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରି ସାରିଛନ୍ତି। ଏଏଫ୍‌ସି ପ୍ରୋ-ଲାଇସେନ୍ସ ହାସଲ ଦ୍ୱାରା ସେ ଏଣିକି ଯେ କୌଣସି ପେସାଦାର କ୍ଲବ ଏବଂ ଜାତୀୟ ଦଳର ମୁଖ୍ୟ କୋଚ୍ ହୋଇପାରିବେ। "୨୦୧୧ରେ 'ସି' ଲାଇସେନ୍ସରୁ ଏବେ ପ୍ରୋ-ଲାଇସେନ୍ସ ପାଇଁ ମୋତେ ଦୀର୍ଘ ୧୩ ବର୍ଷ ଲାଗିଛି। ତେଣୁ ଏହି କୋର୍ସ କେତେ କଷ୍ଟସାଧ୍ୟ ଏଥିରୁ ଅନୁମେୟ। ସେଥିପାଇଁ ସାରା ଭାରତରେ ଏପର୍ଯ୍ୟନ୍ତ ମାତ୍ର ୪୭ ଜଣ ଏହି ଲାଇସେନ୍ସ ପାଇବାରେ ସକ୍ଷମ ହୋଇଛନ୍ତି। ଓଡ଼ିଶା ପ୍ରଥମ ବ୍ୟକ୍ତିଭାବେ ମୁଁ ଏଏଫ୍‌ସି ପ୍ରୋ-ଲାଇସେନ୍ସ ହାସଲ କରିଥିବାରୁ ଗର୍ବ ଅନୁଭବ କରୁଛି" ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, କୋର୍ସର ପଞ୍ଚମ ମଡ୍ୟୁଲ(ଇଣ୍ଟରନ୍ୟାଶନାଲ ଏକ୍ସପୋଜର) କରିବା ପାଇଁ ଶୁଭେନ୍ଦୁ ଗତ ସେପ୍ଟେମ୍ବର ୨୬ରେ ସୌଦୀ ଆରବ ଯାତ୍ରା ଯାଇଥିଲେ। ସେଠାରେ ସେ ଅକ୍ଟୋବର ୩ ପର୍ଯ୍ୟନ୍ତ ଏହି କୋର୍ସର ପାଠ୍ୟକ୍ରମ କରିଥିଲେ। ଏହା ପୂର୍ବରୁ ଶୁଭେନ୍ଦୁ ଏଏଫ୍‌ସି-ପ୍ରୋ ଲାଇସେନ୍ସର ଚାରୋଟି ମଡ୍ୟୁଲ ଚଣ୍ଡିଗଡ଼, ଭୁବନେଶ୍ୱର, ଗୋଆ ଏବଂ ଆଭାସୀରେ ସଫଳତାର ସହ ଶେଷ କରିଥିଲେ। ଏହି ଲାଇସେନ୍ସ ହାସଲ କରିବାରେ ଶୁଭେନ୍ଦୁ ହେଉଛନ୍ତି ଓଡ଼ିଶାର ପ୍ରଥମ ଓ ଏକମାତ୍ର କୋଚ। ଭାରତରେ ମାତ୍ର ୪୭ ଜଣ ପ୍ରୋ-ଲାଇସେନ୍ସ ହାସଲ କରିଥିବାବେଳେ ଶୁଭେନ୍ଦୁ ଏହି ଏଲିଟ କ୍ଲବରେ ନିଜକୁ ସାମିଲ କରିଛନ୍ତି। ଭାରତୀୟ ଦଳରେ ବିଭିନ୍ନ ବୟସ ବର୍ଗରେ ୫ ବର୍ଷ ମୁଖ୍ୟ କୋଚ ଭାବେ କାର୍ଯ୍ୟ କରିବା ସମୟରେ ସେ ୧୫ ବର୍ଷରୁ କମ୍ ସାଫ ଚାମ୍ପିୟନଶିପରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ଜିତାଇବାରେ ବଡ଼ ଭୂମିକା ନିର୍ବାହ କରିଥିଲେ। ସେହିପରି ୧୯ ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତ ପାଇଁ ଗୌରବ ଅର୍ଜନ କରିଥିଲେ। ଶୁଭେନ୍ଦୁ ସମ୍ପ୍ରତି ଓଡ଼ିଶା ସରକାରଙ୍କ ସ୍ପୋର୍ଟ୍ସ ଓଡ଼ିଶା ଟିମ୍‌ର ବୈଷୟିକ ନିର୍ଦ୍ଦେଶକ ତଥା ହେଡ ଅଫ ୟୁଥ ଡେଭେଲପ୍‌ମେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୭ରୁ ୨୦୨୩ ମଧ୍ୟରେ ଓଡ଼ିଶା ଫୁଟବଲ ଭିତ୍ତିଭୂମିର ବ୍ୟାପକ ରୂପାନ୍ତରଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପ୍ରୋ-ଲାଇସେନ୍ସ ହାସଲ ପାଇଁ ଶୁଭେନ୍ଦୁଙ୍କୁ ଦେଶ ବିଦେଶରୁ ବହୁ ଖ୍ୟାତନାମା ଫୁଟବଲ ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ସମୀର ଦେ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସଦସ୍ୟମାନେ ଶୁଭେନ୍ଦୁଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।


ଶୁଭେନ୍ଦୁ ପଣ୍ଡା

# ଚତୁର୍ଥ ଟି୨୦ ଆଜି

**ଜୋହାନ୍ସବର୍ଗ, ୧୪।୧୧ (ପି.ଟି.):** ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଚତୁର୍ଥ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ଏଠାରେ ଶୁକ୍ରବାର ହେବ। ସିରିଜରେ ଭାରତ ୨-୧ରେ ଆଗୁଆ ରହିଛି। ବର୍ତ୍ତମାନ ରିଙ୍କୁ ସିଂଙ୍କ ଫର୍ମ ଓ ବ୍ୟାଟିଂ ପୋଜିଶନ ଭ୍ରମଣକାରୀ ଦଳ ପାଇଁ ଏବେ ଏକ ଚିନ୍ତାର ବିଷୟ ହୋଇଛି। ସଞ୍ଜୁ ସାମସନ ଓ ତିଲକ ବର୍ମା ଇତିମଧ୍ୟରେ ଶତକ ହାସଲ କରିଛନ୍ତି। ଏହା ସତ୍ତ୍ୱେ ୩-୧ରେ ସିରିଜ ଜିତିବାକୁ ହେଲେ ଶୁକ୍ରବାର ମ୍ୟାଚରେ ଦଳଗତ ପ୍ରଦର୍ଶନର ଆବଶ୍ୟକତା ରହିଛି। ଦି ୱାଣ୍ଡରର୍ସ 'ବୁଲ୍ ରିଙ୍ଗ' ପିଚ୍ ସବୁବେଳେ ଭାରତୀୟ ଦଳକୁ ସୁହାଇ ଆସିଛି। ଏଠାରେ ୨୦୦୭ରେ ପାକିସ୍ତାନକୁ ହରାଇ ଭାରତ ଟି୨୦ ବିଶ୍ୱକପ୍ ଫାଇନାଲ ଜିତିଥିଲା। ବର୍ଷକ ପୂର୍ବେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଟି୨୦ ସିରିଜ ବେଳେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏହି ଷ୍ଟାଡିୟମରେ ଏକ ଶତକ ହାସଲ କରିଥିଲେ। ଦଳର ବିଜୟରେ ଏହା ସହାୟକ ହୋଇଥିଲା। ଭାରତୀୟ ଅଧିନାୟକଙ୍କ ବିଜୟ ପ୍ରତିଶତ ୮୧.୨୫ ରହିଛି। ଦଳ ଗତ ୧୬ଟି ମ୍ୟାଚରୁ ୧୩ଟିରେ ବିଜୟ ହାସଲ କରିଛି। ଗତ ସିରିଜ ୧-୧ରେ ଡ୍ର ରହିଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ